ବର୍ଷ-୨୬, ସଂଖ୍ୟା-୧୭୧
ଭୁବନେଶ୍ୱର
୨୭, ଜୁନ ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 171
Bhubaneswar
27, June, 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଓଡ଼ିଶା ଶିଳ୍ପ ନୀତିରେ ବଡ଼ ସଂଶୋଧନ

## ବଲାଙ୍ଗୀର, କଳାହାଣ୍ଡି ସହ ୧୫ ଜିଲ୍ଲାକୁ ମିଳିଲା 'ଥ୍ରଷ୍ଟ ସେକ୍ଟର ମାନ୍ୟତା, ଅଣ ଖଣିଜ ଶିଳ୍ପର ବିକାଶ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୬(ମହାଭାରତ): : ସିଆଇଆଇ - ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ନୂଆ ରୋଡ୍ ମ୍ୟାପ୍ ଉପସ୍ଥାପନ କରିଛନ୍ତି।

ଓଡ଼ିଶା ସହିତ ସମଗ୍ର ପୂର୍ବ ଭାରତର ରାଜ୍ୟ ଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆଜି ଏକ ଯୁଗାନ୍ତକାରୀ ନୂଆ ପ୍ଲାଟଫର୍ମ 'ଗୋ ଇଷ୍ଟ ଘୋଷଣା କରିଛନ୍ତି।

ଏହି ସମ୍ମିଳନୀରେ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଗୋ ଇଷ୍ଟ'ର ଅର୍ଥ ହେଉଛି 'ଗଭରମେଂଟ ଅଫ୍ ଓଡ଼ିଶା - ଇଷ୍ଟର୍ଣ୍ଣ ଇନଭେଷ୍ଟମେଂଟ ଆକ୍ସିଲେଟର ଆଣ୍ଡ ସ୍ପେଶାଲ ଟାସ୍କ ଫୋର୍ସ '।

ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଂଚଳ ଓ ପୂର୍ବୋତର ରାଜ୍ୟର ଶିଳ୍ପ ଗୋଷ୍ଠୀଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍ କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗ ପାଇବେ। ବିଗତ ୨ ବର୍ଷ ମଧ୍ୟରେ ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା ଏକ ବ୍ୟାପକ ସ୍ତରରେ ପହଂଚିଥିବା ବେଳେ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି।

ଏହି ସ୍ୱତନ୍ତ୍ର 'ଗୋ ଇଷ୍ଟ' ନୀତି ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବ, ଯାହା ସମସ୍ତ ନିବେଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ। ଏଥିସହିତ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ' ମଧ୍ୟରେ ଏକ ସମର୍ପିତ 'ଗୋ ଇଷ୍ଟ ସେଲ ' ଗଠନ କରାଯିବ। ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର ଗୋ ସ୍ୱିଫ୍ଟ' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ପଦକ୍ଷେପ ଫଳରେ ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ସର୍ବାଧିକ ପୁଞ୍ଜି ନିବେଶ ହେବା ସହ ସେଠାରେ ଅନେକ ନୂଆ ଇଣ୍ଡଷ୍ଟ୍ରିଆଲ୍ ଗ୍ରୋଥ ସେଂଟର (ଶିଳ୍ପ ବିକାଶ କେନ୍ଦ୍ର) ଗଢ଼ି ଉଠିବ, ଯାହା ସ୍ଥାନୀୟ ଅଞ୍ଚଳର ରୂପରେଖ ବଦଳାଇବ।

ଏହି ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍-୨୦୨୨ (ଆଇପିଆର -୨୦୨୨) ରେ କିଛି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଥିବା ନେଇ ସୂଚନା ଦେଇଛନ୍ତି। ଏହି ସଂଶୋଧନ ଦ୍ୱାରା ରାଜ୍ୟର ଆର୍ଥିକ ଅନଗ୍ରସର ଓ ପଛୁଆ ଅଂଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ ଟି ପ୍ରମୁଖ ଜିଲ୍ଲାରେ




ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏହି ଜିଲ୍ଲାଗୁଡ଼ିକୁ 'ଥ୍ରଷ୍ଟ ସେକ୍ଟର' ବା ଅଗ୍ରାଧିକାର ଶ୍ରେଣୀରେ ସାମିଲ କରାଯିବ, ଯାହା ଦ୍ୱାରା ରାଜ୍ୟରେ ସନ୍ତୁଳିତ ଆଞ୍ଚଳିକ ବିକାଶ ସମ୍ଭବ ହୋଇପାରିବ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସମସ୍ତ ଶିଳ୍ପଦ୍ୟୋଗୀ ମାନଙ୍କୁ କକହିଥିଲେ ଯେ, ବିଗତ କିଛି ଦଶନ୍ଧି ଧରି ଭାରତର ଅର୍ଥନୈତିକ ଅଭିବୃଦ୍ଧି ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ କରିଡର ଉପରେ ନିର୍ଭର କରୁଥିଲା। ମାତ୍ର ବର୍ତ୍ତମାନ ଭାରତର ବିକାଶ କାହାଣୀର ପରବର୍ତୀ ବଡ଼ ଅଧ୍ୟାୟ ପୂର୍ବ ଭାରତରେ ଲେଖାଯାଉଛି। ପ୍ରଚୁର ଖନିଜ ସଂସାଧନ, ବ୍ୟାପକ କୃଷି ସମ୍ଭାବନା, ଦୀର୍ଘ ତଟରେଖା ଏବଂ ଏକ ଯୁବ ତଥା ଆଶାବାଦୀ କାର୍ଯ୍ୟବଳ ଯୋଗୁଁ ଏହି ଅଞ୍ଚଳ ଦ୍ରୁତ ଗତିରେ ଆଗକୁ ବଢୁଛି। ଆମର ଲକ୍ଷ୍ୟ ହେଉଛି 'ସମୃଦ୍ଧ ଓଡ଼ିଶା ୨୦୩୬' ଭିଜନକୁ 'ବିକଶିତ ଭାରତ ୨୦୪୭' ସହିତ ଯୋଡ଼ି ରାଜ୍ୟକୁ ପୂର୍ବ ଭାରତର ସବୁଠାରୁ ନିବେଶକ-ଅନୁକୂଳ ସ୍ଥାନ ଭାବେ ଗଢ଼ିତୋଳିବା। ଏହି ରୂପାନ୍ତରଣ ଯାତ୍ରାରେ ଓଡ଼ିଶା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ପ୍ରକାଶ କରିଥିଲେ।

ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ ସ୍ତରରେ ନିଆଯାଇଥିବା ପଦକ୍ଷେପ ବାବଦରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ 'ଡିରେଗୁଲେସନ୍ ୧.୦' ଏବଂ '୨.୦' ମାଧ୍ୟମରେ ବଡ଼ ଧରଣର ସୁଧାର ଅଣାଯାଇଛି। ଏହାଦ୍ୱାରା ପୂର୍ବରୁ ଶିଳ୍ପ ପ୍ରତିଷ୍ଠା ପାଇଁ ଲାଗୁଥିବା ୪୦୦ ଦିନର ସମୟ ଏବେ କମି ୧୬୦ ଦିନରୁ କମ୍ ହୋଇଯାଇଛି ଏବଂ ଆଗକୁ ଏହାକୁ ୧୦୦ ଦିନରୁ କମ୍ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜୁନ୍ ୨୦୨୪ ଠାରୁ ଓଡ଼ିଶା ସରକାର ପ୍ରାୟ ୯.୫ ଲକ୍ଷ କୋଟି ଟଙ୍କାର ୪୭୭ଟି ପ୍ରୋଜେକ୍ଟକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୬ ଲକ୍ଷ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ। ଏଥିମଧ୍ୟରୁ ୩.୧୧ ଲକ୍ଷ କୋଟିରୁ ଅଧିକ ନିବେଶ ସହିତ ୧୫୨ଟି ପ୍ରୋଜେକ୍ଟର ଗ୍ରାଉଣ୍ଡିଂ ସରି ପ୍ରକଳ୍ପଗୁଡ଼ିକ ଉଦ୍‌ଘାଟନ ପର୍ଯ୍ୟାୟରେ ପହଞ୍ଚିଛି, ଯାହା ପ୍ରମାଣିତ କରୁଛି ଯେ ଓଡ଼ିଶା କେବଳ ନିବେଶ ଆକର୍ଷିତ କରୁନାହିଁ ବରଂ ସଫଳତାର ସହ ଏହାର ରୂପାୟନ ମଧ୍ୟ କରୁଛି।ଓଡ଼ିଶା ଏବେ କେବଳ ଖଣିଜ-ଭିତ୍ତିକ ଅର୍ଥନୀତିରେ ସୀମିତ ନ ରହି ଷ୍ଟିଲ, ଆଲୁମିନିୟମ, କେମିକାଲ୍ସ, ପେଟ୍ରୋକେମିକାଲ୍ସ (ପାରାଦୀପ ହବ୍) ସହ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଭଳି ଭବିଷ୍ୟତର ଉଦ୍ୟୋଗ ଉପରେ ଫୋକସ୍ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଶିଳ୍ପମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିଜ ଅଭିଭାଷଣରେ ରାଜ୍ୟର ଯୁବ ଶକ୍ତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଓଡ଼ିଶାରେ ଶିଳ୍ପ ଅନୁକୂଳ ନୀତି ସହିତ ଏକ ବଡ଼ ଏବଂ ଆଶାବାଦୀ ଯୁବ କାର୍ଯ୍ୟବଳ ରହିଛନ୍ତି। ସରକାର ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ଯୁବକଯୁବତୀମାନଙ୍କୁ ଆଧୁନିକ ଜ୍ଞାନକୌଶଳରେ ଦକ୍ଷତା ସମ୍ପନ୍ନ କରୁଛନ୍ତି, ଯାହାଫଳରେ ନିବେଶକାରୀମାନଙ୍କୁ ସହଜରେ କୁଶଳୀ ଶ୍ରମିକ ମିଳିପାରିବେ। ନୂତନ ଗୋ ଇଷ୍ଟ' ଯୋଜନା ସୀମାବର୍ତ୍ତୀ ଓ ପଛୁଆ ଜିଲ୍ଲାଗୁଡ଼ିକରେ ଶିଳ୍ପାୟନର ଏକ ନୂଆ ଯୁଗ ଆରମ୍ଭ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ପାୱାରପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଓ ନିବେଶର ସଫଳ ଚିତ୍ର ସିଆଇଆଇ ସଦସ୍ୟମାନଙ୍କ ସାମ୍ନାରେ ରଖିଥିଲେ। ସେ ଦର୍ଶାଇଥିଲେ ଓଡ଼ିଶା କିପରି ବିଗତ ଦିନମାନଙ୍କରେ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମକୁ ସୁଦୃଢ଼ କରି ନିବେଶ ପ୍ରକଳ୍ପଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବାରେ ଦେଶରେ ରେକର୍ଡ ସୃଷ୍ଟି କରିଛି। ଆମର ଶିଳ୍ପ ଭିତ୍ତିଭୂମି, ଉନ୍ନତ ବିମାନ ତଥା ବନ୍ଦର ସଂଯୋଗୀକରଣ ଯୋଗୁଁ ଓଡ଼ିଶା ଏବେ କେବଳ ପୂର୍ବ ଭାରତ ନୁହେଁ, ବରଂ ସମଗ୍ର ଦେଶ ପାଇଁ ମାନୁଫାକ୍ଚରିଂର ପ୍ରମୁଖ ଗେଟ୍ ୱେ ସାଜିଛି ବୋଲି ସେ ନିଜ ପ୍ରେଜେଣ୍ଟେସନରେ ସ୍ପଷ୍ଟ କରିଥିଲେ। ସମ୍ମିଳନୀ ଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତ ଶିଳ୍ପ ଗୋଷ୍ଠୀକୁ ଓଡ଼ିଶାର ପ୍ରଗତିରେ ସହଭାଗୀ ହେବାକୁ ଆହ୍ୱାନ ଦେଇ 'ବିକଶିତ ଭାରତ ୨୦୪୭' ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ।

ଏହି ସମ୍ମିଳନୀରେ ସରକାରୀ ମୁଖ୍ୟ ସଚେତକ ଶ୍ରୀ ସରୋଜ କୁମତ ପ୍ରଧାନ, ଇପିକଲର ପରିଚାଳନା ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭାଣେ, ସିଆଇଆଇ ପୂର୍ବ ଆଞ୍ଚଳିକ ଉପାଧ୍ୟକ୍ଷ ରୁଦ୍ର ଚାଟାର୍ଜୀ, ଓଡ଼ିଶା କାଉନସିଲ୍ ଅଧ୍ୟକ୍ଷ ଅନିଲ କୁମାର ସିଂହଙ୍କ ସମେତ ବହୁ ବିଶିଷ୍ଟ ଶିଳ୍ପପତି ଉପସ୍ଥିତ ଥିଲେ।

## ଲାଲ୍‌ଜୀ ଦେଶାଇ ରାଜ୍ୟ କଂଗ୍ରେସର ନୂଆ ପ୍ରଭାରୀ

ଭୁବନେଶ୍ୱର, ୨୬।୬(ମହାଭାରତ): - ବଦଳିଲେ ଓଡ଼ିଶା କଂଗ୍ରେସର ପ୍ରଭାରୀ। ଲାଲ୍‌ଜୀ ଦେଶାଇ ରାଜ୍ୟ କଂଗ୍ରେସର ନୂଆ ପ୍ରଭାରୀ ଭାବେ ଦାୟିତ୍ୱ ପାଇଛନ୍ତି। ଅଜୟ ଲଲ୍ଲୁଙ୍କ ସ୍ଥାନରେ ଲାଲ୍‌ଜୀ ଦେଶାଇଙ୍କ ନିଯୁକ୍ତି ନେଇ ଏଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଓଡ଼ିଶା ସହିତ ହରିୟାନା ଓ ଉତ୍ତର ପ୍ରଦେଶର କଂଗ୍ରେସ ପ୍ରଭାରୀ ମଧ୍ୟ ବଦଳିଛନ୍ତି। ହରିୟାଣାରେ ସଂଜୟ ଦତ୍ତଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଉତ୍ତର ପ୍ରଦେଶରେ ରାଜେନ୍ଦ୍ର ପାଲ ଗୌତମଙ୍କୁ ପ୍ରଭାରୀ ଦାୟିତ୍ୱ ଦେଇଛନ୍ତି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ।

## ନବରଙ୍ଗପୁରରେ ଭିଜିଲାନ୍ସ ଜାଲରେ ପଶୁଧନ ନିରୀକ୍ଷକ

ଭୁବନେଶ୍ୱର, ୨୬।୬(): ଓଡ଼ିଶା ଭିଜିଲାନ୍ସ ବିଭାଗ ନବରଙ୍ଗପୁର ଜିଲ୍ଲା ରାଇଘରରେ ତାଲିମରତ ପଶୁଧନ ନିରୀକ୍ଷକ ( ପ୍ରଫୁଲ୍ଲ ହାଲଦାରଙ୍କୁ ୮୦,୦୦୦ ଟଙ୍କା ଲାଂଚ ଗ୍ରହଣ କରୁଥିବା ସମୟରେ ଗିରଫ କରିଛି।

ଭିଜିଲାନ୍ସ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଅଧିକାରୀ ରାଜ୍ୟ ସରକାରଙ୍କ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଅନ୍ତର୍ଗତ ସବସିଡି ରାଶି ମୁକ୍ତ କରାଇବା ପାଇଁ ଜଣେ ଲାଭାର୍ଥୀଙ୍କୁ

### ୮୦,୦୦୦ ଟଙ୍କା ଲାଂଚ ଗ୍ରହଣ ସମୟରେ ଗିରଫ; ୮.୨୪ ଲକ୍ଷ ଟଙ୍କା ନଗଦ ଜବତ

୮୦,୦୦୦ ଟଙ୍କା ଲାଂଚ ଦାବି କରିଥିଲେ। ଏହି ଯୋଜନାରେ ୧ରୁ ୫ଟି ଗାଈ ନେଇ ଡାୟରୀ ୟୁନିଟ ସ୍ଥାପନ ପାଇଁ ସହାୟତା ମିଳେ।

ଅଭିଯୋଗକାରୀଙ୍କ କଥା ଅନୁସାରେ, ପ୍ରଫୁଲ୍ଲ ହାଲଦାର କେବଳ ଲାଂଚ ଦାବି କରିନଥିଲେ, ବରଂ ଟଙ୍କା ନଦେଲେ ତାଙ୍କ ସହିତ ସହ ତାଙ୍କ ଗାଁର ଅନ୍ୟ ଲାଭାର୍ଥୀମାନଙ୍କ ସବସିଡି ରୋକିଦେବେ ବୋଲି ଧମକ ଦେଇଥିଲେ। ଏହା ପରେ ଅଭିଯୋଗକାରୀ ଭିଜିଲାନ୍ସ ବିଭାଗକୁ ଅଭିଯୋଗ କରିଥିଲେ।ଅଭିଯୋଗ ଯାଂଚ ପରେ ଭିଜିଲାନ୍ସ ଟିମ୍ ଜାଲ ବିଛାଇଥିଲା । ଶୁକ୍ରବାର ଦିନ ଅଭିଯୁକ୍ତଙ୍କୁ ୮୦,୦୦୦ ଟଙ୍କା ଲାଂଚ ଗ୍ରହଣ କରୁଥିବା ସମୟରେ ଧରିଥିଲା।

## ଦଳରେ କୌଣସି ଦ୍ୱନ୍ଦ୍ୱ ନାହିଁ- ଦେବୀ ମିଶ୍ର

ଭୁବନେଶ୍ୱର, ୨୬।୬(ମହାଭାରତ): ସୁଜାତାଙ୍କ ମିଶ୍ରଣ ପର୍ବରେ କିଛି ନେତାଙ୍କ ଅନୁପସ୍ଥିତ ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ ଉପସଭାପତି ଦେବୀ ମିଶ୍ର । ସେ କହିଛନ୍ତି ଯେ, କିନ୍ତୁ ଯେହେତୁ ସ୍ୱଳ୍ପ ସମୟରେ ମିଶ୍ରଣ ପର୍ବ ଆୟୋଜନ ହୋଇଥିଲା ଅନେକ ନେତାଙ୍କ ସହ ଯୋଗାଯୋଗ ହୋଇପାରି ନଥିଲା । କିନ୍ତୁ ପ୍ରସନ୍ନ ଆଚାର୍ଯ୍ୟଙ୍କର ବ୍ୟକ୍ତିଗତ କାର୍ଯ୍ୟ ଥିବାରୁ ସେ ଆସିପାରି ନଥିଲେ ମୁଁ କଥା ହୋଇଛି । ସେଇଭଳି ରଣେନ୍ଦ୍ର ସ୍ୱାଇଁଙ୍କ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟ ଥିଲା । ଅନ୍ୟମାନଙ୍କ କଥା କହି ପାରିବିନି । ନବୀନ ପଟ୍ଟନାୟକଙ୍କ ନିଜେ କହି ସାରିଛନ୍ତି କି ମୋ ନେତୃତ୍ୱରେ ୨୯ ଲଢ଼ିବ ଦଳ । ତେଣୁ ଏଥିରେ ଆଉ କୌଣସି ଦ୍ୱନ୍ଦ୍ୱ ନାହିଁ ବୋଲି ଦେବୀ ମିଶ୍ର କହିଛନ୍ତି ।

# ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକଙ୍କ ସମେତ ୪ ନିଲମ୍ବିତ

ଭୁବନେଶ୍ୱର,୨୬।୬(ମହାଭାରତ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକରେ ଦୁଇହଜାରରୁ ଅଧିକ ତ୍ରୁଟି ମାମଲାରେ ରାଜ୍ୟ ସରକାର ଆଜି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏସ୍‌ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀ ଓ ଅନ୍ୟ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ତତ୍କାଳ ପ୍ରଭାବରୁ ଚାକିରିରୁ ନିଲମ୍ବନ କରାଯାଇଛି। ଏହାସହିତ ଅନ୍ୟ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୁଦ୍ଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି।

ଉନ୍ନୟନ କମିଶନର ଦେଓରଞ୍ଜନ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଟିର ରିପୋର୍ଟ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗତକାଲି ଏକ ଇଂରାଜୀ ସମ୍ବାଦପତ୍ରକୁ ସାକ୍ଷାତକାର ଦେଇ ଏହି ପାଠ୍ୟପୁସ୍ତକ ତ୍ରୁଟି ପଛରେ ସରକାରୀଙ୍କୁ ବଦନାମ କରିବା ପାଇଁ ଷଡଯନ୍ତ୍ର ହୋଇଛି ବୋଲି ଆଶଙ୍କା ବ୍ୟକ୍ତ କରିବା ସହ ତ୍ରୁଟିପୂର୍ଣ୍ଣ ପୁସ୍ତକ ଫେରାଇ ଅଣାଯିବ ବୋଲି କହିଥିଲେ।

ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ତଦନ୍ତ କମିଟିର ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଏସ୍‌ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ଓ ଅନ୍ୟ ତିନି ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ ଓ ଭାରତୀ ଟୁଡୁଙ୍କୁ ତତ୍କାଳ ପ୍ରଭାବରୁ ଚାକିରିରୁ ନିଲମ୍ବିତ କରିଛନ୍ତି ।

### ଠ୍ୟପୁସ୍ତକ ତ୍ରୁଟି ମାମଲାରେ ଖ୍ୟମନ୍ତ୍ରୀଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ

### ଶଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ



ଏମାନଙ୍କ ବ୍ୟତୀତ ଅନ୍ୟ ୬ଜଣ ସହକାରୀ ନିର୍ଦ୍ଦେଶକ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଓ ଡକ୍ଟର ସୁଦର୍ଶନ ସନ୍ତରାଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କମିଟି ପକ୍ଷରୁ ପ୍ରଦାନ କରାଯାଇଥିବା ସମସ୍ତ ୧୪ଟି ଗୁରୁତ୍ୱପୂର୍ଣ୍ଣ ସୁପାରିଶକୁ ରାଜ୍ୟ ସରକାର ଅବିଳମ୍ବେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି।

କମିଟିର ସୁପାରିଶ ଅନୁସାରେ, ଏସ୍‌ସିଇଆରଟି ପକ୍ଷରୁ ଆସନ୍ତା ୭ଦିନ ମଧ୍ୟରେ ଏକ 'ମାଷ୍ଟର ତ୍ରୁଟି ରେଜିଷ୍ଟର' ପ୍ରସ୍ତୁତ କରାଯାଇ ସାର୍ବଜନୀନ କରାଯିବା ସହ ଏକ ସ୍ୱତନ୍ତ୍ର ପବ୍ଲିକ ଏରାଟା ପୋର୍ଟାଲ୍ ମଧ୍ୟ ତିଆରି ହେବ। ପୁସ୍ତକରେ ଥିବା ଗୁରୁତର ତ୍ରୁଟିଗୁଡିକର ସଂଶୋଧନ ପାଇଁ ସବୁ ପିଲାଙ୍କୁ ସଂଶୋଧିତ ତଥ୍ୟ ସମ୍ବଳିତ ପୃଷ୍ଠା ବା ରିପ୍ଲେସମେଣ୍ଟ ପେଜ୍ ଓ ପ୍ରିଣ୍ଟେଡ୍ କରେକ୍ସନ ସିଟ୍ ଯୋଗାଇ ଦିଆଯିବ। ଏହି ସଂଶୋଧିତ ବିବରଣୀକୁ ହିଁ ଅଫିସିଆଲ୍ ଶିକ୍ଷାଦାନ ସଂସ୍କରଣ ଭାବେ ଘୋଷଣା କରାଯିବା ଏବଂ ଶିକ୍ଷକମାନଙ୍କୁ ଏଥିପାଇଁ ଓରିଏଣ୍ଟେସନ ବା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ବ୍ୟତୀତ ବର୍ତ୍ତମାନଠାରୁ ଏସସିଇଆରଟି ପରିସରରେ ଏକ ସ୍ୱତନ୍ତ୍ର ପାଠ୍ୟପୁସ୍ତକ 'କ୍ୱାଲିଟି ଆସ୍ୟୁରାନ୍ସ ସେଲ୍' ଗଠନ କରାଯିବା ସହ ଏନସିଇଆରଟି ଂଚାରେ ପ୍ରତି ବିଷୟ ପାଇଁ କରିକୁଲାର ଏରିଆ ଗ୍ରୁପ୍ ଓ ପାଠ୍ୟପୁସ୍ତକ ବିକାଶ କମିଟି ଗଠନ ହେବ।

ଭବିଷ୍ୟତରେ ଯେପରି ଏଭଳି ସମ୍ବେଦନଶୀଳ ଭୁଲର ପୁନରାବୃତ୍ତି ନହେବ, ସେଥିପାଇଁ ଏକ ଅଭେଦ୍ୟ ଚାରିସ୍ତରୀୟ ଯାଂଚ ବ୍ୟବସ୍ଥା ଓ ଫାଇନାଲ୍ ଲକଡ୍ ପିଡିଏଫ୍ ମେକାନିଜମ୍ ଜରିଆରେ ବହିଗୁଡିକୁ ସୁରକ୍ଷିତ କରାଯିବ। ଏଣିକି ଭାଷା, ଚିତ୍ର, ତଥ୍ୟ ଓ ମୁଦ୍ରଣଜନିତ ଚୂଡାନ୍ତ ଏକାଡେମିକ ଅନୁମୋଦନ ବିନା କୌଣସି ବି ପାଠ୍ୟପୁସ୍ତକ ପ୍ରିଣ୍ଟିଙ୍ଗ ପ୍ରେସକୁ ଯାଇପାରିବ ନାହିଁ। ପ୍ରତିଟି ନୂଆ ବହିର ପାଇଲଟ୍ ଟେଷ୍ଟିଂ କରାଯିବା ବାଧ୍ୟତାମୂଳକ ହେବ। ଦାୟିତ୍ୱହୀନତା ପ୍ରଦର୍ଶନ କରିଥିବା ଡିଟିପି ଏଜେନ୍ସି ଓ ପ୍ରିଣ୍ଟରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପ୍ରତିଟି ଭୁଲ୍ ପାଇଁ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ମାଟ୍ରିକ୍ସ ପ୍ରସ୍ତୁତ କରାଯାଇ ଦୋଷୀଙ୍କ ଉପରେ ଜରିମାନା ସହ ସେମାନଙ୍କୁ କଳାତାଲିକାଭୁକ୍ତ କରିବା ଭଳି କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟାନୁଷ୍ଠାନ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି।

# ୬୨ ବିଭାଗରେ ସମ୍ମାନିତ ହେଲେ ଚଳଚ୍ଚିତ୍ର କଳାକାର

## ଓଡ଼ିଆ ଚଳଚ୍ଚିତ୍ର ଆମ ଜାତିର ଅସ୍ମିତାର ପରିଚୟ, ଖୁବ୍‌ଶୀଘ୍ର ପ୍ରଣୟନ ହେବ ନୂତନ 'ଚଳଚ୍ଚିତ୍ର ନୀତି'- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୬(ମହାଭାରତ): : 'ଓଡ଼ିଆ ଚଳଚ୍ଚିତ୍ର ହେଉଛି ଆମ ଜାତିର ଅସ୍ମିତାର ପରିଚୟ । ଏହାର ସର୍ବାଙ୍ଗୀନ ବିକାଶ ତଥା କଳାକାରମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଖୁବ୍ ଶୀଘ୍ର ଏକ ନୂତନ 'ଚଳଚ୍ଚିତ୍ର ନୀତି' ପ୍ରଣୟନ କରିବାକୁ ଯାଉଛନ୍ତି,' ବୋଲି ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି । ଓଡ଼ିଆ ସିନେମାର ସାମ୍ପ୍ରତିକ ସ୍ଥିତି ଓ ଏହାର ବିକାଶ ନେଇ ନିକଟରେ ଚଳଚ୍ଚିତ୍ର ଜଗତର ପ୍ରତିଭାମାନଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, କଳାକାରମାନଙ୍କ ସୁରକ୍ଷା ଓ ଉନ୍ନତମାନର ସିନେମା ନିର୍ମାଣ ପାଇଁ ବୈଷୟିକ ସହାୟତା ଯୋଗାଇଦେବାକୁ ସରକାର ସଂକଳ୍ପବଦ୍ଧ ଏବଂ ଏହି ଦିଗରେ ଖୁବ୍‌ଶୀଘ୍ର ଏକ ଶୁଭ ଖବର ମିଳିବ ।

ଓଡ଼ିଆ ସିନେମାର ସମୃଦ୍ଧ ଇତିହାସ ଏବଂ ଏହାର ଆରମ୍ଭକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଆତ୍ମପ୍ରକାଶ କରିବା ସହ ସେହି ବର୍ଷ ହିଁ ମହାନ ରାସ-ସ୍ରଷ୍ଟା ମୋହନସୁନ୍ଦର ଦେବ ଗୋସ୍ୱାମୀଙ୍କ ଦ୍ୱାରା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ନିର୍ମାଣ ହେବା ଏକ ଅପୂର୍ବ ସଂଯୋଗ । ଅତୀତରେ 'ମାୟା ମିରିଗ', 'ଭୁକା', 'ଶେଷ ଶ୍ରାବଣ' ଏବଂ 'ହାକିମ ବାବୁ' ଭଳି କାଳଜୟୀ ସିନେମା ଓଡ଼ିଆ ମାଟିର ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇଥିଲା । ସାମ୍ପ୍ରତିକ ସମୟରେ 'ଦମନ', 'ପ୍ରତୀକ୍ଷା', 'ଶଳା ବୁଢ଼ା', 'ପୁଷ୍କରା', 'ବୋଉ ବୁଟୁ ଭୂତ' ଏବଂ 'ବର ବଧୂ' ଭଳି ଚଳଚ୍ଚିତ୍ରଗୁଡ଼ିକ ଆମ ମାଟିର ମୌଳିକ କାହାଣୀକୁ ନେଇ ଜାତୀୟ ସ୍ତରରେ ଓଡ଼ିଆ ସିନେମାକୁ ପୁଣି ଏକ ନୂତନ ପରିଚୟ ଦେଇଛନ୍ତି, ଯାହା ଓଡ଼ିଆ ସିନେମାର ଏକ ନୂତନ ସୂର୍ଯ୍ୟୋଦୟ ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି ।ବର୍ତ୍ତମାନର ବୈଷୟିକ ଯୁଗ ଓ ଓଟିଟି ପ୍ଲାଟଫର୍ମର ଗୁରୁତ୍ୱ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ନୂତନ ପିଢ଼ି ସିନେମାଟୋଗ୍ରାଫି, ସାଉଣ୍ଡ ଡିଜାଇନିଂ ଏବଂ ଠରଢ କ୍ଷେତ୍ରରେ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଆପଣେଇଛନ୍ତି । ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ପ୍ରଶିକ୍ଷଣ ଯୋଗାଇଦେବା ସହ କଳିଙ୍ଗ ଷ୍ଟୁଡ଼ିଓକୁ ଦେଶର ଏକ ପ୍ରମୁଖ ଡିଜିଟାଲ୍ ଏବଂ ପୋଷ୍ଟ-



ପ୍ରଡକ୍ସନ ହବ୍‌ରେ ପରିଣତ କରାଯାଉଛି, ଯେପରି ଆମ ପିଢ଼ିକୁ କାମ ପାଇଁ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ । ଏଥିସହ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ସିନେମା ଟୁରିଜିମ୍‌ର ବିକାଶ କରିବାକୁ ସେ ଦେଶ ଓ ରାଜ୍ୟର ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଆହ୍ୱାନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଉଭୟ ପ୍ରଯୋଜକ ଓ ଦର୍ଶକମାନଙ୍କୁ ଓଡ଼ିଆ ସିନେମାର ପୃଷ୍ଠପୋଷକତା ସାଜିବାକୁ ଅନୁରୋଧ କରିଛନ୍ତି । ପ୍ରଯୋଜକମାନେ ଆଧୁନିକତା ସହ ଓଡ଼ିଆ ସମାଜ ଓ ସଂସ୍କୃତିର ମୌଳିକ ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର ନିର୍ମାଣ କଲେ ଦର୍ଶକ ନିଶ୍ଚିତ ଥିଏଟରକୁ ଫେରିବେ । ସେହିପରି ଦର୍ଶକମାନଙ୍କୁ ସିନେମା ହଲ୍‌କୁ ଯାଇ ଓଡ଼ିଆ ଫିଲ୍ମ ଦେଖିବାକୁ ଅନୁରୋଧ କରି ସେ କହିଛନ୍ତି ଯେ, ଗୋଟିଏ ଚଳଚ୍ଚିତ୍ର ପଛରେ ଶହ ଶହ ପରିଚୟହୀନ ଟେକନିସିଆନ, ଲେଖକ ଓ ଗରିବ ଶ୍ରମିକଙ୍କ ଜୀବିକା ଜଡ଼ିତ ଥାଏ ।

ସେ ଆହୁରି କହିଛନ୍ତି ଯେ ଓଡ଼ିଆ ସିନେମାରେ ଓଡ଼ିଆତ୍ୱ ଅଛି । ଆମେ ସମସ୍ତେ ଟିମ୍ ଓଡ଼ିଶା ହୋଇ କାମ କରିବା । ଆମ ପାଖରେ ଅର୍ଥର କୌଣସି ଅସୁବିଧା ନାହିଁ । ଆମ ସରକାର ଆପଣଙ୍କ ମତାମତକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ମୁଖ୍ୟମନ୍ତ୍ରୀ ଦୃଢ଼ତାର ସହ କହିଥିଲେ ଯେ ଓଡ଼ିଆ ଫିଲ୍ମ ସିନେମା ହଲରୁ ବାହାର କରି ଯଦି ଆଉ କୌଣସି ସିନେମାକୁ ପ୍ରଚାର କରାଯାଏ ତେବେ ସରକାରୀ ସ୍ତରରେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିପାଇଁ ସରକାର ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ।

ଏହି ସମାରୋହରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ବିକଶିତ ଓଡ଼ିଶାର ନିର୍ମାଣ ସେତେବେଳେ ହେବ ଯେତେବେଳେ ଓଡ଼ିଆ ସିନେ ଜଗତର ଉନ୍ନତି ଘଟିବ । ସରକାର ଆଜି ଓଡ଼ିଆ ସିନେ ଜଗତର ପୁନରୁଦ୍ଧାର ପାଇ ସଂକଳ୍ପବଦ୍ଧ ଏବଂ ଓଡ଼ିଆ ଇଣ୍ଡଷ୍ଟ୍ରି ଉନ୍ନତି ପାଇ ପ୍ରତ୍ୟେକ କଳାକାରଙ୍କ ମତାମତ ସ୍ୱାଗତଯୋଗ୍ୟ ।

ଏହି ଉତ୍ସବରେ, ଦିଗପହଣ୍ଡିର ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇର ବିଧାୟକ ଆକାଶ ଦାସ ନାୟକ ଏବଂ ଏକାମ୍ର-ଭୁବନେଶ୍ୱରର ବିଧାୟକ ଶ୍ରୀ ବାବୁ ସିଂ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ବହୁ ବରିଷ୍ଠ କଳାକାର, ସିନେ ଟେକ୍ନିସିଆନ, କଳାପ୍ରେମୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଭୁବନେଶ୍ୱରରୁ ନକଲି ଆଇଏଏସ୍ ଗିରଫ

ଭୁବନେଶ୍ୱର ୨୬।୬(ମହାଭାରତ.): ଭୁବନେଶ୍ୱରରୁ ନକଲି ଆଇଏଏସ୍ ଅଧିକାରୀ ଗିରଫ ହୋଇଛନ୍ତି। ସହିଦନଗର ଥାନା ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି । ସେ ହେଲେ ବରଦା ସୁଧୀର । ତାଙ୍କ ଘର ଆନ୍ଧ୍ର ପ୍ରଦେଶ ବିଶାଖାପାଟଣାରେ ବୋଲି ଜଣାପଡ଼ିଛି । ବରଦା ସୁଧୀର ନିଜକୁ ଆଇଏଏସ୍ ଅଧିକାରୀ ପରିଚୟ ଦେଇ ଲୋକଙ୍କୁ ଠକୁଥିଲେ । ଲୋକଙ୍କୁ କେତେବେଳେ ଜିଲ୍ଲାପାଳ ତ କେତେବେଳେ ଉପଜିଲ୍ଲାପାଳ ବୋଲି ପରିଚୟ ଦେଉଥିଲା। ଆଜି ବାପୁଜୀନଗର ଅଞ୍ଚଳରେ ଏକ ଚଷମା ଦୋକାନରୁ ଗୋଟିଏ ଦାମୀ ଚଷମା କିଣିଥିଲେ। ଯାହାର ମୂଲ୍ୟ ୫୦ ହଜାର ଟଙ୍କା । ପରେ ଟଙ୍କା ନ ଦେଇ ନିଜକୁ ଉପ ଜିଲ୍ଲାପାଳ ବୋଲି କହି ମୁହଁ ତୋଡ଼ ଦେଖାଇଥିଲେ । ସମ୍ପୃକ୍ତ ଦୋକାନୀଙ୍କର ସନ୍ଦେହ ହେବାରୁ ସେ ସହିଦନଗର ଥାନା ପୋଲିସକୁ ତୁରନ୍ତ ଖବର ଦେଇଥିଲେ । ପୋଲିସ ତାଙ୍କୁ ଗିରଫ କରିଥିଲା । ତେବେ ସୁଧୀରର ଏହା ପେସାରେ ପରିଣତ ହୋଇଯାଇଛି । ତାର ଏମିତି ୧୫ଟି ଠକେଇ ମାମଲା ରହିଛି । ପାରାଦୀପ, ତିର୍ତ୍ତୋଲ, ଭୁବନେଶ୍ୱରରେ ଏକାଧିକ ଥାନାରେ ତା ନାଁରେ ମାମଲା ରହିଛି । ସେଠାରେ ମଧ୍ୟ ସମାନ ଅଭିଯୋଗ ରହିଛି । ସେ ଗିରଫ ହୋଇ ଜେଲ୍ ଯାଉଥିଲା ଏବଂ ପରେ ଜାମିନରେ ଆସି ପୁଣି ସମାନ କାମ କରୁଥିବା ଜଣାପଡ଼ିଛି ।









## ଆଳୁ ଚାର୍ଟ

ଆବଶ୍ୟକ ସମାଗ୍ରୀ: କିଛି ଆଳୁ , ଗରମ ମସଲା ପାଉଡ଼ର , ଜିରା ପାଉଡ଼ର, ଛଣା ସେଉ, ବେଦେନା ଦାନା କିଛି, କଟା ହୋଇଥିବା ଆପଲ। ଚଟନି ପାଇଁ କଞ୍ଚା ଧନିଆ ଅଦା, କଞ୍ଚା, ଲଙ୍କା, ଲୁଣ, ଚିନି, ଲେମ୍ବୁ ରସ, ବାଦାମ।

ପ୍ରସ୍ତୁତି ପ୍ରଣାଳୀ: ଆଳୁକୁ ପ୍ରଥମେ ସିଝାଇ ଦେବେ। ଆଳୁ ଥଣ୍ଡା ହେବା ଭିତରେ ଚଟନୀ ପ୍ରସ୍ତୁତ କରି ନିଅନ୍ତୁ। ଚଟନି ପାଇଁ କଞ୍ଚା ଧନିଆ, ଅଦା, କଞ୍ଚା ଲଙ୍କା, ଲୁଣ ଚିନି, ଲେମ୍ବୁ ରସ ଓ କିଛି ବାଦାମକୁ ଗ୍ରାଇମଣ୍ଡରେ ରଖନ୍ତୁ। ଅଳ୍ପ ପାଣି ଦେଇ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ।

ଏବେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଜିରା ପକାନ୍ତୁ। ଜିରା ଫୁଟିବା ପରେ ଏଥିରେ ଆଳୁ, ଲୁଣ ପକାଇ ଭାଜନ୍ତୁ। ଆଳୁ ଅଳ୍ପ ନାଲି ହୋଇଗଲା ପରେ ଏଥିରେ ଜିରା ପାଉଡ଼ର ପକାଇ ଗୋଳାନ୍ତୁ। ଏବେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଆଳୁ ଅଳ୍ପ ଥଣ୍ଡା ହୋଇଗଲା ପରେ ଏଥିରେ ଚଟନୀ ପକାଇ ଗୋଳାଇ ଦିଅନ୍ତୁ। ଏଥିରେ ଚାହିଁଲେ ଚାର୍ଟ ମସଲା ବି ପକାଇ ପାରିବେ। ବେଦେ। ନାନା, କଟା ଯାଇଥିବା ଆପଲ ଓ କିଛି ଛଣା ସେଉ ପକାଇ ପରସନ୍ତୁ। ପରସିବା ବେଳେ ଏହା ଉପରେ ଅଳ୍ପ ଲେମ୍ବୁରସ ପକାଇ ପାରନ୍ତି।



ଖବର

# ଜେଲର ୨ରେ ହ୍ରିତିକଙ୍କ କେମିଓ ହେବ ହାଇଲାଇଟ୍!




ଚଳିତ ବର୍ଷ ସୁପରଷ୍ଟାର ରଜନୀକାନ୍ତ ତାଙ୍କର ବହୁ ପ୍ରତୀକ୍ଷିତ 'ଜେଲର ୨ ଫିଲ୍ମ ସହ ବଡ଼ ପରଦାକୁ ଫେରୁଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ସୁଦ୍ଧା ଫିଲ୍ମର ରିଲିଜ ଡେଟ୍ ଘୋଷଣା କରାଯାଇନାହିଁ । ତଥାପି ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି । ଏଥି ସହିତ ରଜନୀକାନ୍ତ ତାଙ୍କର ଆଉ ଏକ ଆଗାମୀ ଫିଲ୍ମର ଟାଇଟଲ୍ ପ୍ରକାଶ କରିଛନ୍ତି । ଫିଲ୍ମର ନାଁ ଧର୍ମନ ରଖାଯାଇଛି ।ଯେଉଁଥିରେ କମଲ ହାସନଙ୍କ ସହ ରଜନୀକାନ୍ତଙ୍କ ଅଭିନୟର ଯାଦୁ ଦେଖିବାକୁ ପାଇବେ ଦର୍ଶକ । ଏହି ଫିଲ୍ମରେ ରଜନୀକାନ୍ତ ଭୟଙ୍କର ଡାକ୍ତରଙ୍କ ଭୂମିକାରେ ନଜର ଆସିବେ । ଫିଲ୍ମର ପ୍ରଥମ ପୋଷ୍ଟରକୁ ଦର୍ଶକମାନେ ଖୁବ୍ ପସନ୍ଦ କରିଛନ୍ତି ।କିନ୍ତୁ ଏବେ ନେଲସନ୍ ଦିଲୀପ କୁମାରଙ୍କ ନିର୍ଦ୍ଦେଶିତ ଜେଲର୍ ୨ ଫିଲ୍ମ ବିଷୟରେ ଆସନ୍ତୁ ଜାଣିବା । ଏହି ଫିଲ୍ମରେ ହ୍ରିତିକ୍ ରୋଶନ ଏକ କେମିଓ ଆସିବାକୁ ଯାଉଛନ୍ତି । ଯାହା ଖୁବ୍ ଆକର୍ଷଣୀୟ ହେବ ବୋଲି କୁହାଯାଉଛି । ନିକଟରେ ଅଭିନେତା ସୁଟିଂ ଶେଷ କରିଛନ୍ତି। ହ୍ରିତିକ୍ ଜୁନ୍ ୨୨ ଓ ୨୩ ତାରିଖରେ ଚେନ୍ନାଇରେ ୨ ଦିନ ପାଇଁ ସୁଟିଂ କରିଥିଲେ ବୋଲି ଏକ ରିପୋର୍ଟରୁ ଜଣାପଡିଛି ।

## ଖରାରୁ ଘରକୁ ଫେରିଲେ ପିଅନ୍ତୁ ଗୋଟାଏ ଗ୍ଲାସ୍ ଲେମ୍ବୁପାଣି



ରଜ୍ୟରେ ବଢ଼ି ବଢ଼ି ଚାଲିଛି ଗ୍ରୀଷ୍ମ ପ୍ରଭାବ। ଏହି ଗ୍ରୀଷ୍ମରେ ସୁସ୍ଥ ଶରୀର ପାଇଁ ଲେମ୍ବୁ ପାଣି ଖୁବ୍ ଜରୁରୀ ହୋଇଥାଏ। ଏଥିରେ ବହୁଳ ପରିମାଣର ରୋଗ ପ୍ରତିରୋଧକ ଶକ୍ତି ଥିବା ହେତୁ ଏହାକୁ ଭିନ୍ନ ଭିନ୍ନ ଖାଦ୍ୟ ଓ ପାନୀୟରେ ବ୍ୟବହାର କରାଯାଇଥାଏ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏଥିରେ ରୋଗ ହ୍ରାସ କରିବାର କ୍ଷମତା ରହିଛି। ମୁଖ୍ୟତଃ ହୃଦ୍‌ରୋଗ, କେଶ ଏବଂ ତ୍ୱଚା ପାଇଁ ଏହା ଅତ୍ୟନ୍ତ ଉପକାରୀ। ଲେମ୍ବୁରେ ଅନେକ ଭଲ ଗୁଣ ରହିଛି। ଏପରିକି ଏହା ଆପଣଙ୍କ ରୋଷେଇ ଘରର ଗନ୍ଧ ବି ଦୂର କରିପାରେ। ଜୀବାଣୁ ଏବଂ ବ୍ୟାକ୍ଟେରିଆ ଦୂର କରିବାରେ ଲେମ୍ବୁ ସହ ଆଉ କୌଣସି ଜିନିଷ ତୁଳନୀୟ ନୁହେଁ। ଆପଣ ଗୋଟାଏ ମଧ୍ୟମ ଧରଣର ଲେମ୍ବୁ ନିଅନ୍ତୁ। ତାହାକୁ ଲମ୍ବ ଭାବରେ ୪ ଖଣ୍ଡ କରି କାଟି ଦିଅନ୍ତୁ। ପୂରାପୂରି କାଟିକି ଅଲଗା କରନ୍ତୁ ନାହିଁ। ସେହି ଲେମ୍ବୁରେ କିଛି ଲୁଣ ଛିଞ୍ଚି ଦିଅନ୍ତୁ ଏବଂ ତାହାକୁ ରୋଷେଇ ଘରେ ରଖନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ରୋଷେଇ ଘର ଆଉ ଗନ୍ଧ ହେବ ନାହିଁ। ଲେମ୍ବୁର ବାସ୍ନା ଚାରିଆଡ଼େ ଖେଳିଯିବ। ଫଳରେ ବ୍ୟାକ୍ଟେରିଆରୁ ଯେଉଁ ଦୁର୍ଗନ୍ଧ ନିର୍ଗତ ହୁଏ ତାହା ଆଉ ହେବ ନାହିଁ। ଲେମ୍ବୁକୁ ଆପଣ ନିଜର ଘର ଓ ଆସବା ପତ୍ର ସଫା କରିବାରେ ବି ବ୍ୟବହାର କରିପାରିବେ। ଏହା ଦ୍ୱାରା ସଫା ଭଲ ହୋଇଥାଏ।

## ଟିଭି କମାଉଛି ପିଲାଙ୍କ ସୃଜନଶୀଳତା



ଟେଲିଭିଜନ୍ ପିଲାଙ୍କ ଚିତ୍ତ ବିନୋଦନର ଏକ ସହଜ ମାଧ୍ୟମ। ଲକ୍‌ଡାଉନ୍ ସମୟରେ ଲୋକେ ଗୃହବନ୍ଦୀ ହେବା ପରେ ଟିଭି, ଫୋନ୍, ଲ୍ୟାପ୍‌ଟପ୍‌ରେ ସର୍ବାଧିକ ସମୟ ବିତାଇଛନ୍ତି। ଅଭିଭାବକମାନେ ପିଲାଙ୍କୁ ଫୋନ୍‌ଠୁ ଦୂରରେ ରହିବାକୁ ଆକଟ କଲେ ବି ସେମାନଙ୍କ ଉପରେ ଏହାର ଖାସ୍ ପ୍ରଭାବ ପଡୁନାହିଁ। ପିଲା ଯଦି ଫୋନ୍ ବ୍ୟବହାର କରୁନାହିଁ, ଘଣ୍ଟା ଘଣ୍ଟା ଧରି ଟିଭି ସାମ୍ନାରେ ବସିରହୁଛି। କିନ୍ତୁ ସଦ୍ୟ ଅଧ୍ୟୟନ ଅଭିଭାବକଙ୍କ ମୁଣ୍ଡବିନ୍ଧାର କାରଣ ହୋଇପାରେ। ଅଧ୍ୟୟନ ଅନୁସାରେ, ଦିନରେ ୧୫ ମିନିଟ୍‌ରୁ ଅଧିକ ସମୟ ଟିଭି ଦେଖୁଥିବା ପିଲାର ସୃଜନଶୀଳତା ଉପରେ କୁପ୍ରଭାବ ପଡ଼ିପାରେ। ବହି ପଢୁଥିବା କିମ୍ବା ବୁଦ୍ଧି ଖର୍ଚ୍ଚ କରି ଗୋଲକ ଧନ୍ଦା ସମାଧାନ କରୁଥିବା ପିଲାଙ୍କ ତୁଳନାରେ ଟିଭି ଦେଖୁଥିବା ପିଲାଙ୍କ ସୃଜନଶୀଳତା ହ୍ରାସ ଆଶଙ୍କା ବେଶି ବୋଲି ଅଧ୍ୟୟନ ସ୍ପଷ୍ଟ କରିଛି। ବ୍ରିଟେନ୍‌ର ଷ୍ଟାଫୋର୍ଡଶାୟାର ୟୁନିଭର୍ସିଟି ପକ୍ଷରୁ ଅଧ୍ୟୟନ କରାଯାଇଛି। ପିଲାର ବୌଦ୍ଧିକ ବିକାଶ, ମୌଳିକ ବିଚାର ଶକ୍ତିରେ ଏହା ବାଧକ ହୋଇପାରେ ବୋଲି ଉକ୍ତ ୟୁନିଭର୍ସିଟିର ପ୍ରାଧ୍ୟାପକ ସାରା ରୋଜ୍ କହିଛନ୍ତି।

# ଏହି ବାର୍ତ୍ତାରେ ଲୁଚି ରହିଛି କୃଷ୍ଣଙ୍କ ସଫଳତାର ରହସ୍ୟ



ଶ୍ରୀମଦ୍ ଭାଗବତ ଗୀତାରେ ଜୀବନର ମୂଳତତ୍ତ୍ୱ ସହିତ ସଫଳତାର ରହସ୍ୟ ଲୁଚି ରହିଛି। କୁହାଯାଏ ଯେ, ଯିଏ ବି ଭଗବାନ କୃଷ୍ଣଙ୍କ ଉପଦେଶକୁ ଜୀବନରେ ଗ୍ରହଣ କରନ୍ତି, ସେହି ବ୍ୟକ୍ତିଙ୍କୁ ସଫଳ ହେବାରେ କେହି ଅଟକାଇ ପାରିବେ ନାହିଁ। ମହାଭାରତ ଯୁଦ୍ଧ ସମୟରେ ଯେତେବେଳେ ଅର୍ଜୁନ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ, ଭଗବାନ କୃଷ୍ଣ ତାଙ୍କୁ ଗୀତାର ଉପଦେଶ ଶୁଣାଇଥିଲେ। କୁହାଯାଏ କି ଗୀତାର ଉପଦେଶରେ ସଫଳତାର ମନ୍ତ୍ର ଲୁଚି ରହିଛି। ବିଶ୍ୱାସ କରାଯାଏ ଯେ ଗୀତା ପାଠ କରିବା ଭଗବାନ କୃଷ୍ଣଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ଭଗବାନ କୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ, ଯେତେବେଳେ ଜଣେ ବ୍ୟକ୍ତି ଜନ୍ମ ହୁଏ, ସେତେବେଳେ ତାଙ୍କ ହାତ ଖାଲି ଥାଏ। ଯେତେବେଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୁଏ ସେତେବେଳେ ତା'ର ହାତ ଖାଲି ରହିଯାଏ। ଭଗବାନ କୃଷ୍ଣ କହିଛନ୍ତି ଯେ, ଦୁନିଆରେ ସବୁ ମୋହ। କୌଣସି ବ୍ୟକ୍ତି କାହା ସହିତ ଯାଆନ୍ତି ନାହିଁ, ଯାହା ମଣିଷ ଠାରୁ ମିଳିଥାଏ ତାହା ସବୁ ରହିଥାଏ। ମୃତ୍ୟୁ ହେଉଛି ଜୀବନର ପ୍ରକୃତ ସତ୍ୟ। ମଣିଷ ଟଙ୍କା ଏବଂ ମୋହ ପଛରେ ଦୌଡ଼ି ଦୌଡ଼ି ନିଜର ସମ୍ପର୍କ ଏବଂ ସାଙ୍ଗମାନଙ୍କୁ ହରାଇ ଦେଇଥାଏ। ଭଗବାନ କୃଷ୍ଣ କହିଛନ୍ତି ଯେ, ମୋହର କୌଣସି ଲାଭ ନାହିଁ। ବକ୍ତିଙ୍କୁ ଜୀବନରେ ସନ୍ତୁଷ୍ଟିର ଭାବନା ରହିବା ଉଚିତ୍। ଜଣେ ବ୍ୟକ୍ତି ଅତ୍ୟଧିକ ଲୋଭ ହେତୁ ନିଜର ସୁଖ ଏବଂ ଶାନ୍ତି ହରାଇ ଦେଇଥାଏ ଏବଂ ଶେଷରେ ସେ କିଛି ଲାଭ କରିପାରେ ନାହିଁ। ଶ୍ରୀକୃଷ୍ଣ କହିଛନ୍ତି ଯେ, ଯିଏ ଯେମିତି ଆସିଥିବ ସିଏ ସେମିତି ହିଁ ଯିବ। ଏହା ହେଉଛି ଜୀବନ ଏବଂ ଏହା ଜୀବନର ସତ୍ୟ। ଯାହା ଆଜି ତୁମର ଅଛି ଆସନ୍ତା କାଲି ଅନ୍ୟ କାହାର ହେବ। ଯଦି ତୁମେ ଏହାକୁ ନିଜର ବୋଲି ଭାବୁଛ ତେବେ ଏହା ତୁମର ଦୁଃଖର କାରଣ ଅଟେ।



## ଓଁ ଧ୍ୱନିରେ ଲୁଚି ରହିଛି ବିଶ୍ୱ ବ୍ରହ୍ମାଣ୍ଡ

ଓଁ ଧ୍ୱନି ସାରା ବିଶ୍ୱରେ ଗୁଞ୍ଜରଣ ହୋଇଥାଏ । ସେଥିପାଇଁ ଓଁ ଉଚ୍ଚାରଣ ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ । ଏହି ଧ୍ୱନି ମନୁଷ୍ୟର ଶ୍ରବଣ କ୍ଷମତାଠାରୁ ବହୁ ଊର୍ଦ୍ଧ୍ୱରେ । କିନ୍ତୁ ଯେଉଁମାନେ ସାଧନା କରିବାକୁ ଚାହିଁଥାନ୍ତି ସେମାନେ ଏହି ଚମତ୍କାରୀ ଧ୍ୱନିକୁ ଶୁଣି ପାରନ୍ତି । ତିନିଟି ଅକ୍ଷର ଅ, ଉ ଏବଂ ମ୍ କୁ ମିଶାଇ ହୋଇଛି ଓଁ । ଓଁ ଈଶ୍ୱରଙ୍କର ୩ଟି ସ୍ୱରୂପ ବ୍ରହ୍ମା, ବିଷ୍ଣୁ ମହେଶ୍ୱରଙ୍କ ସଂଯୁକ୍ତ ରୂପ । ଓଁରେ ହିଁ ସୃଷ୍ଟି, ପାଳନ ଏବଂ ବିନାଶ । ଓଁ ମନ୍ତ୍ରର ସଠିକ ପ୍ରୟୋଗ ଦ୍ୱାରା ଜୀବନର ସବୁ ସମସ୍ୟା ଦୂର କରାଯାଇପାରେ । ଓଁର ସଠିକ ଉଚ୍ଚାରଣ ଦ୍ୱାରା



ଈଶ୍ୱରଙ୍କ ନିକଟ ହୋଇପାରିବେ । ଓଁ ଧ୍ୱନି ଏତେ ପବିତ୍ର ଯେ ମୁନିଋଷି ପ୍ରତ୍ୟେକ ମନ୍ତ୍ର ପୂର୍ବରୁ ଓଁ ଯୋଡି ଦେଇଛନ୍ତି । ଓଁ ସହ ଜଡିତ ହେବାପରେ ମନ୍ତ୍ରର ଶକ୍ତି ଅନେକ ଗୁଣ ବୃଦ୍ଧି ପାଇଥାଏ ବୋଲି କୁହାଯାଏ । କିନ୍ତୁ ଓଁ ମନ୍ତ୍ର ଉଚ୍ଚାରଣର ମଧ୍ୟ କିଛି ନିୟମ ରହିଛି । ଉଚ୍ଚାରଣ ସମୟରେ ଏହି ନିୟମ ପାଳନ କରିବା ଉଚିତ । ଓଁ ଉଚ୍ଚାରଣ ବ୍ରହ୍ମ ମୁହୂର୍ତ୍ତରେ କିମ୍ବା ସଂଧ୍ୟା ସମୟରେ କରିବା ଉଚିତ । ମନ୍ତ୍ରର ସଠିକ ଲାଭ ପାଇବା ପାଇଁ ଏହାର ସଠିକ ଉଚ୍ଚାରଣ ପଦ୍ଧତି ଶିଖିବା ଆବଶ୍ୟକ। ଓଁ ଉଚ୍ଚାରଣ ସମୟରେ ମେରୁଦଣ୍ଡ ସିଧା ରହିବା ଉଚିତ । ଉଚ୍ଚାରଣ ପୂରା କରିବାର ୧୦ ମିନିଟ ଯାଏଁ ଜଳ ସ୍ପର୍ଶ କରିବା ଉଚିତ ନୁହେଁ । ଡାହାଣ ହାତରେ ତୁଳସୀ ପତ୍ର ନେଇ ୧୦୮ ଥର ଓଁ ଉଚ୍ଚାରଣ କରନ୍ତୁ । ଉଚ୍ଚାରଣ ପରେ ତୁଳସୀ ପତ୍ରକୁ ପିଇବା ପାଣିରେ ପକାଇ ଏହି ପାଣିକୁ ପିଅନ୍ତୁ । ଏହି ସମୟରେ ତାମସିକ ଆହାର ନ କରିବା ଉଚିତ । ଏହାଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟର ବରଦାନ ମିଳିଥାଏ । ଘରର ମୁଖ୍ୟଦ୍ୱାରର ଉଭୟ ପାର୍ଶ୍ୱରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ । ମୁଖ୍ୟ ଦ୍ୱାର ଉପରେ ଓଁ ଲେଖନ୍ତୁ । ଏହି ପ୍ରୟୋଗ ମଙ୍ଗଳବାର ଅପରାହ୍ନରେ କରିବା ଶୁଭ ହୋଇଥାଏ । ଏହାଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ ।

# ଓଡ଼ିଶା କୃଷିରେ ମହିଳାଙ୍କ ସଶକ୍ତିକରଣ: ଭୁବନେଶ୍ୱରରେ ଦୁଇଦିନିଆ କର୍ମଶାଳା ଆୟୋଜିତ

ଭୁବନେଶ୍ୱର, ୨୬।୬(ମହାଭାରତ)ଓଡ଼ିଶାର କୃଷି କ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରୀ ଓ ଅଧିକାରକୁ ଅଧିକ ମଜବୁତ କରିବା ପାଇଁ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏବଂ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଓ ଗବେଷଣା ପ୍ରତିଷ୍ଠାନ (ଆଇଏଫପିଆରଆଇ ) ମିଳିତ ଭାବେ ଭୁବନେଶ୍ୱରଠାରେ ଏକ ଦୁଇଦିନିଆ ସ୍ୱେଚ୍ଛାସେବୀ ଓ ପ୍ରଶିକ୍ଷଣ କର୍ମଶାଳାର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି 'ଲିଙ୍ଗଗତ-ସମ୍ବେଦନ ଶୀଳ କକ୍ଷ' ( ମାଧମରେ କୃଷି ନୀତିରେ ମହିଳା ଚାଷୀମାନଙ୍କୁ ସମାନ ସୁଯୋଗ ଓ ଗୁରୁତ୍ୱ ପ୍ରଦାନ କରିବା।

ସଚିନ ରାମଚନ୍ଦ୍ର ଜାଧବ, କୃଷି ସଚିବ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି କହିଥିଲେ ଯେ, କୃଷି କ୍ଷେତ୍ରରେ ମହିଳାମାନଙ୍କର ଅବଦାନକୁ କେବଳ ସାଂସ୍କୃତିକ ଦୃଷ୍ଟିକୋଣରୁ ଦେଖିଲେ ହେବନାହିଁ। ଏଥିପାଇଁ ସରକାରୀ ନୀତି ଏବଂ ପ୍ରଶାସନିକ ସ୍ତରରେ ବଡ଼ ପରିବର୍ତନ ଆଣିବାକୁ ହେବ। ମହିଳା ଚାଷୀଙ୍କ ସଠିକ୍ ତଥ୍ୟ ସଂଗ୍ରହ କରି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଜରୁରୀ। ଶ୍ରୀ ଶୁଭ୍ରାଂଶୁ ମିଶ୍ର, ଅତିରିକ୍ତ ଶାସନ ସଚିବ କହିଛନ୍ତି ଯେ କୃଷି କ୍ଷେତ୍ରରେ ମହିଳାଙ୍କ ଭୂମିକାକୁ ଆଗକୁ ବଢ଼ାଇବା ପାଇଁ ପ୍ରମାଣ-ଆଧାରିତ ଏବଂ ସମସ୍ତଙ୍କୁ ସାଥିରେ ନେଇ ଚାଲିବା ଭଳି ନୂଆ ନୀତିର ଆବଶ୍ୟକତା ରହିଛି।

ଏହି ଦୁଇ ଦିନ ମଧ୍ୟରେ ଅଧିକାରୀମାନଙ୍କୁ କୃଷି ଯୋଜନାରେ ମହିଳାମାନଙ୍କ ପାଇଁ କେମିତି ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା କରାଯିବ ସେ ନେଇ ଆଲୋଚନା ହୋଇଥିଲା। ମହିଳା ଚାଷୀମାନଙ୍କୁ କିପରି ଡିଜିଟାଲ ଜ୍ଞାନକୌଶଳ ଓ ବ୍ୟାଙ୍କିଙ୍ଗ ସେବା ସହ ଯୋଡ଼ାଯାଇପାରିବ, ସରକାରୀ ତଥ୍ୟ ଏବଂ କମ୍ପ୍ୟୁଟର ସଫ୍ଟୱେର୍ ବ୍ୟବହାର କରି ମହିଳା ଚାଷୀଙ୍କ ସମସ୍ୟା ଓ ପ୍ରଗତିର ଆକଳନ କରିବା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।

ଏହି କର୍ମଶାଳାରେ କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଇଆରଆରଆଇ ,ଏନଆଇପିଏଫପି , ଏନସିଏଇଆର ଏବଂ ଆଇଏଫପିଆରଆଇ ଭଳି ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାର ବିଶେଷଜ୍ଞମାନେ ସାମିଲ ହୋଇଥିଲେ।

ଏହି ପଦକ୍ଷେପ ଦ୍ୱାରା ଓଡ଼ିଶା ଏବେ ଦେଶରେ କୃଷି କ୍ଷେତ୍ରରେ ସମାନତା ଓ ମହିଳା ସଶକ୍ତିକରଣ ଆଣିବାରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ। ମହିଳା ଚାଷୀମାନେ ସରକାରଙ୍କ ଯୋଜନାରୁ ସିଧାସଳଖ ସୁଫଳ ପାଇପାରିବେ।

## ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଆୟୋଜିତ

# ୨.୮୮ ଲକ୍ଷ ଏସଏଚଜିଙ୍କୁ ୧୪୭ କୋଟି ଟଙ୍କା ସୁଧ ଫେରସ୍ତ

ଭୁବନେଶ୍ୱର, ୨୬।୬(ମହାଭାରତ)- ମିଶନ ଶକ୍ତି ବିଭାଗ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ରାଜ୍ୟସ୍ତରୀୟ 'ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ' ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲ୍ଲାରୁ ପ୍ରାୟ ୩୩୦ ଜଣ ଜିଲ୍ଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମହୋଦୟାଙ୍କ କରକମଳରେ ୨,୮୮,୧୯୮ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪୭.୭୬ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି।

ଏହି ସ୍ୱତନ୍ତ୍ର ଉତ୍ସବ ଅବସରରେ ୨୬ଟି ଜିଲ୍ଲାର ୨୩,୫୩୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୪୫.୭୧ କୋଟି ଟଙ୍କାର ଆବର୍ତନ ପାଣ୍ଠି ପ୍ରଦାନ କରାଯାଇଛି, ଯେଉଁଥିରେ ଖୋର୍ଦ୍ଧାର ମା ମଙ୍ଗଳା ଓ ଶ୍ରୀରାମ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଯଥାକ୍ରମେ ୩୦,୦୦୦ ଟଙ୍କାର ଚେକ୍ ମାନ୍ୟବର ମନ୍ତ୍ରୀଙ୍କ କରକମଳରୁ ସାକ୍ଷାତ ଭାବେ ଗ୍ରହଣ କରିଛନ୍ତି।

ଗ୍ରାମାଂଚଳର ମହିଳାମାନଙ୍କୁ ସଂଗଠିତ କରିବା ପାଇଁ ୨୭ଟି ଜିଲ୍ଲାର ୬୨୪ଟି ଗ୍ରାମପଂଚାୟତ ସ୍ତରୀୟ ମହାସଂଘ ୧୮୯.୫୭ କୋଟି ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ପ୍ରଦାନ କରାଯାଇଛି, ଯେଉଁଥିରେ ପୁରୀର ଅଭୟମୁଖୀ ଓ ଗୁଆଳିପଡା ଗ୍ରାମପଂଚାୟତସ୍ତରୀୟ ସଂଘର ମା'ମାନେ ଯଥାକ୍ରମେ ୩୫ ଲକ୍ଷ ଟଙ୍କାର ଚେକ୍ ସିଧାସଳଖ ଭାବରେ ପାଇଛନ୍ତି। ଏହା ବ୍ୟତୀତ, ୧୫ଟି ଜିଲ୍ଲାର ୬୫୬ଟି ଆଂଚଳିକ ମହାସଂଘ କୁ ୯.୬୪ କୋଟି ଟଙ୍କାର ନିରାପତା ପାଣ୍ଠି ମଧ ପ୍ରଦାନ କରାଯାଇଛି, ଯେଉଁଥିରେ ଯାଜପୁରର ରାମପୁର ଓ ଜହ୍ନ ଆଂଚଳିକ ମଂଚର ମା'ମାନେ



ଯଥାକ୍ରମେ ୧.୫୦ ଲକ୍ଷ ଟଙ୍କାର ଚେକ୍ ନିରାପତା ପାଣ୍ଠି ବାବଦକୁ ପ୍ରତ୍ୟକ୍ଷ ଭାବରେ ଗ୍ରହଣ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ସମ୍ମିଳନୀର ଉଦ୍ଘାଟନ କରି କହିଥିଲେ ଯେ, ଓଡ଼ିଶା ସରକାର ୨୦୩୬ ସୁଦ୍ଧା ରାଜ୍ୟକୁ ଏକ ସମୃଦ୍ଧ ଓ ବିକଶିତ ଅର୍ଥନୀତିରେ ପରିଣତ କରିବାର ସଂକଳ୍ପ ନେଇଛନ୍ତି, ଯେଉଁଥିରେ ମହିଳାମାନେ ପରିବର୍ତନର ପ୍ରମୁଖ ବାହକ ଅଟନ୍ତି। ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଆତ୍ମନିର୍ଭରଶୀଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ହୋଇଥିବା ବେଳେ, ରାଜ୍ୟ ସରକାର ନିର୍ଦ୍ଧାରିତ ସମୟର ୧ ବର୍ଷ ପୂର୍ବରୁ ହିଁ ୨୫ ଲକ୍ଷର ମାଇଲଖୁଂଟ ଅତିକ୍ରମ କରି ବର୍ତମାନ ଲକ୍ଷପତି ଦିଦିଙ୍କ ସଂଖ୍ୟାକୁ ୨୬,୩୯,୯୦୯ରେ ପହଂଚାଇ ପାରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।ଏହି ସମ୍ମିଳନୀରେ ଓଡ଼ିଶା ଭିଜନ-୨୦୩୬ରେ ମହିଳାଙ୍କ ଭୂମିକା, ଲକ୍ଷପତି ଦିଦି, ମହାଲକ୍ଷପତି ଦିଦି ଓ କୋଟିପତି ଦିଦି ସୃଷ୍ଟି, ମହିଳା-ନେତୃତ୍ୱାଧୀନ ଉଦ୍ୟୋଗ, ପ୍ରଡ୍ୟୁସର ଗ୍ରୁପ୍ ଓ ପ୍ରଡ୍ୟୁସର କମ୍ପାନୀର ପ୍ରୋତ୍ସାହନ, ବଜାର ସଂଯୋଗ, ଆର୍ଥିକ ସହାୟତା ଏବଂ ବିଭିନ୍ନ ଜିଲ୍ଲାର ସଫଳ ଉଦ୍ୟୋଗର ଅନୁଭୂତି ବିନିମୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଏହାସହିତ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ପାଇଁ ମହିଳା-ନେତୃତ୍ୱାଧୀନ ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ମିଶନ ଶକ୍ତି ବିଭାଗର ଆଗାମୀ କାର୍ଯ୍ୟଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯିବା ସହ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିବା ସମସ୍ତ ଜିଲ୍ଲାର ଡିଏଲଏଫ୍ ର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାମାନଙ୍କ ସହିତ ମଧ ସକାରାତ୍ମକ ଆଲୋଚନା କରିଥିଲେ।ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡଃ ମୋନିକା ପ୍ରିୟଦର୍ଶିନୀ,ଜିଏମ୍ ଆଣ୍ଡ କନଭେନର ,ଏସଏଲବିସି ଓଡ଼ିଶା ପ୍ରଣବ କୁମାର ବିଶ୍ୱାସଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ, ଜିଲ୍ଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ ସଦସ୍ୟା, ବ୍ୟାଙ୍କ ଓ ସହଯୋଗୀ ସଂସ୍ଥାର ପ୍ରତିନିଧିମାନେ,ଆଭାସୀ ମାଧ୍ୟମରେ ଜିଲ୍ଲାର ସମସ୍ତ ଅଧିକାରୀ ଓ ମା ମାନେ ଉପସ୍ଥିତ ଥିଲେ।

# ଆଜି ଉପକୂଳ ଓ ତଟ ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀଙ୍କ ବୈଠକ

ଭୁବନେଶ୍ୱର, ୨୬।୬(ମହାଭାରତ)): ଉପକୂଳ ଓ ତଟ ସୁରକ୍ଷା ନେଇ ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଆସନ୍ତାକାଲି (ବୁଧବାର)ଦିନ ୧୦ଟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ବୈଠକ ବସିବ । ଉପକୂଳ ସୁରକ୍ଷାକୁ ଅଧିକ ସୁଦୃଢ଼ ଓ କଡ଼ାକଡ଼ି କରିବା ସହ ଉପକୂଳ ସୁରକ୍ଷାର ଆଧୁନିକୀକରଣ, ସାମୁଦ୍ରିକ ପାଟ୍ରୋଲିଂ ଉପରେ ଗୁରୁତ୍ୱ ନେଇ ବୈଠକରେ ଆଲୋଚନା ହୋଇପାରେ। ବୈଠକରେ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜିଙ୍କ ସମେତ ରେଲୱେ ଓ କୋଷ୍ଟାଲ ଡିଜି ଅରୁଣ ବୋଥ୍ରା ପ୍ରମୁଖ ଉପସ୍ଥିତ ରହିବେ। ଏହାସହିତ ବୈଠକରେ ବିଭାଗୀୟ ଅଧିକାରୀମାନେ ମଧ ସାମିଲ ହେବେ ବୋଲି ସୂଚନା ମିଳିଛି।

# ଖରିଫ ୨୦୨୬ ଓ ଏଲ୍ ନିନୋ ମୁକାବିଲାର ପ୍ରସ୍ତୁତି ସମୀକ୍ଷା

ଭୁବନେଶ୍ୱର, ୨୬।୬(ମହାଭାରତ): କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ମଙ୍ଗଳବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ଭିଡ଼ିଓ କନଫରେନ୍ସିଂ ବୈଠକରେ ଖରିଫ୍ ୨୦୨୬ ପାଇଁ ପ୍ରସ୍ତୁତି ଏବଂ ଏଲ୍ ନିନୋର ପ୍ରଭାବକୁ ମୁକାବିଲା କରିବା ପାଇଁ ରାଜ୍ୟର ରଣନୀତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ବାମନ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଭାରତୀୟ ପାଣିପାଗ ବିଭାଗ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୀର୍ଘକାଳୀନ ହାରାହାରିର ୯୨% ରହିବ ବୋଲି ପୂର୍ବାନୁମାନ କରିଥିବାରୁ, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁର ଆଦି ୮ଟି ଜିଲ୍ଲା ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ରାଜ୍ୟ ପ୍ରଶାସନ ପକ୍ଷରୁ ବିଳମ୍ବରେ ରୁଆ, ଆର୍ଦ୍ରତାର ଅଭାବ, ଜଳଭଣ୍ଡାରରେ ଜଳସ୍ତର ହ୍ରାସ ଏବଂ ରୋଗପୋକ ସଂକ୍ରମଣ ଭଳି ସମ୍ଭାବ୍ୟ ବିପଦକୁ ମୁକାବିଲା କରିବା ପାଇଁ ସଜାଗ ରହିଛି।

କୃଷି ଉତ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ୫୭.୮୮ ଲକ୍ଷ ହେକ୍ଟର ଜମିରେ ଚାଷ ପାଇଁ ଚୂଡ଼ାନ୍ତ କରିଛି। ଏଥିପାଇଁ ସବସିଡ଼ି ଦରରେ ପ୍ରାମାଣିକ ବିହନ ବଂଟନ ଏବଂ ସଙ୍କଟ ସମୟରେ ବ୍ୟବହାର ପାଇଁ ୧୪,୩୫୦ କ୍ୱିଂଟାଲ (୭,୫୦୦ କ୍ୱିଂଟାଲ ଧାନ ଏବଂ ୬,୮୫୦ କ୍ୱିଂଟାଲ ଅଣ-ଧାନ ବିହନ)ର ଏକ ବିହନ ଭଣ୍ଡାର ପ୍ରତିଷ୍ଠା କରାଯାଇଛି। ଏହାଛଡ଼ା, ଚାଷୀମାନଙ୍କୁ ସାର ଯୋଗାଇବା ପାଇଁ ୧୧.୪୨ ଲକ୍ଷ ମେଟ୍ରିକ ଟନ୍ ଚାହିଦା ବିପକ୍ଷରେ ୬.୪୦ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ କରାଯାଇଛି।

କୃଷି କ୍ଷେତ୍ରରେ ସ୍ଥିରତା ଏବଂ ଚାଷୀଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ସରକାର ପ୍ରଯୁକ୍ତିବିଦ୍ୟା ଓ ସାମୁଦାୟିକ ସହଭାଗିତାକୁ ବ୍ୟବହାର କରୁଛନ୍ତି। 'କୃଷି ସମୃଦ୍ଧି ହେଲ୍ପଲାଇନ୍'ର ଆଇଭିଆରଏସ୍ ବ୍ୟବସ୍ଥା ମାଧ୍ୟମରେ ଚାଷୀଙ୍କୁ ସମୟାନୁସାରେ ପାଣିପାଗ ସମ୍ବନ୍ଧୀୟ ପରାମର୍ଶ ଦିଆଯାଉଛି। ଏଥିସହିତ, ରାସାୟନିକ ସାର ଉପରେ ନିର୍ଭରଶୀଳତା କମାଇବା ଏବଂ ସ୍ଥାୟୀ ଚାଷ ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ଜିଲ୍ଲା ଓ ବ୍ଲକରେ 'ଖେତ ବଂଚାଅ ଅଭିଯାନ' ଏବଂ ପ୍ରାକୃତିକ ଚାଷ ଉପରେ କର୍ମଶାଳା ଆୟୋଜନ କରାଯାଉଛି।

ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ କହିଛନ୍ତି ଯେ, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଓଡ଼ିଶା କୃଷକମାନଙ୍କ ସ୍ୱାର୍ଥ ରକ୍ଷା ଓ ଆର୍ଥିକ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ଟିମ୍ ଗୁଡ଼ିକ ରୋଗପୋକ ନିୟନ୍ତ୍ରଣ ଓ ତଦାରଖ ପାଇଁ ସଜାଗ ରହିଛନ୍ତି। ସେହିପରି 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବା ପାଇଁ ପ୍ରୟାସ ଜାରି ରହିଛି। ଏହି ସମନ୍ୱିତ ପ୍ରୟାସ ମାଧ୍ୟମରେ ଏଲ୍ ନିନୋର ପ୍ରଭାବରୁ ଚାଷୀଙ୍କୁ ରକ୍ଷା କରିବା ଏବଂ ରାଜ୍ୟରେ ନିରନ୍ତର କୃଷି ବିକାଶ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଅଭିହିତ କରିଛନ୍ତି।ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଫସଲ ଆପଦକାଳୀନ ମୁକାବିଲା ପାଇଁ ଯୋଜନପୂର୍ବରୁ ପ୍ରସ୍ତୁତ ରହିଛି। ବ୍ଲକ ସ୍ତରରେ ମଧ ଏହିପରି ଯୋଜନା ପ୍ରସ୍ତୁତ କରିବା ପାଇଁ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୬।୬(ମହାଭାରତ): ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱରର ସତ୍ସଙ୍ଗ ବିହାରସ୍ଥିତ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ବିଧାୟକ ଶ୍ରୀ ବାବୁ ସିଂ ଓ ବହୁ ବରିଷ୍ଠ ରାଜନୈତିକ ନେତୃବୃନ୍ଦଙ୍କ ସମେତ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଏବଂ ବହୁ ବରିଷ୍ଠ ଅତିଥି ପ୍ରମୁଖ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ, ଜଣେ ପ୍ରତିଷ୍ଠିତ ଭାରତୀୟ ରାଜନେତା, ଶିକ୍ଷାବିତ ଏବଂ ବାରିଷ୍ଟର, ଆଧୁନିକ ଭାରତର ଇତିହାସରେ ଏକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ । ୬ ଜୁଲାଇ ୧୯୦୧ ରେ ପଶ୍ଚିମବଙ୍ଗର କୋଲକାତାରେ ସେ ଜନ୍ମଗ୍ରହଣ କରିଥିଲେ । ସେ ସ୍ୱାଧୀନତା ପୂର୍ବ ଏବଂ ପରବର୍ତୀ ଯୁଗରେ ଭାରତର ରାଜନୈତିକ ଏବଂ ଆଦର୍ଶଗତ ଦୃଶ୍ୟପଟ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।ଶ୍ୟାମାପ୍ରସାଦ ଜଣେ ସମ୍ମାନିତ ବିଚାରପତି ଏବଂ ଶିକ୍ଷାବିତ ଆଶୁତୋଷ ମୁଖାର୍ଜୀଙ୍କ ପୁତ୍ର ଥିଲେ । ତାଙ୍କ ପିତାଙ୍କଠାରୁ ଏକ ଦୃଢ଼ ଶିକ୍ଷାଗତ ଏବଂ ଜାତୀୟତାବାଦୀ ମନୋଭାବ ସେ ଉତରାଧିକାରୀ ଭାବରେ ପାଇଥିଲେ । ଜଣେ ମେଧାବୀ ଛାତ୍ର ଭାବରେ, ସେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏ. ଏବଂ ଏମ୍.ଏ. ସମାପ୍ତ କରିଥିଲେ ଏବଂ ପରେ ବାରିଷ୍ଟର ହେବା ପାଇଁ ଇଂଲଣ୍ଡ ଯାଇଥିଲେ । ତାଙ୍କର ତୀକ୍ଷଣ ବୁଦ୍ଧି ଏବଂ ନେତୃତ୍ୱ ଗୁଣ ତାଙ୍କୁ ଯୁବାବସ୍ଥାରୁ ଏକ ପ୍ରମୁଖ ବ୍ୟକ୍ତି ଭାବେ ପ୍ରତିପାଦିତ କରିଥିଲା । ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ କେବଳ ଜଣେ ରାଜନୈତିକ ନେତା ନଥିଲେ ବରଂ ଜଣେ ଜାତୀୟତାବାଦୀ ଚିନ୍ତକ ଏବଂ ସଂସ୍କାରକ ଥିଲେ ଯିଏ ଭାରତର ଅଖଣ୍ଡତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କର ଐତିହ୍ୟ ଆମକୁ ମନେ ପକାଇ ଦିଏ ଯେ ଜାତୀୟ ଏକତା, ସାଂସ୍କୃତିକ ଗର୍ବ ଏବଂ ନିର୍ଭୀକ ନେତୃତ୍ୱ ଏକ ରାଷ୍ଟ୍ରର ପ୍ରଗତି ପାଇଁ ଅତ୍ୟାବଶ୍ୟକ ।

# ଛାତ୍ର କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

ଭୁବନେଶ୍ୱର, ୨୬।୬(ମହାଭାରତ)- ଗଞ୍ଜାମ ଜିଲ୍ଲାର ଆତ୍ମହତ୍ୟା କରିଥିବା ଇଞ୍ଜିନିୟରିଂ କଲେଜ ଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ସହ ଦୋଷୀଙ୍କୁ ଉଚିତ୍ ଦଣ୍ଡ ଦେବା ଦାବିରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରଦେଶ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଆଦିତ୍ୟ ଅଂଶୁମାନ ପାତ୍ରଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ ତରଫରୁ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟର କ୍ୟାଂଟିନ୍ ଛକ ଯାଏଁ ଯାଇଥିଲା । ସେଠାରେ ସ୍ୱର୍ଗତା ଛାତ୍ରୀଙ୍କ ଫଟୋ ଆଗରେ ମହମବତୀ ଜଳାଇ ଛାତ୍ର କଂଗ୍ରେସ କର୍ମୀ ମାନେ ଶ୍ରଦ୍ଧାଞ୍ଜଳୀ ଦେବା ସହ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଫଟୋଚିତ୍ର ଦାହ କରିଥିଲେ।

ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ ଶ୍ରୀ ଆଦିତ୍ୟ ପାତ୍ର କହିଥିଲେ ଯେହେତୁ ଅଭିଯୁକ୍ତ ବିଶ୍ୱଜିତ୍ ଜେନା ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପୁତୁରା, ତେଣୁ ନିରପେକ୍ଷ ତଦନ୍ତ ପାଇଁ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ। ଯୁବ ନେତାସୂର୍ଯ୍ୟକାନ୍ତ ଜେନା କହିଥିଲେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଓ ନାରୀ ନିର୍ଯାତନା କ୍ଷେତ୍ରରେ ଦେଶରେ ପ୍ରଥମ ସ୍ଥାନ ଗ୍ରହଣ କରିଛି ।ଏହି ଭଳି ସମୟରେ ରାଜ୍ୟ ଖଣି ମନ୍ତ୍ରୀଙ୍କ ପୁତୁରା ଛାତ୍ରୀ ଆତ୍ମହତ୍ୟାରେ ଅଭିଯୁକ୍ତ ହେବା ଲଜ୍ୟାର ବିଷୟ।

# ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଥିବା ଓଡ଼ିଆଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର , ୨୬।୬(ମହାଭାରତ) ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଥିବା ଓଡ଼ିଶାର ସମସ୍ତ ବ୍ୟକ୍ତିତ୍ୱଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ମୟୂରଭଞ୍ଜର ଶ୍ରୀ ଚରଣ ହେମ୍ବ୍ରମ, କଳା କ୍ଷେତ୍ରରେ ଗଞ୍ଜାମର ଗୁରୁ ସୀମାଂଚଳ ପାତ୍ର ଏବଂ କଟକ ତିଗିରିଆର ବିଶିଷ୍ଟ ବାନ୍ଧଶିଳ୍ପୀ ଶରତ କୁମାର ପାତ୍ରଙ୍କ ସାଧନା ସମଗ୍ର ରାଜ୍ୟ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଆପଣମାନଙ୍କର ଏହି ନିଷ୍ଠାପର ନିଦର୍ଶନ ଆମ ସମୃଦ୍ଧ କଳା, ଭାଷା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ସହ ଓଡ଼ିଶାର ଅସ୍ମିତାକୁ ଅଧିକ ମହିମାମଣ୍ଡିତ କରିଛି। ତୃଣମୂଳ ସ୍ତରର ପ୍ରକୃତ ସାଧକମାନଙ୍କୁ ଚିହ୍ନଟ କରି 'ପିପୁଲ୍ସ ପଦ୍ମ' ମାଧ୍ୟମରେ ସେମାନଙ୍କ ଶ୍ରମ ଓ ସାଧନାକୁ ରାଷ୍ଟ୍ରୀୟ ସ୍ତରରେ ସମ୍ମାନିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଏବଂ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଜୀଙ୍କୁ ଓଡ଼ିଶାବାସୀଙ୍କ ତରଫରୁ କୃତଜ୍ଞତା ଜଣାଉଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସମସ୍ତ ପୁରସ୍କାର ବିଜେତାଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ଜୀବନ କାମନା କରୁଛି।

# ଏସପିଓ ମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୫।୬(ମହାଭାରତ) କମିଶନରେଟ୍ ପୋଲିସ ଭୁବନେଶ୍ୱର-କଟକ ପକ୍ଷରୁ ଏସପିଓ ମାନଙ୍କ ପାଇଁ ପ୍ରାରମ୍ଭିକ ପ୍ରଶିକ୍ଷଣ ଉପରେ ଆଭ୍ୟନ୍ତରୀଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜୁନ୍ ୨୨ ଓ ୨୩ ତାରିଖ ଦୁଇ ଦିନ ଧରି ପୋଲିସ ସେବା ଭବନ, ସମ୍ମିଳନୀ କକ୍ଷ, ଭୁବନେଶ୍ୱର ଠାରେ "ଏସପିଓ ମାନଙ୍କ ପାଇଁ ପ୍ରାରମ୍ଭିକ ପ୍ରଶିକ୍ଷଣ" ବିଷୟରେ ଏକ ଦିନ ଅର୍ଦ୍ଧ ଦିନିଆ ଆଭ୍ୟନ୍ତରୀଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପୋଲିସ କମିଶନର ଏସ୍. ଦେବ ଦତ ସିଂହ ଏବଂ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ଉଦ୍ଘାଟନ କରିଥିଲେ। କମିଶନରେଟ୍ ପୋଲିସର ସୂଚନା ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ଗଣମାଧ୍ୟମ ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅକ୍ଷୟ ନାୟକ ପରିଚାଳନା କରିଥିଲେ ।

# ପୁନର୍ବାସ ଓ ଥଇଥାନକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୬।୬(ମହାଭାରତ): ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ହରିଦାସପୁର ଜଙ୍କସନ୍-ନିର୍ଗୁଣ୍ଡି ଜଙ୍କସନ୍ ଏବଂ କଟକ ଜଙ୍କସନ୍-ବିଜୟନଗରମ ଜଙ୍କସନ୍ ମଧ୍ୟରେ ୪୪୦.୧୬ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଚତୁର୍ଥ ରେଳପଥ ନିର୍ମାଣ ପ୍ରକଳ୍ପ ସମ୍ପର୍କରେ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।



ବୈଠକରେ ପ୍ରକଳ୍ପର ଭୂମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ରାଜସ୍ୱ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରି ପ୍ରଭାବିତ ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ସଚିବ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ । ପ୍ରାୟ ୭,୬୮୩.୭୯ କୋଟି ଟଙ୍କା ବ୍ୟୟରେ ପ୍ରସ୍ତାବିତ ଏହି ପ୍ରକଳ୍ପ ପୂର୍ବତଟ ରେଳପଥ ଅଧୀନରେ କାର୍ଯ୍ୟକାରୀ ହେବ। ଏହା ଦେଶର ବ୍ୟସ୍ତତମ ହାୱଡ଼ା-ଚେନ୍ନାଇ ରେଳ କରିଡରରେ ରେଳ ଚଳାଚଳ କ୍ଷମତା ବୃଦ୍ଧି, ମାଲବାହୀ ପରିବହନର ସୁବିଧା ଓ ଯାତ୍ରୀବାହୀ ଟ୍ରେନ୍ ର ସମୟାନୁବର୍ତିତା ସୁନିଶ୍ଚିତ କରିବାରେ ସହାୟକ ହେବ। ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାର ଖଣିଜ ଓ ଶିଳ୍ପ କ୍ଷେତ୍ରକୁ ବଡ଼ ଧରଣର ସୁବିଧା ମିଳିବ। କୋଇଲା, ଲୁହାପଥର, ବକ୍ସାଇଟ୍, ଇସ୍ପାତ ଓ ଆଲୁମିନିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ଶିଳ୍ପ ଉତ୍ପାଦର ପରିବହନ ଅଧିକ ସୁଗମ ହେବ। ଧାମରା, ପାରାଦୀପ ଓ ଗୋପାଳପୁର ବନ୍ଦର ସହ ସଂଯୋଗ ସୁଦୃଢ଼ ହେବା ସହ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ବିକାଶକୁ ଏହା ନୂତନ ଗତି ପ୍ରଦାନ କରିବ। ଓଡ଼ିଶା ଅଧୀନରେ ଯାଜପୁର, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରେ ମୋଟ ୧୦୨.୬୪୪ ହେକ୍ଟର ଜମି ଅଧିଗ୍ରହଣର ଆବଶ୍ୟକତା ରହିଛି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେ ୪୪.୫୭୬ ହେକ୍ଟର ଏବଂ ଗଞ୍ଜାମ ଜିଲ୍ଲାରେ ୫୫.୪୬୨ ହେକ୍ଟର ଜମି ଅଧିଗ୍ରହଣ କରାଯିବ। ପ୍ରକଳ୍ପ ପାଇଁ ରାଜ୍ୟରେ ପ୍ରାୟ ୪୫୨ଟି ଘର ପ୍ରଭାବିତ ହେବାର ସମ୍ଭାବନା ରହିଛି, ଯାହା ମଧ୍ୟରୁ ଖୋର୍ଦ୍ଧାରେ ୧୩୬ ଓ ଗଞ୍ଜାମରେ ୩୧୬ ଘର ଅନ୍ତର୍ଭୁକ୍ତ। ବୈଠକରେ ଭୂମି ଅଧିଗ୍ରହଣ ମାମଲାର ଶୀଘ୍ର ନିଷ୍ପତି, କ୍ଷତିପୂରଣ ନିର୍ଦ୍ଧାରଣ, ଜଙ୍ଗଲ ଜମି ଅନୁମୋଦନ ପ୍ରକ୍ରିୟା ଓ ପୁନର୍ବାସ କାର୍ଯ୍ୟକୁ ସରକାରୀ ନିୟମାବଳୀ ଅନୁଯାୟୀ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଭାବିତ ପରିବାରମାନଙ୍କ ସ୍ୱାର୍ଥ ସୁରକ୍ଷିତ ରଖି ନିର୍ବିଘ୍ନରେ ଜମି ହସ୍ତାନ୍ତର କରିବା ପାଇଁ ଜିଲ୍ଲା ପ୍ରଶାସନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ମଧ୍ୟରେ ନିବିଡ଼ ସମନ୍ୱୟ ରଖିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ ।

# ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧଦିବସ

ଭୁବନେଶ୍ୱର, ୨୬।୬(ମହାଭାରତ) ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ଓ ସଫଳ ବ୍ୟକ୍ତିତ୍ୱର ଅଧିକାରୀ । ସେ ସର୍ବଦା ଦରିଦ୍ର ଅବହେଳିତ, ଦଳିତଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ । ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା । ସେ ସଂଭ୍ରାନ୍ତ ଓ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ ସମାଜର ଦଳିତ ଓ ନିଷ୍ପେସିତ ବର୍ଗର ଲୋକଙ୍କ ପାଇଁ ସାରା ଜୀବନ ସଂଗ୍ରାମ ଜାରି ରଖିଥିଲେ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ସେ ଯୋଗଦେଇଥିଲେ । ସେତେବେଳେ ଓଡ଼ିଶାର ଛାତ୍ର ଓ ଯୁବକମାନଙ୍କ ଭିତରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଥିଲା ।

ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶ ଦେଶସେବକ ଓ ନିଷ୍ଠାପର କର୍ମୀ ତଥା ଓଡ଼ିଶାର ଦଳିତ, ଅବହେଳିତ, ନିଷ୍ପେସିତଙ୍କ ପ୍ରକୃତ ବନ୍ଧୁ ଏବଂ ଜଣେ ବିପ୍ଳବୀ ଜନନାୟକ । ଦୀନହୀନ ଅବସ୍ଥାରେ କାଳାତିପାତ କରୁଥିବା ଚାଷୀମୂଲିଆଙ୍କ ସେବା କରି ନିଜକୁ ଧନ୍ୟ ମନେ କରୁଥିଲେ । କ୍ଷମତା ନବକୃଷ୍ଣ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱଙ୍କୁ କରାୟତ କରିପାରିନଥିଲା ଓ ଦୁର୍ନୀତି ତାଙ୍କୁ ସ୍ପର୍ଶ କରିପାରି ନଥିଲା । ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଗ୍ରାମ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଶ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ବିଧାନସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀବୃନ୍ଦଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ।

# ବରଗଡର ଯୁବଚାଷୀ ଇଚ୍ଛାମୃତ୍ୟୁ ମାଗିବା ଓଡିଶା ପାଇଁ ନିନ୍ଦନୀୟ: ବିଜେଡି

ଭୁବନେଶ୍ୱର, ୨୬।୬(ମହାଭାରତ)ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରେ ଚାଷୀ ଗୋପାଳ କୃଷ୍ଣ ସାହୁ କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିନପାରି ଶେଷରେ ବାଧହୋଇ ଇଚ୍ଛାମୃତ୍ୟୁ ମାଗିବା ଘଟଣା ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି । ସରକାରଙ୍କ ଏହି ଚାଷୀ ମାରଣ ନୀତିକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ବିଧାୟିକା ଶ୍ରୀମତୀ ବର୍ଷା ସିଂ ବରିହା କହିଥିଲେ ଯେ, ବରଗଡ଼ ଜିଲ୍ଲାର ଚାଷୀ ଗୋପାଳ କୃଷ୍ଣ ସାହୁ ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ବାରମ୍ବାର ଅଧିକାରୀଙ୍କ ନିକଟକୁ ଦୌଡ଼ିଦୌଡ଼ି ନିରାଶ ହେବା ଶେଷରେ ବାଧ ହୋଇ ଚରମ ପଦକ୍ଷେପ ସ୍ୱରୂପ ମହାମହିମ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଇଚ୍ଛାମୃତ୍ୟୁ ମାଗିଛନ୍ତି ଏବଂ ସେହି ଇଚ୍ଛାମୃତ୍ୟୁକୁ ଜିଲ୍ଲା ପ୍ରଶାସନ ଗ୍ରହଣ କରିବା ଅତ୍ୟନ୍ତ ଲଜ୍ଜାଜନକ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ସରକାର ଚାହୁଁଛନ୍ତିଚାଷୀ ଆତ୍ମହତ୍ୟା କରୁ । ରାଜ୍ୟର ଅନେକ ମଣ୍ଡିରୁ ଧାନ ଉଠୁନଥିବାରୁ ଚାଷୀକୂଳ ଚିନ୍ତାରେ ରହିଛି । ହଜାର ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିବାରୁ ମୌସୁମୀ ବର୍ଷାରେ ଭିଜି ଗଜା ହେଲାଣି । ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ଅହେତୁକ ଦରବୃଦ୍ଧି ଚାଷୀର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଚାଷୀକୂଳର ସମସ୍ତ ସମସ୍ୟା ଡବଲ ଇଞ୍ଜିନ ସରକାର ତୁରନ୍ତ ସମାଧାନ କରନ୍ତୁ, ନଚେତ୍ ଚାଷୀକୂଳର ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଲଢ଼େଇ ଜୋରଦାର କରିବ ।ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଚାଷୀକୂଳକୁ ୩୧୦୦ ଟଙ୍କା ଦେଉଥିବାର ଡିଣ୍ଡିମ ପିଟୁଥିବା ଡବଲ ଇଞ୍ଜିନ ସରକାର ଅନ୍ୟପଟେ ୧୫ କିଲୋ କଟନୀ ଛଟନୀ କରି ସରକାର ଦୋମୁହାଁ ନୀତିର ପରିଚୟ ଦେଉଛନ୍ତି । ପ୍ରତିଥର ଧାନ ସଂଗ୍ରହ ପାଇଁ ଚାଷୀଙ୍କୁ ରାଜରାସ୍ତାକୁ ଓହ୍ଲାଇବାକୁ ପଡୁଛି । ମଣ୍ଡି ସମସ୍ୟା, ଟୋକନ ସମସ୍ୟା ଯୋଗୁଁ ଚାଷୀ ତାର ଧାନକୁ ବିକ୍ରି କରିନପାରି ଇଚ୍ଛାମୃତ୍ୟୁ ଭଳି ଚରମ ପଦକ୍ଷେପ ନେବାକୁ ବାଧ ହେଉଛି । ବରଗଡ଼ର ଚାଷୀ ଇଚ୍ଛାମୃତ୍ୟୁ ମାଗିବା ଓ ଜିଲ୍ଲା ପ୍ରଶାସନ ତାଙ୍କ ଆବେଦନକୁ ଗ୍ରହଣ କରିବା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଦୁଃଖ ଦେଇଛି । ଏଥିରୁ ସ୍ପଷ୍ଟ ହୋଇଛି ଯେ, ସରକାର କେତେ ଅସହାୟ ହୋଇପଡ଼ିଛନ୍ତି । ଧାନ ବିକ୍ରିର ୨୪ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବାର ପ୍ରତିଶ୍ରୁତି ସରକାର ଦେଉଛନ୍ତି, କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଓଡ଼ିଶାକୁ ନିନ୍ଦିତ ହେବାକୁ ପଡୁଛି । ବିଜୁ ଜନତା ଦଳ ଆଶା କରୁଛି, ସରକାର ଚାଷୀକୂଳ ପ୍ରତି ଯତ୍ନବାନ ହୁଅନ୍ତୁ ଓ ଚାଷୀକୂଳର ସବୁ ସମସ୍ୟା ଦୂର କରନ୍ତୁ ।

## ମହାନଦୀ ସମାଧାନ

ଇତିମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଛି। ଯେତେବେଳେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଗଠନ ପ୍ରସ୍ତାବ ରଖିଥିଲେ ସେତେବେଳେ ଅନେକ ଏହାକୁ ନାପସନ୍ଦ କରିଥିଲେ। ଛତିଶଗଡ଼ ସରକାର ଟ୍ରିବ୍ୟୁନାଲ ଗଠନ ସପକ୍ଷରେ ନଥିଲେ। ଓଡ଼ିଶାର ମଧ୍ୟ ଅନେକ ଏହାକୁ ନାପସନ୍ଦ କରିଥିଲେ। କାରଣ ହେଲା ଭାରତରେ ନ୍ୟାୟିକ ପ୍ରକ୍ରିୟା ଏକ ବିଳମ୍ବିତ ପ୍ରକ୍ରିୟା ବୋଲି ସମସ୍ତେ ଜାଣନ୍ତି। ଟ୍ରିବ୍ୟୁନାଲ ଗଠନ ହେବାକୁ ଅନେକ ଦିନ ଲାଗିଗଲା। ଟ୍ରିବ୍ୟୁନାଲ ମାମଲାର ଫଇସଲା କରିବାକୁ ଅନେକ ଦିନ ଲାଗିଯିବ। ତେଣୁ ଏହି ପ୍ରକ୍ରିୟାରେ ତତ୍କାଳ ସଫଳତା ବା ନ୍ୟାୟ ମିଳିବାର ସମ୍ଭାବନା କ୍ଷୀଣ। ଆପୋଷ ଆଲୋଚନା ଏବଂ ଦ୍ୱିପାକ୍ଷିକ ସହମତି ଭିତ୍ତିରେ ସମସ୍ୟାର ସମାଧାନ ସପକ୍ଷରେ ଅନେକ ମତ ରଖିଥିଲେ। ଯେଉଁମାନେ ଟ୍ରିବ୍ୟୁନାଲ ଗଠନକୁ ବିରୋଧ କରି ଏହା ଏକ ସମୟ ସାପେକ୍ଷ ପ୍ରକ୍ରିୟା ବୋଲି କହିଥିଲେ, ସେମାନଙ୍କ ମତ ଏବେ ସତ ବୋଲି ଜଣାପଡୁଛି। ଅତୀତରେ କାବେରୀ ଜଳ ବିବାଦର ସମାଧାନ ଲାଗି ଏଭଳି ଉପାୟ ଅବଲମ୍ବନ ହୋଇଥିଲା। କିନ୍ତୁ ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ବିବାଦର ଅୟମାରମ୍ଭ ହୋଇଥିଲା ସେତେବେଳେ ଯେତେବେଳେ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଅଟକାଇଲେ ଏବଂ ଓଡ଼ିଶାରେ ଜଳସଙ୍କଟ ସୃଷ୍ଟି ହେଲା। ମହାନଦୀର ଉତ୍ପତ୍ତି ଛତିଶଗଡ଼ରେ ହୋଇଛି। ସେଠାରେ ଅନେକ ଛୋଟ ଛୋଟ ଉପନଦୀ ମଧ୍ୟ ମହାନଦୀରେ ମିଶିଛି। ଛତିଶଗଡ଼ ସରକାର ଏହି ଜଳର ଉଭୟ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ଉପଯୋଗ ଲାଗି ମହାନଦୀ ଓ ଏହାର ଉପନଦୀ ଗୁଡ଼ିକରେ ୧୦ରୁ ଅଧିକ ଛୋଟ ବଡ଼ ବ୍ୟାରେଜ ନିର୍ମାଣ କରିଛନ୍ତି। ଏହିସବୁ ବ୍ୟାରେଜ ନିର୍ମାଣ ଦ୍ୱାରା ସେଠାରେ ପ୍ରଚୁର ଜଳ ସଞ୍ଚିତ ହୋଇ ରହୁଛି। ଏହାକୁ ସେଠାରେ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ବିନିଯୋଗ କରାଯାଉଛି। ଫଳରେ ଛତିଶଗଡ଼ର ଆର୍ଥିକ ବିକାଶ ସମ୍ଭବ ହୋଇପାରୁଛି। କିନ୍ତୁ ଓଡ଼ିଶା ଏହା ଦ୍ୱାରା ଗୁରୁତର ପ୍ରଭାବିତ ହୋଇଛି। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ତଳମୁଣ୍ଡକୁ ଜଳ ପ୍ରବାହ କମିଛି। ଛତିଶଗଡ଼ ସୀମା ଭିତରେ କଲମା ବ୍ୟାରେଜରେ ଜଳ ଉଚ୍ଛୁଳୁଥିବା ବେଳେ ଓଡ଼ିଶା ସୀମା ଭିତରେ ମହାନଦୀ ଶୁଖିଲା ପଡ଼ିଛି। ଅନେକ ସ୍ଥାନରେ ମହାନଦୀ ଶଯ୍ୟା ଏବେ ମରୁଭୂମି ଭଳି ଲାଗୁଛି। ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଏହା ଉପରେ ରାଜ୍ୟର ଅଧା ଅଞ୍ଚଳ ନିର୍ଭର କରନ୍ତି। କୃଷି ଏବଂ ଶିଳ୍ପ ସହିତ ବହୁ ମତ୍ସ୍ୟଜୀବୀ ଏହା ଉପରେ ନିର୍ଭର କରି ଚଳନ୍ତି। ମହାନଦୀ ପାର୍ଶ୍ୱବର୍ତ୍ତୀ ଲୋକଙ୍କ ପାନୀୟ ଜଳର ମୁଖ୍ୟ ଉତ୍ସ ହେଲା ମହାନଦୀ। ଏବେ ମହାନଦୀ କୂଳରେ ବାସ କରୁଥିବା ଲୋକଙ୍କୁ ପାଣି ପାଇଁ ଡହଳ ବିକଳ ହେବାକୁ ପଡୁଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିଯିବା ଫଳରେ ଉଭୟ ବିଦ୍ୟୁତ ଉତ୍ପାଦନ ଏବଂ କୃଷି କ୍ଷେତ୍ରକୁ ଜଳସେଚନ ଗୁରୁତର ପ୍ରଭାବିତ ହୋଇଛି। ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ମଧ୍ୟ ଜଳସଙ୍କଟ ଦେଖାଦେଇଛି। ମହାନଦୀ ତ୍ରିକୋଣଭୂମି ଆରମ୍ଭ ହୋଇଛି ମୁଣ୍ଡଳୀରୁ। ସେଠାରୁ ମହାଦୀର ବିଭିନ୍ନ ଶାଖା ପ୍ରଶାଖା ବାହାରି ଉପକୂଳ ଅଞ୍ଚଳରେ ଜାଲଭଳି ବିଛାଇ ହୋଇ ରହିଛି। କଟକ ଜିଲ୍ଲା ନରାଜ ଏବଂ ଯୋବ୍ରାରେ ନିର୍ମିତ ଆନିକଟରେ ଜଳାଭାବ ଦେଖା ଦେଇଛି। ଯୋବ୍ରାରୁ ପାରାଦ୍ୱୀପରେ ପ୍ରତିଷ୍ଠିତ ଆଇଓସିଏଲ ପ୍ଲାଣ୍ଟକୁ ଜଳଯୋଗାଣ ହେଉଛି। ଫଳରେ ଯୋବ୍ରାରେ ପାଣି ଅଭାବ ଦେଖିବାକୁ ମିଳୁଛି। କିଛି ବର୍ଷ ତଳେ ଯେତେବେଳେ ଆଇଓସିଏଲ ଯୋବ୍ରାରୁ ପାଣି ନେବ ବୋଲି ପ୍ରସ୍ତାବ ଆସିଥିଲା ସେତେବେଳେ ଏହାକୁ ବିରୋଧ କରାଯାଇଥିଲା ଏବଂ ଆଇଇସିଏଲ ମହାନଦୀ ମୁହାଣରେ ନିଜସ୍ୱ ଜଳଭଣ୍ଡାର ନିର୍ମାଣ କରୁ ବୋଲି ଅନେକ ମତବ୍ୟକ୍ତ କରିଥିଲେ। ବର୍ଷା ଦିନେ ମହାନଦୀରେ ଆସୁଥିବା ବନ୍ୟାଜଳକୁ ସେଠାରେ ସଞ୍ଚୟ କରାଯାଇ ଏହାକୁ ଶିଳ୍ପ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। କିନ୍ତୁ ଆଇଓସିଏଲ ଏହାକୁ କାର୍ଯ୍ୟକାରୀ କଲାନାହିଁ। ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିର ଅଭାବ ହେତୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମହାନଦୀ ଜଳ ବିବାଦ ଆରମ୍ଭରୁ ଛତିଶଗଡ଼ କହିଆସୁଛି ଯେ, ମହାନଦୀ ଉପରମୁଣ୍ଡରେ ନିଜ ଭୌଗଳିକ ସୀମା ଭିତରେ ଏହା ବ୍ୟାରେଜ ନିର୍ମାଣ କରିଛି। ଓଡ଼ିଶା ସରକାର ମଧ୍ୟ ତଳମୁଣ୍ଡରେ ବ୍ୟାରେଜ ନିର୍ମାଣ କରି ନିଜ ଆବଶ୍ୟକତା ପୂରଣ ନିମନ୍ତେ ଜଳସଞ୍ଚୟ କରିପାରିବେ। ଛତିଶଗଡ଼ ସରକାରଙ୍କ ଏହି ଯୁକ୍ତି ଅନେକାଂଶରେ ଯଥାର୍ଥ। ବର୍ଷା ଦିନେ ମହାନଦୀରେ ପ୍ରବାହିତ ହେଉଥିବା ବିପୁଳ ଜଳରାଶି ସମୁଦ୍ରକୁ ଚାଲିଯାଉଛି। ଓଡ଼ିଶା ସରକାର ଯେବେଠାରୁ ଛତିଶଗଡ଼ ସହ ମହାନଦୀ ଜଳବିବାଦରେ ଲିପ୍ତ ହେଲେଣି ସେବେଠାରୁ ଯୋଜନା କରିଥିଲେ ତଳମୁଣ୍ଡରେ ଅନେକ ବ୍ୟାରେଜ ନିର୍ମାଣ ହୋଇସାରନ୍ତାଣି। ଛତିଶଗଡ଼ ସରକାର ବିଭିନ୍ନ ଶିଳ୍ପ ସଂସ୍ଥାରୁ ଆଗୁଆ ଟଙ୍କା ଆଣି ଏହିସବୁ ବ୍ୟାରେଜ ନିର୍ମାଣ କରିଛନ୍ତି। ଓଡ଼ିଶା ସରକାର ମଧ୍ୟ ଏହା କରିପାରନ୍ତେ। ପ୍ରତିବର୍ଷ ବଜେଟରେ ଏଥିଲାଗି କିଛି ଅର୍ଥ ବରାଦ କରାଗଲେ ୧୦ ବର୍ଷରେ ସ୍ଥିତି ବଦଳିଯାଇପାରନ୍ତା। ଟ୍ରିବ୍ୟୁନାଲରେ ମାମଲା ଚାଲୁ। କିନ୍ତୁ ଏହାକୁ ଭରସା କରି ସମୟ ନଷ୍ଟ କରାଯିବା ଅନୁଚିତ। ପ୍ରତିବର୍ଷ ଏହି ପ୍ରସଙ୍ଗ ନେଇ ବିଧାନସଭାରେ ହଟ୍ଟଗୋଳ ହେଉଛି। ରାଜନୈତିକ କାଦୁଅ ଫିଙ୍ଗାରେ ସବୁ ଦଳ ବ୍ୟସ୍ତ। କିନ୍ତୁ ସମସ୍ୟାର ସମାଧାନ ଲାଗି କାହାର ଆନ୍ତରିକତା ନାହିଁ। ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ବ୍ୟାରେଜ ନିର୍ମାଣ ନିମନ୍ତେ ଜଙ୍ଗଲ ବା ଚାଷ ଜମି ବୁଡ଼ାଇବାର ଆବଶ୍ୟକତା ନାହିଁ। ନଦୀ ଶଯ୍ୟା ଭିତରେ ଏହା ନିର୍ମିତ ହୋଇପାରିବ। କେବଳ ଏହି ଗୋଟିଏ ଯୋଜନା ଉପରେ ରାଜ୍ୟ ସରକାର ମନୋନିବେଶ କଲେ ଓଡ଼ିଶାର ଭାଗ୍ୟ ବଦଳିଯାଇପାରନ୍ତା।

# ବୌଦ୍ଧିକ ବିକାଶ : ଆନନ୍ଦମୟ ପୂର୍ଣ୍ଣାଙ୍ଗ ଜୀବନ

**ଡକ୍ଟର ସୁରେଶ କୁମାର ନାୟକ୍**

ପିଲାମାନେ ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼େ, ଏହା ରାତାରାତି କେଉଁ ଆକାଶରୁ ଖସି ପଡ଼ିନଥାଏ କିମ୍ବା ଯାଦୁବିଦ୍ୟା ଦ୍ୱାରା ସମ୍ଭବ ହୋଇନଥାଏ। ମାତ୍ର କେତେକ ଅଛନ୍ତି ଯେଉଁମାନେ ନିଜ ବୁଦ୍ଧି ବଳରେ ହିଁ ସହଜରେ ବୃଦ୍ଧିମତ୍ତା ଏପରି ପ୍ରକୃତିଦତ୍ତ ଲକ୍ଷଣ। ଆଉ ଜନ୍ମରୁ ହିଁ ଜଣକର ମାନସିକ ଦକ୍ଷତା ଜଣାପଡ଼ି ଯାଇଥାଏ। କିନ୍ତୁ ଏହା ବ୍ୟତୀତ ଉଦ୍ୟମ ବଳରେ ପିଲାମାନେ ମଧ୍ୟ ନିଜ ବୌଦ୍ଧିକ ବିକାଶ କରିପାରିବେ। ଅନ୍ୟମାନଙ୍କ ଆଗରେ ନିଜ ଦକ୍ଷତା ପ୍ରଦର୍ଶନ କରିବାକୁ ହେଲେ ବୌଦ୍ଧିକ ବିକାଶ ନିହାତି ଜରୁରୀ। ଏଥିପାଇଁ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ ସେ ନେଇ ଜାଣିବା ଜରୁରୀ। ବୌଦ୍ଧିକ ଚେତନା ପିଲାମାନଙ୍କୁ ଯେତିକି ବିକଶିତ କରିଥାଏ ସେତିକି ଜୀବନର ଆହ୍ୱାନକୁ ଗ୍ରହଣ କରିବା ପାଇଁ ରାସ୍ତା ପ୍ରଶସ୍ତ କରିଥାଏ।

ବୁଦ୍ଧିର ବିକାଶ ପାଇଁ ସବୁଠି ବେଶୀ ଗୁରୁତ୍ୱପୂର୍ଣ୍ଣ ହେଉଛି ଅଭ୍ୟାସ। ଯେ କୌଣସି ପିଲା ଅଭ୍ୟାସ ବଳରେ ସବୁ କିଛି ହାସଲ କରିପାରିବ। ସେଥିପାଇଁ କୁହାଯାଏ ଅଭ୍ୟାସ ବଳେ ସବୁ ଗ୍ରନ୍ଥ, ପଢ଼ି ହୋଇବ ଜ୍ଞାନବନ୍ତ। ତେଣୁ ଛାତ୍ରଛାତ୍ରୀମାନେ ବୁଝିପାରୁ ନଥିବା ବିଷୟକୁ ବାରମ୍ବାର ପଢ଼ିବା ଦ୍ୱାରା ନିଶ୍ଚିତ ଭାବେ ତାହା ବୋଧଗମ୍ୟ ହୋଇଥାଏ। କେବଳ ପାଠ ନୁହେଁ କୌଣସି କାମ ପାଇଁ ନିରନ୍ତର ଅଭ୍ୟାସ କରିବା ଫଳରେ ସଫଳତା ନିଶ୍ଚୟ ମିଳିଥାଏ। ତେଣୁ ନିଜର ଜ୍ଞାନ ବଢ଼ାଇବାକୁ ଚାହୁଁଥିଲେ ପ୍ରତିକ୍ଷେତ୍ରରେ ଅଭ୍ୟାସ ହିଁ ସର୍ବପ୍ରଥମ ମାର୍ଗ। ସବୁ କାଠକୁ ଠିକ ସମୟ ଭିତରେ ପୁରା କରନ୍ତି। ବୁଦ୍ଧିମାନ ପିଲାଙ୍କର ଏହା ଏକ ଉତ୍ତମ ଲକ୍ଷଣ। ଯେଉଁ କାମ ପାଇଁ ଯେତିକି ସମୟ ଆବଶ୍ୟକ ସେହି ଅନୁସାରେ କାମ କରିବା ଦରକାର। ଫଳରେ ଅନ୍ୟ ସମୟରେ ନୂଆ କିଛି କାମ କରିପାରିବେ କିମ୍ବା କୌଣସି କ୍ରିଏଟିଭି କାମ କରିବା ପାଇଁ ବି ସୁଯୋଗ ପାଇପାରିବେ।

ଘରେ ହେଉ କି ସ୍କୁଲରେ ସବୁ ସ୍ଥାନରେ ପ୍ରଥମେ ଅନ୍ୟର କଥାକୁ ଭଲ ଭାବେ ଶୁଣନ୍ତୁ। କଥାକୁ ଭଲ ଭାବେ ଶୁଣିବା ପରେ ହିଁ କୌଣସି ବିଷୟକୁ ବୁଝିବା ସହଜ ହୋଇଥାଏ। ପିଲାଙ୍କର ଏଭଳି ଗୁଣ ସେମାନଙ୍କୁ ଅନେକ ଗୁଡ଼ିଏ କଥା ଜାଣିବାକୁ ପାଇଁ ସୁଯୋଗ ଦେଇଥାଏ। ଫଳରେ ସେମାନେ ବୁଦ୍ଧିମାନ ହୋଇପାରନ୍ତି। ସେଥିପାଇଁ ପାଠ ପଢ଼ାଇବା ସମୟରେ ଶିକ୍ଷକଙ୍କ କଥାକୁ ଭଲ ଭାବେ ଶୁଣିବା ପାଇଁ ପିଲାଙ୍କୁ ପରାମର୍ଶ ଦିଆଯାଏ। ଯେଉଁମାନେ ଭଲ ଭାବେ ଶିକ୍ଷକ ବୁଝାଉଥିବା ପାଠକୁ ଶୁଣନ୍ତି ସେମାନେ ସହଜରେ ବୁଝିପାରନ୍ତି ଏବଂ ମନେ ରଖିପାରନ୍ତି। ନିଜର ବୁଦ୍ଧି ବଢ଼ାଇବା ପାଇଁ ଚାହୁଁଥିଲେ ସବୁ ସ୍ଥାନ କିମ୍ବା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରନ୍ତୁ। ବିଶେଷକରି ଶ୍ରେଣୀଗୃହରେ ପାଠପଢ଼ା ହେଉଥିବା ସମୟରେ ସେଠାରେ ଅନ୍ୟମନସ୍କ ହୁଅନ୍ତୁ ନାହିଁ। ବରଂ କୌଣସି ବିଷୟରେ ପାଠପଢ଼ାବେଳେ କିଛି ଅବୁଝା ରହିଗଲେ ତୁରନ୍ତ ପ୍ରଶ୍ନ ପଚାରନ୍ତୁ। ସବୁ ବିଷୟର ଅଧିକ ଜାଣିବାର ଆଗ୍ରହ ପିଲାଙ୍କ ବୁଦ୍ଧିକୁ ବଢ଼ାଇଥାଏ। ତେଣୁ ପ୍ରଶ୍ନ ପଚାରିବାର କଳା ଜାଣି ପାରିଲେ ପଲାମାନେ ସବୁ ବିଷୟରେ ଅଧିକ ଜ୍ଞାନ ହାସଲ କରିପାରିବେ। ବୁଦ୍ଧି ବଢ଼ାଇବାର ଅନ୍ୟ ଏକ ମାଧ୍ୟମ ହେଉଛି ଲକ୍ଷ୍ୟ ସ୍ଥିର କରିବା ବା ନିଜର ଏକ ଟାର୍ଗେଟ କରିବା। ପାଠପଢ଼ାରେ ହେଉ କି ଅନ୍ୟ କୌଣସି କ୍ଷେତ୍ରରେ କାମ କରିବାକୁ ଯାଥିଲେ ପ୍ରଥମେ ଟାର୍ଗେଟ କରି କାମ କରନ୍ତୁ। ଅର୍ଥାତ୍ କେଉଁ ସମୟ ମଧ୍ୟରେ କେତିକିକାମ କରିବେ ସେଥିପାଇଁ ପ୍ରଥମେ ଯୋଜନା କରନ୍ତୁ। ଆଉ ଯୋଜନା ଅନୁସାରେ କାମ ପୁରା କରିବା ନିମନ୍ତେ ପରିଶ୍ରମ କରନ୍ତୁ। ବିଦ୍ୟାର୍ଥୀମାନେ ଯଦି ସମୟ ଅନୁସାରେ କେତିକି କାମ କରିବେ ତାହା ସ୍ଥିରକରିନେବେ ତା'ହେଲେ ଅଧିକ ଜ୍ଞାନ ହାସଲ କରିପାରିବେ।

ପଢ଼ିବା, ଲେଖିବା କିମ୍ବା ଚିତ୍ର କରିବା ଆଦି କେଉଁ କ୍ଷେତ୍ର ଆପଣଙ୍କୁ ଅଧିକ ପସନ୍ଦ ହେଉଛି ତାହା ସ୍ଥିର କରନ୍ତୁ। ନିଜେ କେଉଁ ବିଷୟରେ ଜାଣିବାକୁ ଚାହୁଁଛନ୍ତି ଏବଂ କେଉଁ କ୍ଷେତ୍ରରେ ଆପଣ ନିଜ ଭବିଷ୍ୟତ ଗଢ଼ିବାକୁ ଚାହୁଁଛନ୍ତିତାହା ଲେଖି ରଖନ୍ତୁ। ପ୍ରତିଦିନ ଖବର କାଗଜ ପଢ଼ନ୍ତୁ ଓ କିଛି ନୂଆ ଚିନ୍ତା କରନ୍ତୁ। ଯାହା ପଢୁଛନ୍ତି ଅଥବା ଭାବୁଛନ୍ତି ସେ ସବୁ ଲେଖି ରଖନ୍ତୁ। କିଛି ଗପ କିମ୍ବା ଗୀତ ଲେଖିବାର ଅଭ୍ୟାସ କରନ୍ତୁ। ଟିଭି କିମ୍ବା ଫୋନରେ ଶିକ୍ଷା ସମ୍ବନ୍ଧୀୟ ଭିଡ଼ିଓ ଦେଖନ୍ତୁ। ନିଜ ଭାବନାକୁ ଲେଖି ରଖନ୍ତୁ କିମ୍ବା ଅନ୍ୟ ମାନଙ୍କ ସହ ଶେୟାର କରନ୍ତୁ। ନିଜ ଠାରୁ ଅଧିକ ସ୍ମାର୍ଟ ପିଲାଙ୍କ ସହିତ ଅଧିକ ସମୟ କଟାନ୍ତୁ। ନୂଆ ନୂଆ ସ୍ଥାନ ବୁଲିବାକୁ ଯାଆନ୍ତୁ ଓ ଅଧିକ ଲୋକଙ୍କ ସହ ମିଶି କଥାବାର୍ତ୍ତା କରନ୍ତୁ। ଚେସ କିମ୍ବା ବିଭିନ୍ନ ପ୍ରକାର ଫଜଲ ଗେମ ଖେଳନ୍ତୁ। ବେଳେ ବେଳେ କିଛି କାମ ନକରି ନୀରବ ହୋଇ ବସନ୍ତୁ। ଯୋଗ, ଧ୍ୟାନ ଓ ବ୍ୟାୟାମ କରନ୍ତୁ। ସନ୍ତୁଳିତ ଆହାର ନିଅନ୍ତୁ ଓ ଭଲ ନିଦରେ ସାତରୁ ଆଠଘଣ୍ଟା ଶୁଅନ୍ତୁ।

ବୌଦ୍ଧିକ ବିକାଶ ପଛରେ ଅନ୍ତର୍ନିହିତ ଜୀବନଚେତନା ରହିଛି। ଏହାକୁ ଏକ ହଲକା କଥା ବୋଲି ଗୁରୁତ୍ୱହୀନ ଭାବି ଆଦୌ ବିଚାର କରନ୍ତୁ ନାହିଁ। ବିଦ୍ୟାଳୟ ପରେ ପିଲାଟିର ଅଧିକାଂଶ ସମୟ ବିତିଥାଏ ଘରେ। ପିଲାଟିକୁ ଜୀବନର ପ୍ରାରମ୍ଭରୁ ବସ୍ତୁବାଦୀ ଭିତରକୁ ନ ଠେଲି ନୀତି, ନୈତିକତା, ଆଧ୍ୟାତ୍ମିକତାର ଶିକ୍ଷା ଦିଅନ୍ତୁ। ପିଲାଟି ଖୁବ କମ ବର୍ଷ ବୟସରୁ ମାନବୀୟ ମୂଲ୍ୟବୋଧ ଶିକ୍ଷା କରୁ ଜଗତ ଈଶ୍ୱରଙ୍କ ଠାରୁ ଭିନ୍ନ ନୁହେଁ। ସକଳ ବସ୍ତୁରେ ସମସ୍ତଙ୍କ ଭିତରେ ସକଳ ଜୀବନକୁ ଆନନ୍ଦମୟ କରିବା ପାଇଁ ସେ ଯେପରି ପ୍ରତିଟି ଆହ୍ୱାନକୁ ଗ୍ରହଣ କରେ ସେ ଶିକ୍ଷା ଦେବାର ଦାୟିତ୍ୱ ବାପ-ମାଆଙ୍କର। ଜୀବନ ହିଁ ଧର୍ମ, ସ୍ୱାର୍ଥ ତ୍ୟାଗ ହିଁ ଜୀବନ। ସତ୍ୟ, ନ୍ୟାୟ, ପ୍ରେମ, ପବିତ୍ରତା, ପୂଣ୍ୟ ଓ ସଦାଚାରରେ ବ୍ରତୀ ହୋଇ ପ୍ରାର୍ଥନା ଓ ଧ୍ୟାନକୁ ଧର୍ମର ଦୁଇଟି ପ୍ରଧାନ ସ୍ତମ୍ଭ ଭାବେ ପିଲାଟି ଜୀବନରେ ଶିକ୍ଷା ଲାଭ କରୁ। ଜୀବନର ବୌଦ୍ଧିକ ବିକାଶ କ୍ଷେତ୍ରରେ ପ୍ରତିଟି ଆନନ୍ଦମୟ ଶିକ୍ଷା କେବଳ ନିଜ, ଘର ପରିବାର ପାଇଁ ବନ୍ଧୁବର୍ଗଙ୍କ ପାଇଁ ଠାରୁ ସବୁଠାରୁ ବଡ଼। ଏ ମହାନ ସମାଜ ପ୍ରତି ତାର ଦାୟିତ୍ୱବୋଧ। ଶାଶ୍ୱତ, ଆନନ୍ଦମୟ ଜୀବନ ଭିତରେ ବୌଦ୍ଧିକ ଚେତନା ନିଖୁଣ ହେଲେ ପିଲାଟିର ଜୀବନ ପୂର୍ଣ୍ଣାଙ୍ଗ ହେବ।


**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨**


# ଏ କାନ କ'ଣ ଶୁଣୁଛି, ଏ ଆଖି କ'ଣ ଦେଖୁଛି ?

**ଅଜୟ କୁମାର ବେହେରା ■**

ସମୟ ବଦଳ ଯୁଗ ଚକ୍ର ରେକର୍ଡ଼ରେ ଅଛି, ଯାହା ପୁରାଣରୁ ମିଳୁଛି ପ୍ରତିବର୍ଷ ପାଞ୍ଜିରେ ଲେଖା ରହୁଛି। ପ୍ରତ୍ୟେକ ଦିନରେ କଳିଯୁଗ କେତେ ଦିନ ବିଗତ ହେଉଛି ଅନେକ ପାଞ୍ଜିରେ ଲେଖା ରହିଛି। ଦିନ ଗୁଡ଼ିକ ଅର୍ହଗଣ ରୂପେ ଲେକା ଅନେକ ପାଞ୍ଜିରେ ଲେଖିଥିବା ବେଳେ ଅନେକ ପାଞ୍ଜିରେ ଶତାବ୍ଦ ଆରମ୍ଭ ପଣା ସଂକ୍ରାନ୍ତି ଦିନ। କଳି ଯୁଗ କେତେ ବର୍ଷ ସୌରମାନ ଦିନ ସମଷ୍ଟିରେ ଗତ ହେଲା ଲେଖାଥାଏ। ଏ ମହାଯୁଗର ତିନି ଯୁଗ ଶେଷ ହୋଇ ଚତୁର୍ଥ ଯୁଗ, କଳିଯୁଗ ଚାଲୁଛି। କଳ୍ପ, ଯୁଗ, ସମ୍ବତ୍ସର, ଋତୁ, ମାସ, ପକ୍ଷ, ତିଥି, ବାର ଆଦିର ଧାର୍ଯ୍ୟ ଫଳର କିଛି ସ୍ଥୂଳଫଳର ଲେଖାଅଛି ତାହା ଉଣା ଅଧିକେ ଅନୁଭୂତ ହେଉଛି। ହେଲେ ଏହି କେତେ ବର୍ଷ ହେଲା ଦେଖାଯାଉଛି ଆମ ଦେଶରେ ନୁହେଁ ବହୁଦେଶରେ ଲୋକ ଅନେକ ସ୍ୱେଚ୍ଛାଚାରୀ ହୋଇ ପ୍ରାକ୍ ଯୁଗର ଶାସ୍ତ୍ର ନିୟମକୁ ନ ମାନି ମନୋଜ୍ଞ ବ୍ୟବସ୍ଥାରେ ନିୟମ ବଦଳାଇ ଧର୍ମ, ଜାତି, କୂଳ ବୟସର ସୀମା ନ ମାନି ମିତର ହୋଇ ଅଶାସ୍ତ୍ରୀୟ ଅନୀତି କାର୍ଯ୍ୟମାନ କରୁଛନ୍ତି।

ଯେଉଁ ଭୋଜନ ଦ୍ରବ୍ୟ ମନୁଷ୍ୟ ଶରୀର ପାଇଁ ଉପଯୁକ୍ତ ତାହା ବର୍ତ୍ତମାନ ନାନା ପ୍ରକାରରେ ବାଟବଣା, ବଣିକ ବୃତ୍ତିରେ, ଖାଦ୍ୟ ପଦାର୍ଥର ଭେଜାଲ, ମିଳାବଟ ନାମରେ, ରଙ୍ଗରେ, ବାସ୍ନାରେ, ଆକୃତିରେ ଦ୍ରବ୍ୟ ମିଳୁଛି। ମାତ୍ର ତାହା ପ୍ରକୃତ ଦ୍ରବ୍ୟ ନୁହେଁ। କଟା ମାଲିକ ଦେବଗୁଣ ସମ୍ପନ୍ନ ନୁହଁନ୍ତି ପଦବୀରେ ରହି ଅନୀତିରେ ସର୍ବୋପରି ଏହି ପଥରେ ସ୍ୱଭଣ୍ଡାର ସମ୍ପତ୍ତି ଧନ ବଢ଼ାଇବାରେ ଲାଗି ପଡୁଛନ୍ତି। ଅଳକା ପୁରୀ ମାଲିକ ଯକ୍ଷ ରାଜକୁବେର ହେବା ଦୌଡ଼ରେ ଧାବିତ। ନବନିଧି ତାଙ୍କର ଆଲିଶାନ ମଞ୍ଜିଲରେ କେବଳ ପୋଲିସ ସିବିଆଇଙ୍କ ଦର୍ଶନ ପାଇଁ ରହିଛି। ଭୂଗର୍ଭ ନିଧିକୁ ଅର୍ଥରେ ବଦଳାଇ ଏବେ କିଞ୍ଚିତ ଦାନ ଖୈରାତ କେବଳ ରଡ଼ିବା କୁଆଙ୍କ ମଖ୍ୟ ବନ୍ଦ ଉଦ୍ଦେଶ୍ୟ, ଅନବରତ ଗଦିରେ ରହିବାର ଉପାୟ ବିଦ୍ୟାର ଏକ ଅଂଶରେ ଏ ଦାନ ଖୈରାତ କାର୍ଯ୍ୟ। ଜନସଂଖ୍ୟା ବିସ୍ଫୋରଣକୁ ପୃଥିବୀର ପରିଧି ପରିସୀମା ସ୍ଥିର, ପ୍ରତି ସ୍ଥଳରେ ଅନୁପ୍ରବେଶକାରୀ ଧସେଇ ପଶି ଭୋଟର ବନି ସ୍ଥାୟୀ ନାଗରିକ ହୋଇଯାଉଛନ୍ତି। ପୁଣି ଦେଶର ଫାଇଦା ନେବା ସହ ଦେଶର ବିବାହ ନିୟମ ସନ୍ତାନ ସୃଷ୍ଟି ନିମୟକୁ ତାଙ୍କ ଧର୍ମରେ ଏପରି ନାହିଁ କହି ଦେଶ ନିୟମକୁ ଏଥିରେ ଅମାନ୍ୟ କରି ଜନସଂଖ୍ୟା ବୃଦ୍ଧିର ଏକ ମୁଖ୍ୟ କାର୍ପଦାର ବନିଯାଉଛନ୍ତି।

ବାସଗୃହ ସମସ୍ୟା ବେଳକୁ ବେଳ ବଢୁଛି ଦେଶର ଏମିତି ବ୍ୟବସ୍ଥା ଶସ୍ୟକ୍ଷେତ୍ର ଲୁପ୍ତ କରି ଖାଲି ଘର ତିଆରି, ଶିଳ୍ପ କାରଖାନା, ବଡ଼ ବଡ଼ ଚଉଡ଼ା ରାସ୍ତା ନିର୍ମାଣ ଆଦେଶ ଦିଆଯାଉଛି। ଶ୍ରମିକ ଏତେ ଅଭାବ ଯେ ଶସ୍ୟ କ୍ଷେତ୍ରରେ ଚାଷ ହୋଇପାରୁନାହିଁ, ପୂର୍ବେ କମ ଲୋକରେ ଏପରି ଶସ୍ୟ ଶ୍ୟାମଳା ଚାଷ କ୍ଷେତ୍ର ପାଉଥିଲା ଦେଖିଲେ ଖୁବ ତୋଷ ଲାଗୁଥିଲା। କିନ୍ତୁ ବହୁଜନ ବୃଦ୍ଧିରେ ଚାଷ ଜମି ଲକ୍ଷ୍ମୀଛଡ଼ା। ଚନ୍ଦାମୁଣ୍ଡ ପରି ଅରାଏ ଅରାଏ ପଡ଼ିଆ ଦୃଶ୍ୟ ସବୁ ଚକରି ଦେଖାଯାଉଛି। ଏମିତି ଉପାୟ କାଏମ ହେଲା ଲୋକଙ୍କୁ ସ୍ୱଚାଷରୁ ପ୍ରାପ୍ତ ଧାନକୁ ବିକ୍ରି କରି ଚାଉଳ କିଣି ଖାଇବାକୁ ପଡ଼ିଲାଣି। ମୁଗ, ରବି ଫସଲ, ବରଗୁଡ଼ି କୁଆଡ଼େ ବିଲୁପ୍ତ, ମୁଗ ଛୁଇଁ ପିଲାଦିନର ଆମୋଦ କଞ୍ଚା ସଝା ଖାଦ୍ୟ ଏବେ ଅଦେଖା। ଗୁଡ଼ ସାତସପ୍ନ, ଆଖୁ ଚାଷର ସ୍ପୃହା ଲୋକଙ୍କ ନାହିଁ, ଯାହା ଅଛି ମଦ ନିର୍ମାତାଙ୍କ ନିମିତ୍ତ କ୍ଷେତରୁ ବୁହାହୋଇ ଯାଉଛି। ଗ୍ରାମରେ କେତେ ପୋଖରୀ ଥିଲା, ନଦୀରୁ ପୋଖରୀରୁ ମିଠା ପାଣିର ମାଛ ଗ୍ରାମରେ ନିତ୍ୟ ମିଳୁଥିଲା, ନିଜ ପୋଖରୀର ଯତ୍ନ ଏବେ ଦେଖାଯାଉନାହିଁ। ସକଳ ସୁନ୍ଦର ଚାଲାଣ ମାଛ ବଜାରରୁ କିଣିଆଣିଲେ କାମ ଚଳିଯାଉଛି। ସେ ମାଛରେ ବରଫ, କେମିକାଲ ଦିଆହୋଇ ଆସୁଛି, ରୋଷେଇର ପାଟିକୁ ସୁଦଆ କିନ୍ତୁ ରୋଗ ମଞ୍ଜି ରୋପଣ ଏକଥା ବହୁତ ଦିନ ପରେ ଡାକ୍ତରଖାନାରେ ଜଣାପଡୁଛି।

ଆମ ପରମ୍ପରା ଏକ ପିଲାଜନ୍ମ ହେଲା ପରେ ପରେ ତାର ଜନ୍ମ ଦିନକୁ ନଥି ରେକର୍ଡ଼ ପାଇଁ ଏକ ତାଳ ପତ୍ରରେ ଟିପ୍ପଣୀ ପ୍ରସ୍ତୁତି କରାଯିବ, ଏଥିରେ ଓଡ଼ିଶାର ଠାକୁର ରାଜାଙ୍କ ନାମ ତାଙ୍କର ଶାସନ କାଳର ଅଙ୍କ ରାଜା ବିକ୍ରମଃଙ୍କ ସମ୍ବତ ଅଙ୍କ, ରାଜା ଶାଳିବାହାନଙ୍କ ଶକାବ୍ଦ ଅଙ୍କ ସୌରମାନ ମାସଦିନ, ଚାନ୍ଦ୍ରମାନ ମାସ, ତିଥି, ଯୋଗକରଣ, ବାର ଲେଖା ରହିଥାଏ। ସେପରି କାହାରି ଘରେ ଲୋକଙ୍କ ଜଣଙ୍କ ଦେହାନ୍ତ ଏହିପରି ମାସ ତିଥି ସମୟ ଲେଖା ରଖାଯାଉଥିଲା। ଏ ସବୁ ହିନ୍ଦୁ ମାନ୍ୟତା କିନ୍ତୁ ଏବେ ଖ୍ରୀଷ୍ଟାବ୍ଦ ତତ୍ ସମ୍ପର୍କୀୟ ମାସ ତାରିଖ, ଲୋକେ ଲେଖି ରଖିବା ଦେଖାଯାଉଛି ଏଥିରେ ଧର୍ମ ମତର ଆଉ ମୌଳିକତା ନାହିଁ, ପାଲିଙ୍କିଚଢ଼ା, ତୋଳା କନିଆଁ, ଦୁଇମତ ବିବାହ ଏବେ ସବୁ ସଂସ୍କାରୀ ତ ନିଜ ଗୃହରେ ଆଉ ବିବାହ ବେଦୀରେ ହେଉନାହିଁ, କଲ୍ୟାଣ ମଣ୍ଡପ, ହୋଟେଲରେ ରାଜକୀୟ ବିବାହ, ବିବାହରେ କେଉଁଠି ପଙ୍ଗତ ଭୋଜନ ତଳେ ପତ୍ର ପକାଇ ବିଛଣା ଚଟଇରେ ବସାଇ ଆତ୍ମୀୟତା ସହ କରାଯାଉ ନାହିଁ, ଆମନ୍ତ୍ରିତ ଅତିଥି ବାନ୍ଧବ ମାନେ ଥାଳି ଧରି ଭୋଜ୍ୟ ପଦାର୍ଥ ବିତରଣକରି ପାଖକୁ ଯାଇ ଭୋଜ୍ୟ ଦ୍ରବ୍ୟ ମାଗି ଆଣିବାକୁ ପଡୁଛି। ଯେ ପରିବେଷଣ କରୁଛନ୍ତି ସେ ଯେ ଅଚିହ୍ନା ଏପଟେ ତାଙ୍କ ପାଖରେ ଗୃହର ମୂଲ୍ୟବାନ ବନ୍ଧୁବି ଅଚିହ୍ନା, କେତେ ପ୍ରକାର ବେଣ୍ଟର ଛତା ଲୋକେ ଖରାବର୍ଷରେ ବ୍ୟବହାର କରୁଥିଲେ। ଏବେ ବର୍ଷା, ଖରା ବିଲୁପ୍ତ ନୁହେଁ କିନ୍ତୁ ଛତା କାହିଁ ? ଦେବତା ଦର୍ଶନର ପ୍ରାଧାନ୍ୟ ବଢ଼ିଛି କିନ୍ତୁ ପ୍ରାର୍ଥନା ନିବେଦନ ଆରାଧନା କେଉଁ ମନ୍ଦିରରେ ନାହିଁ ? ଗୁରୁ ଉପଦେଶ ଦେଇ ବାଟ ହୁଡ଼ାକୁ ବାଟକୁ ଆଣିବା ଦେଖାଯାଉନାହିଁ, ଘରେ ଘରେ ଦେବଗୃହ ମାତ୍ର କଳି ମନାନ୍ତର ଛାଡ଼ ନାହିଁ। ମାଛ, ମାଂସ, ପିଆଜ ରସୁଣ ନଖାଇଲେ କେହି ବି ସତ୍ୟଗୁଣୀ ହୋଇନପାରେ ଏପାଇଁ ପରମ୍ପରା ଗୁରୁଗୁରୁଜନଙ୍କ ସେବା ଦରକାର କଥା, ଆଦେଶ ମାନିବା ଦରକାର। ଅନେକଙ୍କ ମୁହଁରେ ହରି ହରି କିନ୍ତୁ ବଗଲରେ ଛୁରୀ।


**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**


# ସୁସ୍ଥ ଜୀବନର ଆଲୋକ

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆମେ ସମସ୍ତେ ସୁସ୍ଥ ଜୀବନ କାମନା କରୁ। ଉତ୍ତମ ସ୍ୱାସ୍ଥ୍ୟ, ଫିଟନେସ୍, ବଡ଼ିର ସୁନ୍ଦର ଅଙ୍ଗ ସୌଷ୍ଠବ ସହ ଚଳଚଞ୍ଚଳତା ଜଣକୁ ସ୍ୱାସ୍ଥ୍ୟବାନ ଭାବେ ପ୍ରମାଣିତ କରିଥାଏ। ଗତ ଅକ୍ଟୋବର ମାସରେ ବଡିବିଲଡ଼ିଂ କ୍ଷେତ୍ରରେ ଅସାଧାରଣ ପ୍ରତିଭା କୁହାଯାଉଥିବା କିମ୍ବଦନ୍ତୀ ବରେନ୍ଦର ସିଂହଙ୍କ ହୃଦଘାତ ଜନିତ ମୃତ୍ୟୁ ତାଙ୍କର ଅନେକ ପ୍ରଶଂସକ ଓ ଅନୁଗାମୀଙ୍କୁ ଦୁଃଖ ପହଞ୍ଚାଇଛି। ବରେନ୍ଦର ସିଂହ ଜଣେ ଫିଟନେସ୍ ଆଇକନ ଭାବେ ପ୍ରତିଷ୍ଠିତ ଓ ଅସାଧାରଣ କୃତୀତ୍ୱ ଭାବେ ବିଶେଷକରି ପେଷାଦାର ବଡ଼ି ବିଲଡିଂ କ୍ଷେତ୍ରରେ ସେ ଜଣେ ଶୀର୍ଷତମ ସ୍ୱୀକୃତି ପାଇଥିଲେ। ଅନେକ ପୃଥିବୀ ପ୍ରସିଦ୍ଧ ନାମୀ ଦାମୀ କମ୍ପାନୀର ସିଏ ବ୍ରାଣ୍ଡ ଆମ୍ବସଡ଼ର ଥିଲେ। ସୁତରାଂ ଘୁମନଙ୍କ ଦେହାବସାନ ପରେ ଉତ୍ତମ ସ୍ୱାସ୍ଥ୍ୟ, ଫିଟନେସ ଓ ବଡ଼ ବିଲଡିଂ ଭଳି ବିଷୟକୁ ନେଇ ସାମାଜିକ ଗଣମାଧ୍ୟମରେ ତୃଣମୂଳ ଆଲୋଚନା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଉପର ବର୍ଣ୍ଣିତ କ୍ଷେତ୍ରଗୁଡ଼ିକୁ ଘୋଟି ରହିଥିବା ବିଭ୍ରାନ୍ତି ଏବଂ ଭ୍ରାନ୍ତ ଧାରଣାକୁ ଦୂର କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, କାରଣ ସୁନ୍ଦର ଅଙ୍ଗ ସୌଷ୍ଠବ ଆହରଣର ମାୟାରେ ସମ୍ମୋହିତ ଏକ ବିଶାଳ ବର୍ଗ ପାସୋରି ଯାଇଛନ୍ତି ଯେ ଏହା ସର୍ବଦା ଉତ୍ତମ ସ୍ୱାସ୍ଥ୍ୟ ବା ଫିଟନେସର ପରିଚାୟକ ହୋଇ ନଥାଏ।

ଉତ୍ତମ ସ୍ୱାସ୍ଥ୍ୟ ବୋଇଲେ ଏକ ନିରୋଗ ଜୀବନ, ଯାହା ଏକାଧିକ କାରଣରୁ ସମ୍ଭବ ହୋଇପାରେ, ଯେମିତି କି ଶୃଙ୍ଖଳିତ ଓ କର୍ମଠ ଜୀବନଯାପନ, ମାନସିକ ଚାପକୁ ସୀମିତ କରି ରଖିବାର ସାମର୍ଥ୍ୟ, ଜନ୍ମଗତ ଭାବେ ଆଦୃତ ଜେନେଟିକ ବା ଆନୁବଂଶିକ ଉପହାର ଇତ୍ୟାଦି। କିଛି ଲୋକ ହୁଏତ ସେମାନଙ୍କ ଦୈନନ୍ଦିନ ସ୍ୱାଭାବିକ କାର୍ଯ୍ୟକଳାପରେ ଶରୀର ଚାଳନାକୁ ମହତ୍ୱ ଦେଇ ଅତିରିକ୍ତ ବ୍ୟାୟାମ ଲୋଡ଼ି ନଥାନ୍ତି, କିନ୍ତୁ ଯନ୍ତ୍ର ନିର୍ଭର ସାଂପ୍ରତିକ ସମୟରେ ଅତ୍ୟନ୍ତ ନିଷ୍କ୍ରିୟ ଓ ସ୍ଥାଣୁ ଜୀବନଯାପନ କରୁଥିବା ଅଧିକାଂଶ ଲୋକଙ୍କ ଲାଗି ବ୍ୟାୟାମ ଅପରିହାର୍ଯ୍ୟ ଏ ନେଇ କୌଣସି ଦ୍ୱିମତ ନାହିଁ। ଏହି କାରଣରୁ ସଂପ୍ରତି ଆମ ଦେଶରେ ଲକ୍ଷ ଲକ୍ଷ ଲୋକ ଜିମନାସିଅମ ବା ଜିମ୍‌ରେ ନିୟମିତ ବ୍ୟାୟାମରେ ବ୍ରତୀ ହୋଇ ଉତ୍ତମ ସ୍ୱାସ୍ଥ୍ୟର ଆଲୋକିତ ଇଲାକାରେ ପ୍ରବେଶ କରିବାକୁ ବ୍ୟଗ୍ର। ଏଭଳି ଚାହିଦାର ସୁଯୋଗ ନେଇ ଏକ ଅତ୍ୟନ୍ତ ବିଶାଳ ବ୍ୟବସାୟ ମଧ୍ୟ ସୃଷ୍ଟି ହେଲାଣି, ଯାହାର ଅତିକାୟତା କେବଳ ଏଥିରୁ ହୃଦବୋଧ କରି ହେବ ଯେ ୨୦୨୪ ମସିହାରେ ଆମ ଦେଶରେ ଫିଟନେସ ଉଦ୍ୟାଗର ମୂଲ୍ୟ ଥିଲା ୧.୯୪ ବିଲିଅନ ଡଲାର (୧୬,୨୦୦ କୋଟି ଟଙ୍କା), ଜିମ୍ ବ୍ୟାୟାମ ଉପକରଣ ଏବଂ ନ୍ୟୁଟ୍ରିସନ ଓ ସପ୍ଲିମେଣ୍ଟ (ପ୍ରୋଟିନ ପାଉଡର ବା କ୍ରିଏଟିନ ବା ଷ୍ଟେରୋଏଡ଼) ଇତ୍ୟାଦିର କାରବାର ମୂଲ୍ୟ ଥିଲା ଯଥାକ୍ରମେ ୪୯୦.୬୩ ମିଲିଅନ ନିୟୁତ, ୪.୮୮ ବିଲିଅନ ଏବଂ ୧.୭୯ ବିଲିଅନ ଡଲାର (ଡେଲଏଟ ଇଣ୍ଡିଆ ଫିଟନେସ ମାର୍କେଟର ରିପୋର୍ଟ-୨୦୨୫)। ଅନୁମାନ କରାଯାଉଛି ଯେ ଏହି ଉଦ୍ୟୋଗର ଆକାର ୨୦୩୦ ମସିହା ସୁଦ୍ଧା ୨ଗୁଣ ହୋଇଯାଇପାରେ। କିନ୍ତୁ ଏଭଳି ସ୍ଥଳେ ପ୍ରଶ୍ନଟିଏ ଉଠିଥାଏ ଯେ ଏଭଳି ସୂତ୍ରରେ ଉତ୍ତମ ସ୍ୱାସ୍ଥ୍ୟ ଓ ଫିଟନେସ ଲାଭ କରିବାର କୌଣସି ଗ୍ୟାରେଣ୍ଟି ଥାଏ କି ?

ପ୍ରକୃତ କଥା ହେଲା ଯେ ଜଣେ ନିୟମିତ ଜିମ ଗମନକାରୀ ଓ ବ୍ୟାୟାମକାରୀଙ୍କ ପକ୍ଷରେ ଉତ୍ତମ ସ୍ୱାସ୍ଥ୍ୟ କି ଫିଟନେସ ଲାଭ କରିବା ନିର୍ଭର କରିବ ସେହି ବ୍ୟକ୍ତିଙ୍କ ଆଭିମୁଖ୍ୟ ଓ ଆଚରଣ ଉପରେ, ଅର୍ଥାତ୍ ତାଙ୍କ ଲକ୍ଷ୍ୟ କ'ଣ ଏବଂ ପ୍ରକୃତରେ ସେ କ'ଣ ହେବାକୁ ଉଦଗ୍ରୀବ, ତା' ଉପରେ। ଧରି ନିଆଯାଉ ମେଦବହୁଳତା ହ୍ରାସ କରିବା ଲାଗି ଜିମକୁ ଯାଇଥିବା ଜଣେ ଯୁବକ ତହିଁରେ ସଫଳ ହେବା ପରେ ନିଜ ଶରୀରକୁ ସେହିଭଳି ରଖିବାରେ ସନ୍ତୁଷ୍ଟ ନ ହୋଇ ସେହି ଜିମରେ ବିଚରଣ କରୁଥିବା ଅତି ମାନବୀୟ ଭାବେ ବପୁବନ୍ତ ମାନଙ୍କ ଦ୍ୱାରା ବିମୋହିତ ହୋଇ ହୁଏତ ସେମାନଙ୍କ ମଧ୍ୟରୁ ଜଣେ ହେବାକୁ ଚାହିଁପାରେ। କିନ୍ତୁ ସେ ଭଳି ହୋଇପାରିବା ପଛରେ ଥିବା ଦୀର୍ଘକାଳୀନ ସଘନ ଶ୍ରମ ସକାଶେ ଧୈର୍ଯ୍ୟ ନ ଦେଖାଇ ଦ୍ରୁତ ସଫଳତା ନିମନ୍ତେ ଅର୍ବାଚୀନ ଓ ଅନେକ ସମୟରେ ଅଜ୍ଞ ଜିମ ପ୍ରଶିକ୍ଷଣଙ୍କ ପରାମର୍ଶ ଅନୁସାରେ ଶୃଙ୍ଖଳାହୀନ ଭାବେ ମାତ୍ରାଧିକ ମାଂସପେଶୀ ବର୍ଦ୍ଧକ ଷ୍ଟେରୋଏଡ଼ ବା ସପ୍ଲିମେଣ୍ଟ ଆଦି ସେବନ କରି ଶରୀର ସୂକ୍ଷ୍ମ ବ୍ୟବସ୍ଥାକୁ ଉଜାଡ଼ି ଦେଇପାରେ। ଏବଂ ବିଡ଼ମ୍ବନାଟି ହେଲା ଆଇନାରେ ସୁନ୍ଦର ଭାବେ ପ୍ରସ୍ଫୁଟିତ ଶରୀର ସୌଷ୍ଠବ ଦେଖି ସେ କିଭଳି ଫିଟ ତାହା ଭାବି ଆତ୍ମହରା ହେଉଥିବା ବେଳେ ତା ଶରୀରାଭ୍ୟନ୍ତରଟି ତା ଅଲକ୍ଷ୍ୟରେ ଭୁଶୁଡ଼ି ପଡ଼ିବା ଭଳି ସ୍ଥିତିକୁ ଆସିଯାଇଥାଇପାରେ। ଦୁର୍ଭାଗ୍ୟର ବିଷୟ ଯେ ସଂପ୍ରତି ଅସଂଖ୍ୟ ଅସଚେତନ ଯୁବକଯୁବତୀଙ୍କ ଲାଗି ଏହା ହିଁ ଗଣମାଧ୍ୟମରେ ପ୍ରଭାବ ବିସ୍ତାରକାରୀ ଭାବେ ସେମାନେ ଭରପୁର। ଅବଶ୍ୟ, ପେସାଦାର ପୋଖତ ବଡ଼ି ବିଲଡରମାନେ ଷ୍ଟେରୋଏଡ଼ ଓ ସପ୍ଲିମେଣ୍ଟ ନିଅନ୍ତି କିନ୍ତୁ ପ୍ରାୟତଃ ଗବେଷଣାଲବ୍ଧ ଜ୍ଞାନ, ଶୃଙ୍ଖଳା ଓ ଚିକିତ୍ସାବିଜ୍ଞାନୀ ମାନଙ୍କ ଉପଦେଶର ଅନୁସରଣ କରନ୍ତି, ତଥାପି ମାତ୍ରାଧିକତା ହେତୁ ଅନେକ କିମ୍ବଦନ୍ତୀୟ ବଡ଼ି ବିଲଡ଼ର ଯୌବନରେ ଅକର୍ମଣ୍ୟ ହୋଇଯାଇଛନ୍ତି, ଯେମିତି ରନି କଲମାନ ବା ଅକାଳରେ ମୃତ୍ୟୁ ଲଭିଛନ୍ତି ଯେମିତି ଡାଲାସ ମାକାର୍ଭର।

ହୃତପିଣ୍ଡର ଆକାର ବୃଦ୍ଧ ପାଇବା ଭଳି ସ୍ଥିତିକୁ ଡାକ୍ତରୀ ଭାଷାରେ କୁହାଯାଏ ଲେଫଟ ଭେଂଟ୍ରିକୁଲାର ହୋଇପୋଟ୍ରୋଫି, ଯାହା ସମସ୍ତ ଖେଳାଳି, ସନ୍ତରଣକାରୀ ଓ ନିୟମିତ ବ୍ୟାୟାମକାରୀଙ୍କ ଠାରେ ଦେଖାଯାଇଥାଏ। ଏହାର କାରର ଦୌଡ଼ାଦୌଡ଼ି ଓ ବ୍ୟାୟାମ ଆଦି ହେତୁ ଅଧିକ ସଂଚାଳିତ ହେଉଥିବା ହୃତପିଣ୍ଡ ସ୍ୱୟଂ ଏକ ମାଂସପେଶୀ ହୋଇଥିବାରୁ ସ୍ୱାଭାବିକ ଭାବେ ସ୍ଫୀତ ହୋଇଯାଏ, ଯାହା କିନ୍ତୁ ଚିନ୍ତାର କାରଣ ହୋଇ ନଥାଏ। କିନ୍ତୁ ଯଦି ରୋଗ କିମ୍ବା ଔଷଧ ଇତ୍ୟାଦି ଭଳି କାରଣରୁ ଏଭଳି ସ୍ଥିତି ଉପୁଜେ, ତେବେ ତାହା ଉଦବେଗର କାରଣ ହୁଏ। ଡାଲାସ ମାକାର୍ଭରଙ୍କ ଭଳି ଅନେକ ସୁଖ୍ୟାତ ପେସାଦାର ବଡ଼ି ବିଲଡ଼ର ପ୍ରତିଦ୍ୱନ୍ଦ୍ୱିତାରେ ଜିତିବାର ଆଗ୍ରହାତିଶଯ୍ୟରେ ଆନାବୋଲିକ ଷ୍ଟେରୋଏଡ଼ର ମାତ୍ରାଧିକ ବ୍ୟବହାର କରି ମାଂସପେଶୀ ସ୍ଫୀତ କଲାବେଳକୁ ହୃତପିଣ୍ଡର ଆକାର ବୃଦ୍ଧି ପାଇବା ସହିତ ନମନୀୟତାରେ ହ୍ରାସ ଘଟି ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥାଏ। କିନ୍ତୁ ଏହି କାରଣରୁ ଜିମ ବା ନିୟମିତ ବ୍ୟାୟାମ ସନ୍ଦେହର ପାତ୍ର ହେବା ସଂପୂର୍ଣ୍ଣ ଅଯୌକ୍ତିକ ଏବଂ ଯାହା ଦୋଷଦୁଷ୍ଟ ହେବାକୁ ଯୋଗ୍ୟ ତାହା ହେଲା ଅଜ୍ଞତା, ସାଧାରଣ ବୋଧର ଅଭାବ ଏବଂ ମାତ୍ରାତିରିକ୍ତତା।

ଆମେ ସମସ୍ତେ ସୁସ୍ଥ ଓ ନିରୋଗ ଜୀବନ କାମ୍ୟ କରୁଥିବାବେଳେ ଶରୀର ନିମିତ୍ତ ମାତ୍ରାତିରିକ୍ତ ଆଗ୍ରହ ଓ ପଦକ୍ଷେପ ଅନ୍ତରାୟ ସୃଷ୍ଟି କରିଥାଏ। ଦୀର୍ଘାୟୁ ହେବାପାଇଁ ସର୍ବପ୍ରଥମ ଆବଶ୍ୟକତା ହେଲା ଖାଦ୍ୟପେୟ ଶୃଙ୍ଖଳା, ବ୍ୟାୟାମ, ଆନନ୍ଦମୟ ଜୀବନ ଓ ଗୁରୁଙ୍କ ପ୍ରତି ସମର୍ପଣ। ଗୁରୁ ବା ପଥପ୍ରଦର୍ଶକଙ୍କ ଦିବ୍ୟ ବାଣୀ, ସତସଙ୍ଗ ଏବଂ ନିଜ ଜୀବନର ବାସ୍ତବବାଦୀ ଲକ୍ଷ୍ୟ ସ୍ଥିର କରି ତାହା ପୂରଣ କରିବା ନିମିତ୍ତ ପ୍ରୟାସ କରିବା ଉଚିତ। ସୁସ୍ଥ ଜୀବନର ଆଲୋକ ଆମ ସମସ୍ତଙ୍କ ପାଇଁ ଆଜି ଦିନର ସ୍ୱାସ୍ଥ୍ୟ ଅନୁଚିନ୍ତନ ହେଉ।


**ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



## ଖବର ପ୍ରସାରଣ ପରେ ଶିକ୍ଷକଙ୍କ ଦରମା ବନ୍ଦ !

ଉମରକୋଟ, (ମହାଭାରତ) : ସ୍କୁଲକୁ ବିଳମ୍ବରେ ଆସୁଥିବା ଅଭିଯୋଗ ହେବା ପରେ ଆଜି ବ୍ଲକ୍ ଶିକ୍ଷା ଅଧିକାରୀ ଜଣେ ଶିକ୍ଷକଙ୍କ ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସୂଚନା ଅନୁଯାୟୀ ଉମରକୋଟ ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଗ୍ରାମ ପଞ୍ଚାୟତର ଦଳଦଳି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନ କୁମାର ସ୍ୱାଇଁ ୨୩ ତାରିଖ ଦିନ ପ୍ରାୟ ୧୧ଟା ୨୭ ମିନିଟ ସମୟରେ ସ୍କୁଲରେ ପହଞ୍ଚି ଥିଲେ। କିନ୍ତୁ ପୂର୍ବରୁ ଛାତ୍ର ଛାତ୍ରୀ ମାନେ ନିଜେ ସ୍କୁଲ ର ଚାବି ଖୋଲି ବିଦ୍ୟାଳୟ ବାହାରେ ଘାସ ସଫା କରୁଥିଲେ। ଉଲ୍ଲେଖ ଯୋଗ୍ୟ ଏଠିକି ଯେ ଏହି ସ୍କୁଲରେ ୨ ଜଣ ଶିକ୍ଷକ ଥିବା ବେଳେ ପ୍ରଧାନ ଶିକ୍ଷକ ଏସଆଇଆର କାର୍ଯ୍ୟଯୋଗୁଁ ସ୍କୁଲକୁ ଆସି ନଥିଲେ। ହେଲେ ଉକ୍ତ ଶିକ୍ଷକ ଦିନ ୧୧.୮ଟା ୨୭ ମିନିଟ ରେ ସ୍କୁଲ କୁ ଆସିଥିଲେ। ଏହା ଜାଣିବା ପରେ ଆମ ପ୍ରତି ନିଧି ଉକ୍ତ ବିଦ୍ୟାଳୟର ସି ଆର ସି ସମୀର ଗରାଡ଼ିଆଙ୍କୁ ସହ ଯୋଗା ଯୋଗ କରିବା ପରେ ସ୍କୁଲରେ ପହଞ୍ଚି ଥିଲେ। ସିଆର ସିସି ଜଣଙ୍କ କାରଣ ପଚାରିବାରୁ ଏଥିରେ ଉତକ୍ଷିପ୍ତ ହୋଇ ଶିକ୍ଷକ ସି ଆର ସି ସି ଙ୍କ ସହିତ ଉଚ୍ଚ ଶବ୍ଦ ରେ କଥା ହେଇ ଥିଲେ। ଏପରିକି ଛାତ୍ରୀ ଛାତ୍ର ମାନେ ପ୍ରତିଦିନ ଶିକ୍ଷକ ବିଳମ୍ବ ରେ ଆସନ୍ତି ବୋଲି ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ଆଜି ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ୍ ଶିକ୍ଷା ଅଧିକାରୀ ଈଶ୍ୱର ମାଝୀ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସ୍ୱାଇଁ ଙ୍କ ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁ : ଜିଲ୍ଲାରେ ରହୁ ନାହାନ୍ତି ଅଧିକାରୀ, କର୍ମଚାରୀ, ଡାକ୍ତର, ଶିକ୍ଷକ, ଅଧ୍ୟାପକ ବି ଭୁବନେଶ୍ୱର ମୁହାଁ

ନୟାଗଡ଼, (ମହାଭାରତ) : ରାଜ୍ୟ ରାଜଧାନୀ ଭୁବନେଶ୍ୱର ଠାରୁ ନୟାଗଡ଼ ଜିଲ୍ଲା ମାତ୍ର ୮୦ କିଲୋମିଟର ଦୂର। ନୟାଗଡ଼କୁ ରେଳ ଏବଂ ସଡ଼କ ପଥରେ ଯିବା ଆସିବା ପାଇଁ ପର୍ଯ୍ୟାପ୍ତ ସୁବିଧା ରହିଛି। ଯାହାର ସୁଯୋଗ ନେଇ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ସରକାରୀ ଅଧିକାରୀ ଓ କର୍ମଚାରୀ ଛୁଟି ଦିନରେ ଜିଲ୍ଲା ଛାଡୁଛନ୍ତି। ଅନେକ ଅଧିକାରୀ ଓ କର୍ମଚାରୀ ଶନିବାର ଅପରାହ୍ନରୁ କାର୍ଯ୍ୟାଳୟ ଛାଡୁଥିବା ବେଳେ ସୋମବାର ମଧ୍ୟାହ୍ନରେ ଯୋଗ ଦେଉଛନ୍ତି। ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ କିରାଣି, ପ୍ରାଥମିକ ଶିକ୍ଷକ, ଉଚ୍ଚ ବିଦ୍ୟାଳୟ ଶିକ୍ଷକ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର, ବିଭିନ୍ନ ବ୍ଲକର ଯନ୍ତ୍ରୀ,




ସହକାରୀ ଯନ୍ତ୍ରୀ ନୟାଗଡ଼ରେ କାର୍ଯ୍ୟ କରୁଥିବା ବେଳେ ଭୁବନେଶ୍ୱର ରେ ରହୁଛନ୍ତି। ଏହି ଘଟଣା ଏବେ ଜିଲ୍ଲା ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। କର୍ମଚାରୀ ମାନେ ନିଜ କାର୍ଯ୍ୟ କ୍ଷେତ୍ରରେ ରହୁନଥିବାରୁ ଲୋକଙ୍କ ସମସ୍ୟା ସହ ଆଦୌ ଯୋଡ଼ି ହେଉନାହାନ୍ତି। କୃଷି, ଉଦ୍ୟାନ କୃଷି, ସମବାୟ ଭଳି ବିଭାଗ କର୍ମଚାରୀ ମଧ୍ୟ ନିଜ ଷ୍ଟେସନ ରେ ରହୁନାହାନ୍ତି। ଏହାକୁ ନେଇ ସପ୍ତମ ଜିଲ୍ଲା ପରିଷଦ ସାଧାରଣ ଅଧିବେଶନରେ କ୍ଷୋଭ ପ୍ରକାଶ ପରେ ନୟାଗଡ଼ର ପୂର୍ବତନ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା କର୍ମଚାରୀ ଛୁଟି ଦିନରେ ଜିଲ୍ଲା ଛାଡ଼ି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଜାରି କରିଥିଲେ। ୧୪.୮.୨୦୨୪ ରିଖ ଚିଠି ନଂ ୧୫୨୬ ଅନୁସାରେ ଏହି ନିର୍ଦ୍ଦେଶ ଜାରି ହୋଇଥିବା ବେଳେ ଯେଉଁ ଅଧିକାରୀ ଛୁଟି ନେଉଛନ୍ତି ସେମାନେ ଜିଲ୍ଲାପାଳ ଙ୍କ ଠାରୁ ଅନୁମତି ଆଣି ଜିଲ୍ଲା ଛାଡିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସରକାରୀ ଅଧିକାରୀ ଓ କର୍ମଚାରୀ ଫୁ' କରି ଦେଇଥିବା ନେଇ ଜଣା ପଡୁଛି। ଜିଲ୍ଲାପାଳ ମଧୁମିତା ରଥ ଘଟଣାକୁ ଗୁରୁତର ସହ ନେଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ସମସ୍ତ ବିଭାଗ ଓ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପୁନଃ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତା ୧୯.୦୧.୨୦୨୬ ରିଖ ଅର୍ଡର ନଂ ୨୪୬ ଅନୁସାରେ କାର୍ଯାଳୟକୁ ଆସିବା ପାଇଁ ସମୟାନୁବର୍ତ୍ତିତା ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସକାଳ ୧୦ଟା ସୁଦ୍ଧା ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦିଆଯିବା ସହ ସହ ସମସ୍ତ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାପନ କାର୍ଯ୍ୟକାରୀ କରିବାକୁ ବାଧ୍ୟତା ମୂଳକ କରାଯାଇଥିଲା। ବିନା ଅନୁମତିରେ କୌଣସି କର୍ମଚାରୀ ଓ ଅଧିକାରୀ ଛୁଟିରେ ନଯିବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଜିଲ୍ଲା ମୁଖ୍ୟାଳୟ ଛାଡ଼ିବାକୁ ହେଲେ ଜିଲ୍ଲାପାଳ ଙ୍କ ଠାରୁ ଲିଖିତ ଅନୁମତି ନେବାକୁ ପରାମର୍ଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶକୁ କୌଣସି ଅଧିକାରୀ ଓ କର୍ମଚାରୀ ଅମାନ୍ୟ କଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉକ୍ତ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା। କିନ୍ତୁ ନିର୍ଦ୍ଦେଶ ଜାରି ହେବାର ଦୁଇ ସପ୍ତାହ ସବୁକିଛି ଠିକଠାକ ଚାଲିଥିଲା ବେଳେ ଏବେ ସବୁ ପୂର୍ବ ଭଳି ସ୍ଥିତି କରି ସାରିଲେଣି। ଖୋଦ୍ ଜିଲ୍ଲାପାଳ ମଧୁମିତା ରଥ ଛୁଟି ଦିନରେ ସ୍ୱାସ୍ଥ୍ୟ ସେବା କଥା ବୁଝିବା, ଉନ୍ନୟନ କାର୍ଯ୍ୟ ତଦାରଖ କରୁଥିବା ଜିଲ୍ଲାବାସୀ ଦେଖୁଥ ?ିବା ବେଳେ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଅବହେଳା କାହିଁକି ବୋଲି ପ୍ରଶ୍ନ ଉଠିଛି। ଏବେ ସକାଳୁଆ ଅଫିସ୍ ହୋଇଥିଲେ ମଧ୍ୟ କର୍ମଚାରୀ ମାନେ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଥିବା ଏବଂ ମନଇଚ୍ଛା ଯାଉଥିବା ଦେଖିବାକୁ ମିଳିଛି। ଯେଉଁଠି ଜିଲ୍ଲାପାଳ ଦିନ ରାତି ଜିଲ୍ଲାପାଳ କାର୍ଯ୍ୟାଳୟ ରେ କାର୍ଯ୍ୟ କରୁଛନ୍ତି, ସେଠି କର୍ମଚାରୀଙ୍କ କ୍ଷେତ୍ରରେ ଏଭଳି ବିଶୃଙ୍ଖଳା କୁ ନେଇ ପ୍ରଶ୍ନ ଉଠିଛି। ଅନେକ ସ୍ଥାନରେ ସରକାରୀ କ୍ୱାର୍ଟର ପାଇଥିବା କର୍ମଚାରୀ ମଧ୍ୟ ନିୟମିତ ଭୁବନେଶ୍ୱର ଯା-ଆସ କରୁଛନ୍ତି। ଏହି ପ୍ରଥା କେବେ ବନ୍ଦ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବିଶ୍ୱନାଥ ପୁର ଥାନାରେ ଥାନାଅଧିକାରିଣୀ ଭାବରେ ଯୋଗ ଦେଲେ କଳ୍ପନା ବେହେରା

ଲାଞ୍ଜିଗଡ, (ମହାଭାରତ) : କଳାହାଣ୍ଡି ବିଶ୍ୱନାଥ ପୁର ଥାନାରେ। ନୂତନ ଭାବରେ ଯୋଗଦାନ କରିଥିବାବେଳେ ବିଶ୍ୱନାଥ ପୁର ଥାନା ର ଥାନା ଅଧିକାରୀଣୀ ଭାବରେ କଳ୍ପନା ବେହେରାଙ୍କୁ ଫୁଲ ତୋଡା ଓ ଉପଢୌକନ ଦେଇ ବିଶ୍ୱନାଥ ପୁରର ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ଡକ୍ଟର ରମେଶ ଚନ୍ଦ୍ର ସାହୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ସ୍ଥାନୀୟ ଅଞ୍ଚଳର ଆଇନ ଶୃଙ୍ଖଳା ସମ୍ବନ୍ଧରେ ଆଲୋଚନା କରି ବିଭିନ୍ନ ଅନୈତିକ କାର୍ଯ୍ୟକଳାପର କିଭଳି ସଠିକ ଭାବରେ ରୋକାଯାଇ ପାରିବ ଥାନା ଅଧିକାରୀଣୀଙ୍କୁ ଅନୁରୋଧ କରିଥିଲେ । ଥାନା ଅଧିକାରୀଣୀ ଆଇନକୁ ସମ୍ମାନ ପ୍ରଦାନ କରି ଆଇନତଃ ସମସ୍ତ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଆଲୋଚନା ସମୟରେ ଡଃ ସାହୁ କୁଂ କହିଥିଲେ ।

## ଯୁବ ପିଢ଼ିଙ୍କୁ ଆତ୍ମ ରକ୍ଷା ନିମନ୍ତେ ପ୍ରଶିକ୍ଷଣ ଶିବିରର ନୂତନ କମିଟି ଗଠନ



ଉମରକୋଟ, (ମହାଭାରତ) : ଉମରକୋଟ ଠାରେ ରାଜ୍ୟ କରାଟେ ଗୋସିନ କାନ ଜୁନ ଗୋଜୁକିଆ ଇଣ୍ଡିଆର ରାଜ୍ୟ ମୁଖ୍ୟ ପ୍ରଶିକ୍ଷିକ ମାଷ୍ଟର ଶ୍ରୀରାମ ନାଗ ଙ୍କ ନେତୃତ୍ୱରେ ଏକ ଗୁରୁତ୍ୱପୁର୍ଣ ବୈଠକ ଅନୁଷ୍ଠିତ ହେଇଯାଇଛି। ବିଶେଷ କରି ସମାଜରେ ଅସମାଜିକ ବ୍ୟକ୍ତିଙ୍କ ଦ୍ୱାରା ହିଂସା ଓ ଶାରୀରିକ ଉତପିଡିନ ର ଶିକାର ହେଉଥିବା ମହିଳା, ଯୁବକ ମାନଙ୍କ କ୍ଷେତ୍ରରେ ଆତ୍ମ ରକ୍ଷା ପାଇଁ କୌଣସି ଶିକ୍ଷା କେନ୍ଦ୍ର ନଥିବାରୁ. ଅଧିକରୁ ଅଧିକ ମହିଳା ରାସ୍ତାରେ ନିର୍ଯାତନ ର ଶିକାର ହେଉଥିବା କହିଛନ୍ତି। ଯଦି ଆଗାମୀ ଦିନରେ କରାଟେ ଓ କୁମ୍ଫୁ ର ତାଲିମ କେନ୍ଦ୍ର ର ଅଧିକ ରୁ ଅଧିକ ପ୍ରଚାର ପ୍ରସାର ହେବ ତା ହେଲେ ବହୁ ବିଦ୍ୟାଳୟ, କଲେଜ ଛାତ୍ର ଛାତ୍ରୀ ଏହାର ଉପ ଯୋଗ ବିଷୟରେ ଜାଣି ତାଲିମ ନେଇ ପାରନ୍ତେ ବୋଲି ମୁଖ୍ୟ ପ୍ରଶିକ୍ଷିକ ମାଷ୍ଟର ନାଗ ମତ ବ୍ୟକ୍ତ କରିଥିଲେ। ବିଶେଷ କରି ଏହି ତାଲିମ ଦ୍ୱାରା ଯୁବକ ଯୁବତୀ ଙ୍କ ଶାରୀରିକ ଗଠନ, ଆତ୍ମ ରକ୍ଷା, ଶୃଙ୍ଖଳା, ଚରିତ୍ର ଗଠନ ଓ ମାନସିକ କ୍ରିୟା ରେ ପରିବର୍ତନ ହେବ ବୋଲି ପ୍ରକାଶ କରିଥିଲେ। ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ପାଇଁ ନୂତନ କମିଟି ଗଠନ ହେଇଥିଲା। ଏହି ନବ ନିର୍ମିତ କମିଟି ରେ ରାଜ୍ୟ ସଭାପତି ଭାବେ ଶ୍ରୁତି ନାଗ, ରାଜ୍ୟ ଉପ ସଭାପତି ଭାବେ ଗଙ୍ଗାଧର କଛିମ, ସାଧାରଣ ସମ୍ପାଦକ ଭାବେ, ସୁମନ ହିଆଲ, ଯୁଗ୍ମ ସମ୍ପାଦକ ଭାବେ ଅର୍ଜୁନ ଗୌଡ଼, କୋଷାଧକ୍ଷ ଭାବେ ମନୋହର ଜାନି, ଟେକ୍ନିକାଲ ନିର୍ଦ୍ଦେଶକ ଭାବେ ଶ୍ରୀରାମ ନାଗ, କାର୍ଯ୍ୟ କାରିଣୀ ସଦସ୍ୟ ଭାବେ ଅଭି ମୁଦୁଲି, ବସନ୍ତ ମହାନ୍ତି, ସନ୍ତୋଷ ମାଝୀ, ନୀଳ ପୂଜାରୀ, ରୋଶ ନାଦ ଶତନାମୀ ପ୍ରମୁଖ ଙ୍କୁ ନିଯୁକ୍ତ ପାଇଥିଲେ।

## ଡ୍ରେନ୍ ନିର୍ମାଣ କରୁଥିବା ଠିକାଦାରଙ୍କ ସହଯୋଗୀଙ୍କ ଗୁଣ୍ଡାଗର୍ଦ୍ଦି

### ଧମକେଇଲେ ଓ ସ୍କୁଲ୍ ଗେଟ୍ ଆଗରେ ମାଟି ଗଦେଇଲେ ସ୍କୁଲ ପକ୍ଷରୁ ଥାନାରେ ଅଭିଯୋଗ

ଖୋର୍ଦ୍ଧା, (ମହାଭାରତ): ସ୍ଥାନୀୟ ବିଜେବି ହାଇସ୍କୁଲ ସନ୍ନିକଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟଙ୍କୁ ଡ୍ରେନ୍ ନିର୍ମାଣ କରୁଥିବା ଠିକାଦାରଙ୍କ ସହଯୋଗୀଙ୍କ ଦାଦାଗିରି, ଅସଭ୍ୟ ବ୍ୟବହାର, ଗାଳିଗୁଲଜ ଓ ଜୀବନ ପ୍ରତି ଧମକ ଦେବା ଅଭିଯୋଗକୁ ନେଇ ଖୋର୍ଦ୍ଧାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ସମଗ୍ର ସହରରେ ଏହା ଚର୍ଚ୍ଚାର ବିଷୟ ହୋଇଛି।

ଏହି ଘଟଣାରେ ପ୍ରଧାନ ଆଚାର୍ଯ୍ୟ ଗିରିଜା ଶଙ୍କର ମହାପାତ୍ର ଆଦର୍ଶ ଥାନାରେ ଠିକାଦାରଙ୍କ ସହଯୋଗୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରି ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସୁରକ୍ଷା ଦାବି କରିଛନ୍ତି। ଅଭିଯୋଗ ଅନୁସାରେ ବି.ଏସ.ଏନ.ଏଲ କାର୍ଯ୍ୟାଳୟ ନିକଟରେ ଏକ ପରିତ୍ୟକ୍ତ ଜାଗାକୁ ଦୀର୍ଘଦିନ ତଳୁ ସଫା କରି ସେଠାରେ ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ଅସ୍ଥାୟୀ ସାଇକେଲ ଷ୍ଟାଣ୍ଡ ପ୍ରସ୍ତୁତ କରା ଯାଇଅଛି। ତେବେ ଦୀର୍ଘଦିନ ଧରି ଗ୍ରୀଷ୍ମ କାଳୀନ ଛୁଟି ଯୋଗୁଁ ଉକ୍ତ ସ୍ଥାନରେ ଅନାବନା ଗଛଲତା ଉଠି ଯାଇଥିଲା ଓ ସ୍କୁଲ ଖୋଲିବା ପରେ ସ୍ୱଚ୍ଛତା ଦୃଷ୍ଟିରୁ ସେଗୁଡ଼ିକୁ ସଫା କରି ରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ନିମନ୍ତେ ରଖାଯାଇଥିଲା।

ପ୍ରଧାନ ଆଚାର୍ଯ୍ୟଙ୍କ ଅଭିଯୋଗ ମୁତାବକ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ବି.ଏସ.ଏନ.ଏଲ କାର୍ଯ୍ୟାଳୟର ସମ୍ମୁଖ ଭାଗରେ ଡ୍ରେନ ନିର୍ମାଣ କରୁଥିବା ରାଜେଶ ଖୁଣ୍ଟିଆ ନାମକ ଠିକାଦାରଙ୍କ ସହଯୋଗୀ ଭାବେ ପରିଚିତ ସ୍ଥାନୀୟ ଶ୍ରୀରାମ ନଗର ହାଉସିଂ ବୋର୍ଡ଼ ଅଞ୍ଚଳର ଗୁଲୁ ଶତପଥୀ ନାମକ ଜଣେ ବ୍ୟକ୍ତି ସେଠାକୁ ଆସି ସାଇକେଲ ଷ୍ଟାଣ୍ଡ ଓ ମାଟି ଗଦାକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ସେ ଧକ୍କା ମାରିବା ସହ 'ଚିହ୍ନବର୍ଣ୍ଣ ମିଶାଇଦେବୁ' ବୋଲି ଧମକ ଦେବା ସହିତ ସମ୍ପୃକ୍ତ ବ୍ୟକ୍ତି ମାରିକି ଡ୍ରେନ୍ ?ରେ ପୋତିଦେବୁ ଏବଂ ସାଇକେଲ ଷ୍ଟାଣ୍ଡ ଭାଙ୍ଗିଦେବୁ ବୋଲି ଧମକ ଦେବାରୁ ପ୍ରଧାନ ଆଚାର୍ଯ୍ୟ ଏବଂ ଉପସ୍ଥିତ ଅନ୍ୟ ଶିକ୍ଷକ ଘଟଣା ସ୍ଥଳରୁ ବିଦ୍ୟାଳୟକୁ ଫେରିଆସିଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତି ପୁଣି ସ୍କୁଟିରେ ଆସି ବିଦ୍ୟାଳୟ ସମ୍ମୁଖରେ ଗାଳିଗୁଲଜ କରିବା ସହ 'ପୋଲିସ୍ ?କୁ କହିଲେ ମଧ୍ୟ ମୋର କିଛି ହେବନି' ବୋଲି ଖୋଲାଖୋଲି ଧମକ ଦେଇଥିବା ବେଳେ ଏକ ଜେସିବି ମେସିନ୍‌ରେ ମାଟି ଆଣି ସ୍କୁଲ ଫାଟକ ସମ୍ମୁଖରେ ଗଦା କରିଥିଲେ, ଯାହା ଫଳରେ ବିଦ୍ୟାଳୟର ଚଳାଚଳ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଆଇନଜିବୀ ଅଜିତ୍ ପଟ୍ଟନାୟକ ଏ ବିଷୟରେ ଥାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ଖବର ପାଇ ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରି ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ସ୍କୁଲ୍ ପକ୍ଷରୁ ଅନ୍ୟ ଏକ ଜେସିବି ମାଧ୍ୟମରେ ମାଟି ଉଠାଯିବା ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା ।

ଏହି ପରିସ୍ଥିତିରେ ପ୍ରଧାନ ଆଚାର୍ଯ୍ୟ ଆଦର୍ଶ ଥାନା ଅଧିକାରୀଙ୍କୁ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିଦ୍ୟାଳୟ, ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି।

## ଉଜ୍ଜ୍ୱଳା ମ୍ୟାନଙ୍କ ପାଇଁ ମନ୍ଦିରରେ ପୂଜାର୍ଚ୍ଚନା

ପରଜଙ୍ଗ, (ମହାଭାରତ) : ଉଜ୍ଜ୍ୱଳା ମ୍ୟାନ ବା ଜାତୀୟ ଶିକ୍ଷା ନୀତିର ସଫଳ ନାୟକ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିନରେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି କର୍ମୀ ଓ ନେତା ଏବଂ ଶୁଭାକାଂକ୍ଷୀ। ତାଙ୍କ ପ୍ରୟାସରେ ଭାରତକୁ ଜ୍ଞାନ, ଶିକ୍ଷା ଓ ନବସୃଜନର ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବାରେ ସହାୟକ ହେଉଛି ବୋଲି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ନିଜ ଏକ୍ସ ପୋଷ୍ଟରେ କହିଛନ୍ତି। ଯାହାକୁ ନେଇ ପରଜଙ୍ଗ ବିଧାୟକ



ବିଭୂତି ଭୂଷଣ ପ୍ରଧାନ କୁଆଲୋ ପଞ୍ଚାୟତ ସୁବର୍ଣ୍ଣପୁର ଗାଁରେ ଲୋକଙ୍କୁ ବସ୍ତ୍ର ଓ ଫଳ ବଣ୍ଟନ କରିଥିଲେ। ଏପରିକି କୁଆଲୋ ଗାଁ ସ୍ଥିତ ବାବା ଅଷ୍ଟଶମ୍ଭୁଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ଦ୍ୱୀପ ଦାନ କରିଥିଲେ। ପରେ କନ୍ତୋର ଗାଁ ସ୍ଥିତ କନକେଶ୍ୱର ମନ୍ଦିର ପରିସରରେ ୫୭ ଗୋଟି ନଡ଼ିଆ ଗଛ ରୋପଣ କରିଥିଲେ। ଅନେକ ବାଧା ବିଘ୍ନ ପରେ ଜଣେ ସଫଳ ଉଜ୍ଜଳା ମ୍ୟାନ ଭାବେ ସମଗ୍ର ଦେଶରେ ପରିଚିତ ହେବା ସହ ଜାତୀୟ ଶିକ୍ଷାନୀତି କ୍ଷେତ୍ରରେ ବୈପ୍ଲମ୍ବିକ ପରିବର୍ତ୍ତନ ଆଣିଛନ୍ତି ଧର୍ମେନ୍ଦ୍ର। ନିଜର ଛାତ୍ର ଜୀବନରୁ ଆରମ୍ଭ କରି ଜଣେ ସଫଳ ରାଜନେତା ହେବା ପର୍ଯ୍ୟନ୍ତଅନେକ ଜନହିତକର କାର୍ଯ୍ୟ କରିଛନ୍ତି।ସେ ବିଧାୟକ,ସାଂସଦ ଏବଂ ମନ୍ତ୍ରୀ ଭାବେ ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି। ଯାହାକୁ ନେଇ ତାଙ୍କର ଦୀର୍ଘାୟୁ ସହ ଶୁଭକାମନା କରିଛନ୍ତି ଶୁଭାକାଂକ୍ଷୀ। ଏହି ଅବସରରେ ପରଜଙ୍ଗ ମହାବିଦ୍ୟାଳୟ ଠାରେ ଏକ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ତେବେ ବିଭିନ୍ନ କାର୍ଯ୍ୟକ୍ରମରେ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ସମେତ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ଓ ଉପାଧ୍ୟକ୍ଷା ଯଶସ୍ୱିନି ରାଉତ,ସରପଞ୍ଚ ଅଜିତ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ସାହୁ, ଯୁବନେତା ଅମରେଶ ସାହୁ, ବିବସ୍ୱ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୮୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ରାଇଘର ପଶୁସମ୍ପଦ ନିରୀକ୍ଷକ

ନବରଙ୍ଗପୁର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଆଜି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ସରକାରୀ ସବସିଡି ରାଶି ମୁକ୍ତ କରିବା ପାଇଁ ୮୦ ହଜାର ଟଙ୍କା ଲାଞ୍ଚ ଦାବି ଓ ଗ୍ରହଣ କରୁଥିବା ବେଳେ ନବରଙ୍ଗପୁର ଜିଲ୍ଲା ରାଇଘରର ପଶୁସମ୍ପଦ ନିରୀକ୍ଷକ (ଲାଇଭଷ୍ଟକ୍ ଇନ୍ସପେକ୍ଟର) ପ୍ରଫୁଲ୍ଲ ହାଲଦାରଙ୍କୁ ଓଡ଼ିଶା ଭିଜିଲାନ୍ସ ହାତେନାତ ଗିରଫ କରିଛି। ଏହି ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାନୁସାରେ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଜଣେ ଦୁଗ୍ଧ ଚାଷୀ ସରକାରୀ ସବସିଡି ପାଇଁ ମନୋନୀତ ହୋଇଥିଲେ। ଏହି ଯୋଜନାରେ ଏକରୁ ପାଞ୍ଚଟି ଗାଇ ସହ ଦୁଗ୍ଧ ଚାଷ ୟୁନିଟ୍ ସ୍ଥାପନ ପାଇଁ ସରକାରୀ ସହାୟତା ପ୍ରଦାନ କରାଯାଏ। କିନ୍ତୁ ସବସିଡି ରାଶି ମୁକ୍ତ କରିବା ବଦଳରେ ପଶୁସମ୍ପଦ ନିରୀକ୍ଷକ ପ୍ରଫୁଲ୍ଲ ହାଲଦାର ଲାଭାର୍ଥୀଙ୍କ ନିକଟରୁ ୮୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା।ଅଭିଯୋଗ ଅନୁସାରେ, ଲାଞ୍ଚ ରାଶି ପ୍ରଦାନ ନ କଲେ ସମ୍ପୃକ୍ତ ଗ୍ରାମର ଅନ୍ୟ ଲାଭାର୍ଥୀମାନଙ୍କ ସବସିଡି ମଧ୍ୟ ଅଟକାଇ ଦିଆଯିବ ବୋଲି ସେ ଧମକ ଦେଇଥିଲେ। ଏହାପରେ ପୀଡ଼ିତ ଲାଭାର୍ଥୀ ଓଡ଼ିଶା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ଅଧିକାରୀମାନେ ଯୋଜନାବଦ୍ଧ ଭାବେ ଚଢ଼ାଉ କରି ପ୍ରଫୁଲ୍ଲ ହାଲଦାରଙ୍କୁ ୮୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ହାତେନାତ ଧରିଥିଲେ। ତାଙ୍କ ନିକଟରୁ ସମ୍ପୂର୍ଣ୍ଣ ଲାଞ୍ଚ ରାଶି ଜବତ କରାଯାଇଛି।ଲାଞ୍ଚ ମାମଲା ପରେ ଅଭିଯୁକ୍ତଙ୍କ ସହ ସମ୍ପୃକ୍ତ ଦୁଇଟି ସ୍ଥାନରେ ଆୟବହିର୍ଭୂତ ସମ୍ପତ୍ତି ଦିଗରୁ ଏକକାଳୀନ ଚଢ଼ାଉ ଜାରି ରହିଛି। ଏହି ଘଟଣାରେ କୋରାପୁଟ ଭିଜିଲାନ୍ସ ଥାନାରେ କେସ୍ ନଂ–୧୩/୨୦୨୬ ଅନୁଯାୟୀ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ–୨୦୧୮ର ଧାରା–୭ ଅନୁସାରେ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି।

## ଆନ୍ତର୍ଜାତୀୟ ନିଶା ନିବାରଣ ଦିବସରେ ବାଣୀଧାରା ଟ୍ରଷ୍ଟର ସଚେତନତା କାର୍ଯ୍ୟକ୍ରମ




ପାରାଦୀପ, (ମହାଭାରତ): ବାଣୀଧାରା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଗତସିଂହପୁର ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ଟ୍ରଷ୍ଟ ର ସଂଯୋଜକ ଆଇନଜୀବୀ ଗତିକୃଷ୍ଣ ଶତପଥୀ ଙ୍କ ନେତୃତ୍ୱରେ ନିଶା ନିବାରଣ ପାଇଁ ଯୁଦ୍ଧ (ୱାଦା) ଅଭିଯାନ ଦୃତ ଗତିରେ ଆଗେଇ ଚାଲିଛି କ୍ଷ ଏଥିରେ ଯୁବକ ମାନଙ୍କୁ ଡ୍ରଗ ଓ ନିଶା ଠାରୁ ଦୁରେଇ ରହିବାକୁ ବିଭିନ୍ନ ପ୍ରକାର ସଚେତନତା ସୃଷ୍ଟି କରାଯାଉଛି କ୍ଷ ଏହି ପରିପ୍ରେକ୍ଷୀରେ ଜୁନ ୨୬ ତାରିଖ ଆନ୍ତର୍ଜାତୀୟ ଡ୍ରଗ ନିରୋଧ ଦିବସ ପରିପ୍ରେକ୍ଷୀରେ ଟ୍ରଷ୍ଟ ପକ୍ଷରୁ ବନ୍ଦର ସହର ପାରାଦୀପରେ ଏକ ସଚେତନତା ପଦଯାତ୍ରା ପରିକ୍ରମା କରିଥିଲା କ୍ଷ ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ଏକ ଡ୍ରଗ ବିରୋଧୀ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ ଜଗତସିଂହପୁର ସାଂସଦ ଡ଼ଃ.ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଏସଭିଏମ ମହାବିଦ୍ୟାଳୟ ର ଅଧକ୍ଷା ଡ଼ଃ.ସୁଜାତା ହୋତା, ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ର ଆସିଷ୍ଟାଣ୍ଟ ସଲିସିଟ ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାନେ,ବାଣୀଧାରା ଚାରିଟେବୁଲ ଟ୍ରଷ୍ଟ ର ଉପଦେଷ୍ଟା କ୍ୟାପଟେନ ପ୍ରେମାନନ୍ଦ ରାଉତ,ସଂଯୋଜକ ଆଇନଜୀବୀ ଗତିକୃଷ୍ଣ ଶତପଥୀ ପ୍ରମୁଖ ଯୋଗଦେଇ ଡ୍ରଗ୍ସ ନିଶା ର ଭାୟାବହତା ଏବଂ ଏଥିରୁ ଯୁବ ସମାଜ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ କ୍ଷ ତେବେ ବାଣୀଧାରା ଚାରିଟେବୁଲ ଟ୍ରଷ୍ଟ ଏବଂ ଏହାର ସଂଯୋଜକ ଗତିକୃଷ୍ଣ ଙ୍କ ଡ୍ରଗ ବିରୋଧରେ ଯୁଦ୍ଧ (ୱାଦା) ଅଭିଯାନ କୁ ଉପସ୍ଥିତ ସମସ୍ତ ଅତିଥି ଉଚ୍ଚ ପ୍ରଶଂସା କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟ ର ସଦସ୍ୟ ପବିତ୍ର କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ଶେଷରେ ଟ୍ରଷ୍ଟ ର ଅନ୍ୟତମ ଉପଦେଷ୍ଟା ସାମ୍ବାଦିକ ଶରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଏହି ଅବସରରେ ଡ୍ରଗ ସଚେତନତା ନିମିତ୍ତ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିବା ବେଳେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ସଂଗଠନ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ

### ପାଣିମୁଣ୍ଡା ମହାବନ୍ଧ ପୁନରୁଦ୍ଧାରରେ କାମରେ ୨ଟି କାମରେ ଗୋଟିଏ ଫଳକ ପ୍ରସଙ୍ଗ

## ଖବର ପ୍ରକାଶ ପରେ ଲାଗିଲା ଅନ୍ୟ ଏକ ସୂଚନା ଫଳକ

ଲାଞ୍ଜିଗଡ, (ମହାଭାରତ ): ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତର ପାଣିମୁଣ୍ଡା ଗାଁରେ ଥିବା ମହାବନ୍ଧର ପୁନରୁଦ୍ଧାର କାମରେ ଅନିୟମିତତା ହେଉଥିବା ବେଳେ ଲକ୍ଷାଧିକ ଟଙ୍କା ହରିଲୁଟ ଉଦ୍ୟମ ଏବଂ ଦୁଇଟି କାମପାଇଁ ଗୋଟିଏ ଫଳକ ଲାଗିଥିବା ଗ୍ରାମବାସୀଙ୍କ ଅଭିଯୋଗ ହୋଇଥିଲା ଓ ଆର୍ଥିକ ବର୍ଷ ୨୦୨୫–୨୬ରେ ର ଜିଲା ପରିଷଦ କଳାହାଣ୍ଡି କେପିଟାଲ ଏସେଟ୍‌ସ ଯୋଜନା ୧୦ଲକ୍ଷ ଟଙ୍କା ଅନୁଦାନ ରାଶି ଆସିଥିବା ବେଳେ ପୂର୍ବରୁ ଚାଲିଥିବା ୫ ଲକ୍ଷ ଟଙ୍କାର କାମରେ ସୂଚନା ଫଳକ ଲାଗିଥିବା ବେଳେ ବର୍ତ୍ତମାନର ୧୦ ଲକ୍ଷ ଟଙ୍କା ଟେଣ୍ଡର କାମରେ କୌଣସି ସୂଚନା ଫଳକ ଲାଗିନଥିବା ନେଇ ଗତ ୨୦ ତାରିଖରେ ଖବର କାଗଜରେ ପ୍ରକାଶ ପାଇବା ପରେ ଅନ୍ୟ ଏକ ୧୦ ଲକ୍ଷ ଟଙ୍କା ଅଟକଳ ମୂଲ୍ୟର ଫଳକ ଲଗାଇଥିବା ଦେଖିବାକୁ ମିଳିଛି କିନ୍ତୁ ସେଥିରେ କାର୍ଯ୍ୟ ଆରମ୍ଭ ଏବଂ କାର୍ଯ୍ୟ ସମାପ୍ତ ତାରିଖ ଉଲ୍ଲେଖ ନଥିବା ଦେଖାଯାଇଛି । ଫଳକ ଲାଗିବା ପରେ



ଯନ୍ତ୍ରୀ ଓ ଠିକାଦାର ଘଟଣା ସ୍ଥଳକୁ ଆସି ମାପଯୁପ କରୁଥିବା ସମୟରେ ଗ୍ରାମବାସୀ ବିରୋଧ କରିଛନ୍ତି। ସୂଚନା ଅନୁସାରେ ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତର ପାଣିମୁଣ୍ଡା ଗାଁ ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ଆର୍ଥିକ ବର୍ଷ ୨୦୨୫–୨୬ ଜିଲ୍ଲା ପରିଷଦ କଳାହାଣ୍ଡି ତରଫରୁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ୫ ଲକ୍ଷ ଟଙ୍କା ଅନୁଦାନ ରାଶି ଆସିଥିଲା। କିନ୍ତୁ ଗୋଟିଏ କାମ ସମ୍ପୂର୍ଣ୍ଣ ନହେଉଣୁ ପୁଣି ଉକ୍ତ ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ଆର୍ଥିକ ବର୍ଷ ୨୦୨୫–୨୬ ଜିଲ୍ଲା ପରିଷଦ କଳାହାଣ୍ଡି କେପିଟାଲ ଏସ୍ସେଟ ଯୋଜନାରେ ଟେଣ୍ଡର ହୋଇ ଉକ୍ତ ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ରାଶି ରହିଥିଲା। କିନ୍ତୁ ୩ ରୁ ୪ ଦିନ ଜେସିବି ମାଧ୍ୟମରେ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର କାମ କରି ଠିକାଦାର କାମ ବନ୍ଦ କରି ଚାଲିଯାଇଥିବା ବେଳେ ପୂର୍ବରୁ ଚାଲିଥିବା ୫ ଲକ୍ଷ ଟଙ୍କାର କାମରେ ସୂଚନା ଫଳକ ଲାଗିଥିବା ବେଳେ ଏହି ନୂତନ ୧୦ ଲକ୍ଷ ଟଙ୍କା ଟେଣ୍ଡର କାମରେ କୌଣସି ସୂଚନା ଫଳକ ଲଗା ଯାଇନଥିଲା।କାମ ଦାଇତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା ଦିନେ ମଧ୍ୟ କାମ ଦେଖିବାକୁ ଆସୁନଥିବା ବେଳେ ଗ୍ରାମବାସୀମାନେ କାମକୁ ନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଶୁଣୁନଥିବା କହିଥିଲେ। ଏହାକୁ ନେଇ ଗତ ୧୯ ତାରିଖରେ ଗାଁ ଲୋକଙ୍କ ଅଭିଯୋଗ ଅନୁସାରେ ୨୦ ତାରିଖରେ ଧରିତ୍ରୀ ଖବର କାଗଜରେ ପ୍ରକାଶ ପାଇଥିଲା। ଏହାପରେ ପାଣିମୁଣ୍ଡା ମହାବନ୍ଧର ପୁନରୁଦ୍ଧାର କାମରେ ଆର୍ଥିକ ବର୍ଷ ୨୦୨୫–୨୬ ଜିଲ୍ଲା ପରିଷଦ କଳାହାଣ୍ଡି କେପିଟାଲ ଏସ୍ସେଟ ଯୋଜନାରେ ଏକ ୧୦ ଲକ୍ଷ ଟଙ୍କା ଅଟକଳ ମୂଲ୍ୟର ଫଳକ ଲଗାଇଥିବା ଦେଖିବାକୁ ମିଳିଛି। ଫଳକ ଲାଗିବା ପରେ ଯନ୍ତ୍ରୀ ଓ ଠିକାଦାର ଘଟଣା ସ୍ଥଳକୁ ଆସି ମାପଯୁପ କରୁଥିବା ସମୟରେ ଗ୍ରାମବାସୀ ବିରୋଧ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକର ୨୬ ଗୋଟି ପଞ୍ଚାୟତ ମଧ୍ୟରୁ ୪ ଗୋଟି ପଞ୍ଚାୟତ ଗୁଣ୍ଡରି, ଗୋବର୍ଦ୍ଧନପୁର,କମର୍ଦ୍ଧା ଓ ଭୁର୍ତ୍ତିଗଡ଼ରେ ଆର୍ଥିକ ବର୍ଷ ୨୦୨୫–୨୬ ଜିଲ୍ଲା ପରିଷଦ କଳାହାଣ୍ଡି କେପିଟାଲ ଏସ୍ସେଟ ଯୋଜନାରେ ଟେଣ୍ଡର ହୋଇ ୧୦ ଟି ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ୧ କୋଟି ଟଙ୍କା ରହିଛି। ବର୍ତ୍ତମାନ କିଛି ଦିନ ହେଲା ଏହି ମହାବନ୍ଧର ପୁନରୁଦ୍ଧାର କାମ ଗୁଡିକ ଚାଲିଛି। ଏହି ୪ ଗୋଟି ପଞ୍ଚାୟତ ମଧ୍ୟରୁ ଗୁଣ୍ଡରି,ଗୋବର୍ଦ୍ଧନପୁର, ଲାଞ୍ଜିଗଡ ରୋଡ ଓ କମର୍ଦ୍ଧା ରେ ୮ ଟି ମହାବନ୍ଧର ପୁନରୁଦ୍ଧାର ୮୦ ଲକ୍ଷ ଟଙ୍କାର କାମ ଚାଲିଥିବେଳେ ୪ ପଞ୍ଚାୟତ ଦାଇତ୍ୱ ଅଛନ୍ତି ଯନ୍ତ୍ରୀ ସନ୍ତୋଷ ବେହେରା। ଏକାଧିକ ପଞ୍ଚାୟତ ଦାଇତ୍ୱରେ ଜଣେ ଯନ୍ତ୍ରୀ ରହିଥିବା ବେଳେ କେବଳ ତାଙ୍କ ପଞ୍ଚାୟତ ହିଁ ୮୦ ଲକ୍ଷ ଟଙ୍କାର କାମକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଲାଞ୍ଜିଗଡ଼ ବ୍ଲକ ଦାଇତ୍ୱରେ ଥିବା ସେ ବର୍ତ୍ତମାନ ଗୋବର୍ଦ୍ଧନପୁର,କମର୍ଦ୍ଧା, ପୋଖରିବନ୍ଧ ଓ ଲାଞ୍ଜିଗଡ଼ ରୋଡ଼ ପଞ୍ଚାୟତ ଦାଇତ୍ୱରେ ରହିଥିବା ବେଳେ ସପ୍ତାହେ ତଳେ ଯନ୍ତ୍ରୀ ଶ୍ରୀ ବେହେରାଙ୍କୁ ବନ୍ଧପାରି ପଞ୍ଚାୟତ ଦାଇତ୍ୱ ଦିଆଯାଇଥିବା ସୂଚନା ମିଳିଛି ।

## ବିଦ୍ୟୁତ ଆଘାତରେ ଆଇଟିଆଇ ଛାତ୍ରଙ୍କ ପରଲୋକ

ବାଲିଚନ୍ଦ୍ରପୁର, (ମହାଭାରତ ): ବିଦ୍ୟୁତ ଆଘାତରେ ଜଣେ ଆଇଟିଆଇ ଛାତ୍ରଙ୍କର ପରଲୋକ ଘଟିଛି । ଅକାଳ ମୃତ୍ୟୁ ବରଣ କରିଥିବା ଏହି ଛାତ୍ର ଜଣକ ହେଉଛନ୍ତି ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମର ବିଭୁତି ବିଶ୍ୱାଳଙ୍କ ଏକମାତ୍ର ପୁତ୍ର କୌଶିକ ବିଶ୍ୱାଳ (୨୨) । ସୂଚନା ମୁତାବକ କୌଶିକ ଆଜି ଦିନ ୧୦ ଟାରେ ନିଜ ଘରେ ଥିବା ବେଳେ କୌଣସି କାରଣରୁ ବିଦ୍ୟୁତ ଆଘାତର ଶିକାର ହୋଇ ମୃତ୍ୟୁ ବରଣ କରିଥିଲେ । କୌଶିକଙ୍କର ପରଲୋକ ଗମନ ଖବର ପାଇ ବିଶିଷ୍ଟ ସମାଜସେବୀ ଦିବାକର ବିଶ୍ୱାଳ, ସରପଞ୍ଚ ପ୍ରତିନିଧି ଅମୀୟ ସାହାଣୀ, ପ୍ରେମାନନ୍ଦ ବିଶ୍ୱାଳ,ପ୍ରଦୀପ କୁମାର ବିଶ୍ୱାଳ ଓ ରସାନନ୍ଦ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଗଭୀର ଶୋକ ପ୍ରକାଶ କରିଥିଲେ । ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିବା ବେଳେ ଦାଦାପୁଅ ଭାଇ ଶିବମ ମୁଖାଗ୍ନି ଦେଇଥିଲେ । ସୂଚନା ମୁତାବକ ମୃତ କୌଶିକ ଟାଙ୍ଗି ସ୍ଥିତ ଏକ କଲେଜରେ ବିଦ୍ୟୁତ ବିଭାଗର ଆଇଟିଆଇ ଶିକ୍ଷା ଲାଭ କରୁଥିଲେ । ଜଣେ ସରଳ ତଥା କୃତି ଛାତ୍ର ଭାବେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଥିଲା । ତାଙ୍କ ଅକାଳ ବିୟୋଗରେ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ସି ପି ଆଇ ଏମ ଦଳ ପକ୍ଷରୁ ବିଭିନ୍ନ ଦାବୀ ନେଇ ଗଞ୍ଜାମ ବ୍ଲକ ଆଗରେ ବିକ୍ଷୋଭ

ଗଞ୍ଜାମ, : ଗଞ୍ଜାମ ଆଞ୍ଚଳିକ କମିଟି ସି ପି ଆଇ ଏମ ଦଳ ପକ୍ଷରୁ ଗୁରୁବାର ଦିନ ବିଭିନ୍ନ ଦାବୀ ନେଇ ଗଞ୍ଜାମ ବ୍ଲକ ଆଗରେ ବିକ୍ଷୋଭ ପଦର୍ଶନ ଓ ପ୍ରତିବାଦ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦଳୀୟ କର୍ମୀ ଓ ନେତା ମାନେ ତ୍ରିବେଣୀ ମଠ ଛକ ଠାରୁ ବିରାଟ ଶୋଭାଯାତ୍ରା ରେ ସହର ପରିକ୍ରମା ସହ ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ବିରୁଦ୍ଧରେ ନାରାଦେଇ ଗଞ୍ଜାମ ବ୍ଲକ ସମ୍ମୁଖ ରେ ପହଂଚି ଥିଲେ । ସେଠାରେ ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟ ଙ୍କ ସଭାପତିତ୍ୱ ରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭା ରେ ଦଳ ର ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ, କୃଷକ ନେତା ହରି କୃଷ୍ଣ ରେଡି, ରାଜ୍ୟ କମିଟି ସଦସ୍ୟ ରାମ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଜନ ମାରଣା ନୀତି କୁ ତୀବ୍ର ସମାଲୋଚନା କରିଥିଲେ । ରାଜ୍ୟ ସରକାର ଙ୍କ ଶାସନ ର ଦୁଇ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ସରକାର ଦେଇଥିଲେ ଅନେକ ପ୍ରତିଶୃତି କିନ୍ତୁ ତାହା ପାଳନ କରିବାକୁ ସେମାନେ ବିଫଳ ହୋଇଛନ୍ତି । ସେ ଗୁଡିକ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅବ୍ୟବସ୍ଥା କରିବା, ବାର୍ଦ୍ଧକ୍ୟ ଭତ୍ତା ଲୋକଙ୍କୁ ଠିକ ଭାବେ ନମିଳିବା,ବିଦୂତ ବିଭାଗ ର ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ସାଧାରଣ ଲୋକଙ୍କୁ ଅସୁବିଧା ଭୋଗିବା,ରାସନ କାର୍ଡ ଲୋକଙ୍କୁ ଠିକ ଭକ୍ଷବେ ନମିଳିବା । ପାଳିବନ୍ଧ ପଂଚାୟତ ର ଦଶ ଟି ଗ୍ରାମର ଲୋକଙ୍କୁ ସୁରକ୍ଷା ଦୃଷ୍ଟି ରୁ ସମୁଦ୍ର ଯେଉଁ ଭଳି ଭାବେ କୂଳ ଖାଉଛି ତାହାର ସ୍ଥାୟୀ ପ୍ରତିକାର କରିବାକୁ ନେତା ମାନେ ଦାବୀ କରିଥିଲେ । ପରେ ଏକ ପ୍ରତିନିଧି ଦଳ ଯାଇ ବିଭିନ୍ନ ଦାବୀ ର ସମାଧାନ ନିମନ୍ତେ ବି ଡି ଓ ସହ ଆଲୋଚନା କରିବାକୁ ଯାଇଥିଲେ । ଏହି ସବୁ ସମସ୍ୟା ର ସମାଧାନ ସମେତ ସମୁଦ୍ର କୂଳ ଖାଇବା ସମସ୍ୟା ସମାଧାନ ପାଇଁ ଯଦି କିଛି ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନନିଅନ୍ତି ତାହେଲେ ବାଧ ହୋଇ ଲୋକମାନେ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଦଳୀୟ ନେତା ମାନେ କହିଛନ୍ତି। ସରପଞ୍ଚ ବୈରାଗୀ ବେହେରା, ଖଲି ସ୍ୱାଇଁ, କୃଷ୍ଣ ଗୌଡ଼, ଯୋଗେଶ ଚନ୍ଦ୍ର ସାହୁ, ଗୋବର୍ଦ୍ଧନ ପାହାନ, ଅନୁରାଧା ଛଟେଇ, ତ୍ରିଲୋଚନ ପ୍ରଧାନ, ସତୀଶ ସ୍ୱାଇଁ, ସୁଜିତ ବେହେରା, ଶ୍ରୀଧର, ବସନ୍ତ, ମନୋଜ, ଧର୍ମ ରାଜ ସ୍ୱାଇଁ ସମେତ ବହୁ ସଂଖ୍ୟା ରେ ଦଳୀୟ କର୍ମୀ ଯୋଗ ଦେଇଥିଲେ ।

## ନିଶାମୁକ୍ତ ଭାରତ ଅଭିଯାନ ସପ୍ତାହ ପାଳିତ



କୃଷ୍ଣପ୍ରସାଦ:ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସିଆଳ ଗ୍ରାମପଞ୍ଚାୟତ ମୋରଡା ବଟେଶ୍ୱର ଉଚ୍ଚ ବିଦ୍ୟାଳୟ ରେ ନିଶାମୁକ୍ତ ଭାରତ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜୟ କିଷାନ ୟୁଥ କ୍ଲବ ଜଙ୍କିଆ ଗଡ଼ସାହି କଣାସ ଆନୁକୂଲ୍ୟରେ ମାଲୁଦ ଠାରେ ଥିବା ନିଶାମୁକ୍ତି ଚିକିତ୍ସା ଓ ଥଇଥାନ କେନ୍ଦ୍ର ଆଶ୍ରୟ ତରଫରୁ ଏହି ସଚେତନତା ଶିବିର ହୋଇଥିଲା। ଆଶ୍ରୟ କେନ୍ଦ୍ର ର ପ୍ରକଳ୍ପ ନିର୍ଦେଶକ ଅଜୟ କୁମାର ସୁନ୍ଦରାୟ,, ସୁବାସ ଚନ୍ଦ୍ର ଦେବତା, ପ୍ରଶାନ୍ତ କୁମାର ଭଞ୍ଜ ଙ୍କ ନେତୃତ୍ୱ ନେଇଥିଲେ। ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାର୍ଥୀ ଙ୍କୁ ନେଇ ନିଶା ସେବନ ର ଅପକରିତା କିଭଳି ଭାବରେ ସୁସ୍ଥ ଜୀବନ କୁ ମୃତ୍ୟୁ ମୁଖରେ ପକାଇଥାଏ ଅଜୟ କୁମାର ସୁନ୍ଦରାୟ ବର୍ଣ୍ଣନା କରିଥିଲେ। ନିଶା ସେବନ ରୁ ନିବୃତ କରିବା ପାଇଁ ଏହି ବାର୍ତ୍ତା ଘରେ ଘରେ ପହଂଚାଇବା ପାଇଁ ଶିକ୍ଷାର୍ଥୀ ମାନଙ୍କୁ କହିଥିଲେ। ଜୀବନରେ ଥରେ ମଧ୍ୟ ନିଶା ସେବନ କରିବେ ନାହିଁ ସେଥିପାଇଁ ସମସ୍ତ ଙ୍କୁ ଶପଥ ପାଠ କରାଇଥିଲେ।ୟ ନିଶାମୁକ୍ତି ଭାରତ ପାଇଁ ପ୍ଲା କାର୍ଡ ଧରି ପଦଯାତ୍ରା ରେ ମୋରଡା, ପୁଟୁ ମୋରଡା, ବାଉରୀ ସାହି ରେ ସ୍ଲୋଗାନ ଦେଇ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅମିନ ବିଶ୍ୱାଳ ଙ୍କ ସମେତ ସମସ୍ତ କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସାମ୍ବାଦିକ ମାନଙ୍କ ସମସ୍ୟା ସମ୍ପର୍କରେ ସରକାର ବିଚାର କରୁଛନ୍ତି: ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ



ପୋଲସରା :ସାମ୍ବାଦିକ ମାନଙ୍କ ସମସ୍ୟା ସମ୍ପର୍କରେ ସରକାର ବିଚାର କରୁଛନ୍ତି । ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି ମତ୍ସ୍ୟ ଓ ପ୍ରାଣୀ ଧନ ବିକାଶ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆଜି ଏଠାରେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ଆଜି ପୋଲସରା ସହରର ପାଟିଗଡ ରାସ୍ତା ରେ ଥିବା ମଧୁବଂଶ୍ୟ ସମାଜ କଲ୍ୟାଣ ମଣ୍ଡପ ଠାରେ ଗଞ୍ଜାମ ଜିଲ୍ଲା ସାମ୍ବାଦିକ ୟୁନିୟନ ର ସାଧାରଣ ପରିଷଦ ବୈଠକ ସହିତ ପୋଲସରା ପ୍ରେସ କ୍ଲବର ୧୯ ତମ ବାର୍ଷିକ ଉତ୍ସବ ମିଳିତ ଭାବେ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ ସାମ୍ବାଦିକ ମାନେ ଖାଲି ଗଣତନ୍ତ୍ର ର ଚତୁର୍ଥ ସ୍ତମ୍ଭ ନୁହନ୍ତି ସେମାନେ ମଧ୍ୟ ସମାଜର ଦର୍ପଣ ସଦୃଶ୍ୟ ଅଟନ୍ତି। ଏଣୁ ସେମାନେ ଗଣତନ୍ତ୍ର ର ସୁରକ୍ଷା ସହିତ ସମାଜର ସମସ୍ୟା କୁ ଦର୍ପଣ ଭଳି ଦେଖାଇଥାନ୍ତି। ସାମ୍ବାଦିକ ମାନଙ୍କ ପ୍ରତି ବର୍ତ୍ତମାନ ସରକାର ଙ୍କର ସହାନୁଭୂତି ରହିଛି ବୋଲି କହିଥିଲେ । ଉତ୍ସବ ରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଆସିକା ସାଂସଦ ଶ୍ରୀମତୀ ଅନୀତା ଶୁଭଦର୍ଶନୀ ପଟ୍ଟନାୟକ କହିଥିଲେ ସାମ୍ବାଦିକ ମାନେ କେବଳ ନିଜ ପାଇଁ ବଞ୍ଚନ୍ତି ନାହିଁ ସେମାନେ ମଧ୍ୟ ଗଣତନ୍ତ୍ର ପାଇଁ ବଞ୍ଚନ୍ତି। ଏଣୁ ସାମ୍ବାଦିକ ମାନଙ୍କ ସମସ୍ୟା ସମ୍ପର୍କରେ ସେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସହିତ ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଓ୍ୟୁଜେ ରାଜ୍ୟ ସଭାପତି ପ୍ରସନ୍ତ କୁମାର ମହାନ୍ତି ଅନ୍ୟତମ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଦେଶର ୧୯ ଟି ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ପାଇଁ ପେନସନ ବ୍ୟବସ୍ଥା କରିଥିବା ବେଳେ ୨ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରି ସାରିଲେଣି। ଏଣୁ ରାଜ୍ୟ ସରକାର ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେ। ଓ୍ୟୁଜେ ଗଞ୍ଜାମ ଜିଲ୍ଲା ସଭାପତି ସଦାଶିବ ପଣ୍ଡା ଓ ପୋଲସରା ପ୍ରେସ କ୍ଲବର ସଭାପତି କେ ସୁମିତା ପାତ୍ରଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟ ବିଶ୍ୱ ରଞ୍ଜନ , ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ପ୍ରଧାନ , ଅଶୋକ କୁମାର ମହାଙ୍କୁଡ , ରାଜୀବ ଲୋଚନ ମିଶ୍ର , ରବିନ୍ଦ୍ରନାଥ ମିଶ୍ର , ରବିନ୍ଦ୍ର କୁମାର ପଣ୍ଡା , ରାଜ ଗୋପାଳ ପାଢ଼ୀ , ମେଘନାଦ ଦାସ ଏବଂ ଶକ୍ତି ଧର ରାଜଗୁରୁ ପ୍ରମୁଖ ନିଜ ନିଜର ମନ୍ତବ୍ୟ ରଖିଥିଲେ । ବୈଠକ ପ୍ରାରମ୍ଭରେ ଯୁବ ସଂଗଠକ ସିମାଞ୍ଚଳ ସାହୁ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସନ୍ତୋଷ କୁମାର ମିଶ୍ର ଓ ସନ୍ତୋଷ କୁମାର ପଣ୍ଡା ବିବରଣୀ ପାଠ କରିଥିଲେ ।ସର୍ବ ନାରାୟଣ ସାହୁ , ଅକ୍ଷାନ୍ତ ମିଶ୍ର , କେ ସନ୍ତୋଷ କୁମାର ପାତ୍ର , ସୁଶାନ୍ତ ମହାରଣା , ଟି ଶରତ କୁମାର ସୁବୁଦ୍ଧି , ନୃସିଂହ ସ୍ୱାଇଁ , କାର୍ତ୍ତିକ ପାତ୍ର , ରବିନ୍ଦ୍ର ପ୍ରଧାନ , ପ୍ରଗତିବନ୍ଧୁ ଦାସ , ରୋହିତ ପ୍ରଧାନ , ପିଣ୍ଟୁ ବିଷୋୟୀ ଓ ହୃଷୀକେଶ ନାୟକ ଉତ୍ସବ ଆୟୋଜନ ଓ ପରିଚାଳନା ରେ ପୂର୍ଣ୍ଣ ସହଯୋଗ କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାନେ ବନ୍ଦେ ମାତରଂ ଗାନ କରିଥିବା ବେଳେ ହରିହର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାତିରେ ଡିବିରି, ଲଣ୍ଠନ ଭରସା

ବାରିପଦା: ବିଜୁଳି ଆଲୁଅ ନ ଥିବାରୁ ରାତିରେ ଡିବିରି ଓ ଲଣ୍ଠନ ଜଳାଇ ଚଳୁଛୁ ବୋଲି କହନ୍ତି ବିଶୋଇ ବ୍ଲକ୍ ବାଘବାଡ଼ି ପଡ଼ାଗାଁର ବିଜୁଳି ମହାନ୍ତ ଓ ଦେବଯାନୀ ମହାନ୍ତ। ଦିନରେ ସୂର୍ଯ୍ୟ, ରାତିରେ ଡିବିରିକୁ ଭରସା କରିବାକୁ ପଡୁଛି। ସେମାନଙ୍କ ଏହି ମନ୍ତବ୍ୟ ସରକାରୀ ସ୍ଲୋଗାନ୍ 'ଅନ୍ଧାରରେ କେହି ରହିବେ ନାହିଁ, ସବୁ ଗାଁରେ ଜଳିବ ବିଜୁଳିବତି'କୁ ସତେ ଯେମିତି ଉପହାସ କରୁଛି। କେନ୍ଦ୍ର ହେଉ କି ରାଜ୍ୟ ସରକାର, ବିଭିନ୍ନ ଯୋଜନାରେ ବର୍ଷକୁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ୧ ହଜାର ୫୩ ଗାଁ ଏବେ ବି ଅନ୍ଧାରରେ ରହିଛି।ବିଦ୍ୟୁତ ସଂଯୋଗ ନଥିବାରୁ ୧୫ ହଜାର ୧୦୨ ପରିବାର ଆଜିସୁଦ୍ଧା ନିଜଗାଁରେ ଟେଭିଭିଜନ୍ କାର୍ଯ୍ୟକ୍ରମ ଦେଖିବା କିମ୍ବା ଦେଶବିଦେଶ ଖବର ଜାଣିବାର ସେଭାଗ୍ୟ ପାଇନାହାନ୍ତି।ଗାଁଠୁ ୧୦ରୁ ୧୫ କିଲୋମିଟର ଆସିଲେ ଯାହା ଖବର ପାଉଛନ୍ତି। ଏବେ ପ୍ରାୟ ପ୍ରତିଘରେ ଟିଭି। ତେବେ ବିଦ୍ୟୁତ ସଂଯୋଗ ହୋଇ ନଥିବାରୁ ଜିଲ୍ଲାର ୧୫୧୦୨ ପରିବାର ଟେଲିଭିଜନ୍ ଦେଖିବାରୁ ବଞ୍ଚିତ ଅଛନ୍ତି ବୋଲି ଏକ ବେସରକାରୀ ସର୍ଭେ ସଂସ୍ଥା ରିପୋର୍ଟରୁ ଜଣାପଡ଼ିଛି। ମୟୂରଭଞ୍ଜରେ ରାଜସ୍ୱ ଗାଁ ସଂଖ୍ୟା ୩୯୬୬ୟ ଅବଶ୍ୟ ସବୁ ରାଜସ୍ୱ ଗାଁକୁ ବିଦ୍ୟୁତ ସଂଯୋଗ ହୋଇଛି। ହେଲେ ଜିଲ୍ଲାର ୫୩୫୨ଟି ପଡ଼ାଗାଁରୁ ୧୦୫୩ଟି ଗାଁକୁ ଆଜିସୁଦ୍ଧା ବିଦ୍ୟୁ ସଂଯୋଗ ହୋଇପାରିନାହ। ରାଜୀବ ଗାନ୍ଧୀ, ବିଜୁ ଜ୍ୟୋତି ଓ ସେଭାଗ୍ୟ ଯୋଜନାରେ ଦୁର୍ଗମ ଓ ଅପହଞ୍ଚ ଇଲାକାରେ ଥିବା ଗାଁକୁ ବିଦ୍ୟୁତ ସଂଯୋଗ କରାଯିବ ବୋଲି ସରକାରଙ୍କ ଘୋଷଣା ମୟୂରଭଞ୍ଜରେ ସତେ ଯେମିତି ପ୍ରହସନ ପାଲଟିଛି। ବିଦ୍ୟୁତ ସଂଯୋଗ ହୋଇପାରି ନଥିବା ଏସବୁ ଗାଁ କପ୍ତିପଦା, ବିଶୋଇ, ବାଙ୍ଗିରପୋଷି, ଜାମଦା, ଠାକୁରମୁଣ୍ଡା, ବିଜାତଳା, ଶୁଳିଆପଦା, ବହଳଦା, ଯଶିପୁର ଆଦି ବ୍ଲକ୍ ଅଧୀନରେ ଯାଉଛି। କପ୍ତିପଦା ଓ ବିଶୋଇ ବ୍ଲକରେ ବିଦ୍ୟୁତ ନଥିବା ଗାଁ ଅଧିକ ରହିଥିବା ସର୍ଭେ ରିପୋର୍ଟରୁ ଜଣାପଡ଼ିଛି।ସରକାରୀ ବାବୁମାନଙ୍କ ଇଚ୍ଛାଶକ୍ତିର ଅଭାବ ହେଉ କି ନେତାମାନଙ୍କ ଆନ୍ତରିକତାର ଅଭାବ, ଜିଲ୍ଲାର ହଜାରେ ପଡ଼ାଗାଁରେ ବିଦ୍ୟୁତ ସଂଯୋଗ ହୋଇ ନ ପାରିବା ବିଡ଼ମ୍ବନାର ବିଷୟ। ତେବେ ଏ ନେଇ ବିଦ୍ୟୁତ କର୍ମଚାରୀ ସଂଘ ରାଜ୍ୟ ସରକାରଙ୍କ ନିଶ୍ଚିତ ଦୃଷ୍ଟି ଆକର୍ଷଣ କରିବ ବୋଲି ଜଣେ କର୍ମକର୍ତ୍ତା କହିଛନ୍ତି। ଅନ୍ୟପକ୍ଷରେ ଜଙ୍ଗଲ, ପାହାଡ଼ ନିକଟବର୍ତ୍ତୀ ଗାଁକୁ ବିଦ୍ୟୁତ ସଂଯୋଗ କରିବା ସହଜ ହେଉନାହିଁ। ତେଣୁ ସେସବୁ ଗାଁକୁ ସୋଲାର୍ ଲାଇଟ୍ ଯୋଗାଇବା ବ୍ୟବସ୍ଥା ହେବା ଆବଶ୍ୟକତା ରହିଛି। ଏ ନେଇ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ବ୍ରାନ ମୁର୍ମୁ କହିଛନ୍ତି, ବିଦ୍ୟୁତ ବିଭାଗ ଓ ଜିଲ୍ଲାପାଳଙ୍କ ସହ କଥାହୋଇ ଏ ଦିଗରେ ତୁରନ୍ତ ବ୍ୟବସ୍ଥା କରାଯିବ। ଏ ନେଇ ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ତଥା ଉଦଳା ବିଧାୟକ ଭାସ୍କର ମଢେଇ କହିଛନ୍ତି, ଜିଲ୍ଲା ଯୋଜନାବୋର୍ଡ ବୈଠକ ବସିନାହିଁ। ବୈଠକରେ ଏହି ବିଷୟରେ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।

## ଶ୍ରୀରଙ୍ଗ ନାଥ ଦେବଙ୍କ ପୀଠରେ ରୁକ୍ମିଣୀ ବିବାହ ସମ୍ପର୍ଣ୍ଣ
### ଗୁଆଲି ଯାତ୍ରାରେ ନଗର ପରିକ୍ରମା କଲେ ଦେବଦମ୍ପତି

ବାଣପୁର : ( ମହାଭାରତ )ସର୍ବଧର୍ମ ସମନ୍ୱୟରପୀଠ ବାଣପୁରରେ ଜ୍ୟେଷ୍ଠ ଶୁକ୍ଳ ଶୀତଳ ଷଷ୍ଠୀରେ ଦେବଦେବ ମହାଦେବ ମା' ପାର୍ବତୀଙ୍କ ଦେବ ବିବାହ କାର୍ଯ୍ୟ ସମାପନ ପରେ ଶୁକ୍ଳ ଏକାଦଶୀରେ ଆରାଧ ଠାକୁର ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା ରୁକ୍ମିଣୀ ବିବାହ ପରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ। କନକ ବେଦୀରେ ଦେବଦମ୍ପତ୍ତିଙ୍କୁ ଦର୍ଶନ କରି କୃପା ଲାଭ ନିମନ୍ତେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଅଗଣିତ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା । ମାନବୀୟ ଲୀଳାର ଏହି ପରମ୍ପରା ରେ ଶଙ୍ଖ, କାହାଳୀ ଘଣ୍ଟା, ଘଣ୍ଟ ବାଦ୍ୟ ସହିତ ହରିବୋଲ ହୁଳହୁଳି ଶବ୍ଦରେ ମନ୍ଦିର ପରିସର ସତେଯେମିତି ଉଚ୍ଛୁଳି ପଡୁଥିଲା । ଉତ୍କଳର ଶ୍ରୀକ୍ଷେତ୍ର ଧାମପରି ଲୀଳାକ୍ଷେତ୍ର ବାଣପୁରର ଆରାଧ୍ୟ ବ୍ରହ୍ମସ୍ୱର୍ଶୀ ଠାକୁର ଶ୍ରୀ ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ପ୍ରତ୍ୟୁଷରୁ ଦ୍ୱାରଫିଟା , ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ବେଶ,ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ସାହାଣମେଲା ହୋଇ ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କୁ ସ୍ନାନ ବିଧି ହୋଇ ବେଶ କରାଯାଇଥିଲା, ମା' ମହାଲକ୍ଷ୍ମୀଙ୍କୁ ଆଜ୍ଞାମାଳ ପରେ ମନ୍ଦିର ପରିସରରେ ଥିବା ବିମଳାଙ୍କ ମନ୍ଦିର ଜଗମୋହନରେ ବିଜେ କରାଯାଇଥିଲା । ସେଠାରୁ ଚିଟାଉନୀତି ସମାପନ ପରେ ଶ୍ରୀମଦନମୋହନ ଙ୍କୁ ଆଜ୍ଞାମାଳ ହୋଇ ବିମଳାଙ୍କ ପୀଠରେ ପହଞ୍ଚିବା ପରେ ରୁକ୍ମିଣୀ ସ୍ୱରୁପିଣୀ ମା' ମହାଲକ୍ଷ୍ମୀଙ୍କୁ ଶ୍ରୀମଦନମୋହନ ଦେବ ହାତଧରି ମନ୍ଦିର ଆଡ଼କୁ ବିଜେ କଲା ବେଳେ ପାଟ ଅଗଣାରେ ଶିଶୁପାଳନୀତିକାନ୍ତି ଶେଷକରି ନାଟମଣ୍ଡପରେ ବିଜେ କରିଥିଲେ । ପରେ ଅପରାହ୍ନରେ ମନ୍ଦିର ତରଫରୁ ବାଣପୁରର ସମସ୍ତ ଦେବା ଦେବୀ ମନ୍ଦିରକୁ ବିବାହ ନିମନ୍ତ୍ରଣ ଗୁଆବା□ ନୀତି ସାରି ସଂଧ୍ୟାରେ ଅମୃତ ଲଗ୍ନରେ ଶ୍ରୀମଦନ ମୋହନ ଦେବଙ୍କ ବରଯାତ୍ରା ବିରାଟ ପଟୁଆରରେ ନଗର ପରିକ୍ରମା କରିବା ପରେ ମନ୍ଦିର ପରିସରରେ କନ୍ୟାପିତା ଭାବରେ ବରିଷ୍ଠ ଆଇନଜ୍ଞ ଶ୍ୟାମସୁନ୍ଦର ମିଶ୍ର ବାଟବରଣୀ କରି ବର ଶ୍ରୀମଦନମୋହନଙ୍କୁ ବେଦୀ ଉପରକୁ ପାଛୋଟି ନେଇଥିଲେ । ବୈଦିକ ରୀତି ନୀତିରେ ବିବାହ କାର୍ଯ୍ୟରେ ଶ୍ରୀମିଶ୍ର କନ୍ୟାଦାନ କରିଥିଲାବେଳେ, ମନ୍ଦିର ପରିଚ୍ଛା ପଦ୍ମଚରଣ ମହାପାତ୍ର ବରପିତାର ଦାୟିତ୍ୱ ସଂପାଦନ କରିଥିଲେ । ମନ୍ଦିର ପୁରୋହିତ ପଣ୍ଡିତ କୃଷ୍ଣଚନ୍ଦ୍ର ଦାଶ ,ପଣ୍ଡିତ ମୃତ୍ୟୁଞ୍ଜୟ ଦାଶ ବିବାହ କାର୍ଯ୍ୟ ପରିଚାଳନା କରିଥିଲାବେଳେ ମନ୍ଦିର ପରିଚାଳନା କମିଟିର ସହଯୋଗରେ ଏହି ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଦ୍ୱାଦଶୀରେ ଦେବଦମ୍ପତିଙ୍କ ଗୁଆଲି ଯାତ୍ରା ନଗର ପରିକ୍ରମା କରି ଶ୍ରୀଶ୍ରୀ ଦକ୍ଷପ୍ରଜାପତିଦେବ ଙ୍କ ମନ୍ଦିର ଯାଇ ଦର୍ଶନ କରି ନିଜ ପୀଠକୁ ପତ୍ୟବର୍ତନ କଲା ପରେ ସମସ୍ତ ଭକ୍ତ ପ୍ରସାଦ ସେବନ କରିଥିଲେ ଦେବ ବିଭାହ ମହା ଆଡ଼ମ୍ବର ରେ ଅନୁଷ୍ଠିତ ହୋଇଥିଲା।



## ଠାକୁରାଣୀ ମନ୍ଦିର ଉଦଘାଟନ କଲେ ବିଧାୟକ

ଗୋଷାଣୀ(ମହାଭାରତ): ଗୋଷାଣୀ ବ୍ଲକ ର ରଣଦେବୀ ଗ୍ରାମ ନିକଟରେ ମାଁ ଠାକୁରାଣୀ ଙ୍କ ମନ୍ଦିର ର ଉଦଘାଟନ କଲେ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ । ଏଥିରେ ବିଧାୟକ ଙ୍କୁ ସ୍ୱାଗତ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା ଏହା ପରେ ବିଧାୟକ ମନ୍ଦିର ପ୍ରାଙ୍ଗଣରେ ଠାକୁରାଣୀ ଙ୍କ ପୂଜାରେ ସାମିଲ ହୋଇ ଆଶୀର୍ବାଦ ଗ୍ରହଣ କଲେ। ଏହି ମନ୍ଦିର କାର୍ଯ୍ୟ ଦୀର୍ଘ ଦିନ ହେବ କାର୍ଯ୍ୟ ଚାଲିଥିଲା, ଏହି ମନ୍ଦିର ଚଳିତ ମାସ ରେ ସମ୍ପୂର୍ଣ ହୋଇଥିଲା ଓ ଆଜି ପ୍ରତିଷ୍ଠା ହୋଇଥିଲା ।ଏହି ଠାକୁରାଣୀ ଙ୍କ ପୂଜା ଓ ପ୍ରତିଷ୍ଠା କାର୍ଯ୍ୟକ୍ରମ ରେ ବିଧାୟକ ସମେତ ଆରଏମସି ସଭାପତି ଗଜପତି ରାଓ ସହ ହଜାର ହଜାର ସ୍ଥାନୀୟ ଗ୍ରାମର ଶ୍ରଦ୍ଧାଳୁ ଯୋଗଦେଇ ଆଶୀର୍ବାଦ ଗ୍ରହଣ କରିଥିଲେ ।

## ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆୟୋଜିତ

ଗଜପତି(ମହାଭାରତ): ପାରଳାଖେମୁଣ୍ଡି ପୌର ପରିଷଦରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଧ୍ୟକ୍ଷା, ପରିଷଦ ବୃନ୍ଦ, ୯ଏୖଏ ମହିଳା, ସ୍ୱଚ୍ଛ ସାଥି, ପ୍ଲାଷ୍ଟ ମ୍ୟାନେଜର, ସ୍ୱଚ୍ଛ କର୍ମୀ, କାର୍ଯ୍ୟନିର୍ବାହୀ ଅଧିକାରୀ, କାର୍ଯ୍ୟାଳୟର କର୍ମଚାରୀ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ । ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ, ଜନ କଲ୍ୟାଣକାରୀ ଯୋଜନା ଓ ସହରାଞ୍ଚଳ ବିକାଶ କ୍ଷେତ୍ରରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା । ଏହା ସହିତ ପୁରୀ ଠାରୁ ଆୟୋଜିତ ରାଜ୍ୟସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମରୁ ମାନ୍ୟବର ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀଙ୍କ ଉଦବୋଧନ ଏବଂ କାର୍ଯ୍ୟକ୍ରମର ସିଧାସଳଖ ପ୍ରସାରଣ ଉପସ୍ଥିତ ଜନସାଧାରଣ ଦେଖିଥିଲେ । ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଯୋଜନା ଗୁଡିକ ବଣ୍ଟନ କରାଯାଇଛି।

## ପକାରି ଉପ ଶାଖା ପାଣ ସମାଜ କଲ୍ୟାଣ କମିଟି ମାସିକ ସାଧାରଣ ବୈଠକ

କନ୍ଧମାଳ (ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତ ପକାରୀ ସକାଡିପଡା ସାହି ଠାରେ ଅନୁଷ୍ଠିତ ହୋଇଥିବା ପାଣ ସମାଜ କଲ୍ୟାଣ କମିଟି ଉପଶାଖା ପକାରୀ ର ମାସିକ ସାଧାରଣ ଅଧିବେଶନ ଅନୁଷ୍ଠିତହୋଇଯାଇଛି। ମାସିକ ବୈଠକ ଅବସରରେ ଗୋଛାପଡା ଶାଖା ପାଣ ସମାଜ କଲ୍ୟାଣ କମିଟି ଉପ ସଭାପତି ଗୋବିନ୍ଦ ଦିଗାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଶାଖା ବରିଷ୍ଠ ଉପଦେଷ୍ଟା ଚକ୍ରପତି ଦିଗାଲ, ଶାଖା ସାଧାରଣ ସମ୍ପାଦକ କେଶବ ଦିଗାଲ, ଶାଖା ସହ ସମ୍ପାଦକ ରାଜିବଲୋଚନ ଦିଗାଲ,ଉପଶାଖା ପକାରୀ ପାଣ ସମାଜ ସଭାପତି ସଞ୍ଜୟ ଦିଗାଲ, ସମ୍ପାଦକ ବଳରାମ ଦିଗାଲ, ସହ ସମ୍ପାଦକ ଜନେକ ଦିଗାଲ,ପାଣ ସମାଜ କଲ୍ୟାଣ କମିଟି ଉପଦେଷ୍ଟା କପିଶ୍ୱର ଦିଗାଲ,ପଲାବୃଡ଼ି ପଞ୍ଚାୟତ ଉପଶାଖା ସଭାପତି ସଶିନ୍ଧର ଦିଗାଲ,କାଶିନି ପଦର ପଞ୍ଚାୟତ ଉପଶାଖା ସଭାପତି ସଂକିତ୍ତନ ଦିଗାଲ,ପାହିରାଜୁ ପଞ୍ଚାୟତ ଉପଶାଖା ସାଧାରଣ ସମ୍ପାଦକ ଉଦ୍ଧବ ଦିଗାଲ, ବାଲନ୍ଧାପଡା ପଞ୍ଚାୟତ ଉପଶାଖା ଉପଦେଷ୍ଟା ବାନ୍ଧବ ଦିଗାଲ,ଗୋଛାପଡ଼ାଶାଖା ସବ୍ୟ ଜନିରା ଦିଗାଲ ଓ ପକାରିପୂର୍ବତନ ଉପଶାଖା ସଭାପତି ଅରୁଣ ଦିଗାଲ, ଯୋଗ ଦେଇଥିଲେ।ୟ ଦିନ ତମାମ ପାଣ କୁଳ ସମାଜ ର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଉପରେ ଆଲୋଚନା କରାଯିବା ସହିତ ସମାଜ ର ନିୟମା ବୋଲି ଉମ୍ନ ଚନ କରିବା ପରେ ଶୃଙ୍ଖଳିତ ସମାଜ ଗଠନ ସହ,ନିଶା ନିବାରଣ , ଶିକ୍ଷା ଉପରେ ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ପାଣ ସମାଜ କଲ୍ୟାଣ କମିଟିର ସମସ୍ତ ସଦସ୍ୟ ଙ୍କୁ ଆଧ୍ୟାତ୍ମିକ ଜ୍ଞାନ ସୁ ଶିକ୍ଷା ପ୍ରଦାନ ସହ ପ୍ରତ୍ୟେକ ପରିବାରରେ ନିଜର ପୁଅ ଝିଅ ଓ ପିତାମାତାଙ୍କୁ ଯତ୍ନ ନେବା ସହ ଦାୟିତ୍ୱ ନିର୍ବାହ କରିବାକୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

# ଗୋଖରକୁଦା ଠାରୁ ବଟେଶ୍ୱର ମନ୍ଦିର ବେଳା ଭୂମି ପର୍ଯ୍ୟନ୍ତ ଅବକ୍ଷୟ ହେଉଛି
## ଲୋକଙ୍କ ମନରେ ଭୟର ବାତାବରଣ



ଗଞ୍ଜାମ,;ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ମୁହାଣ ପୁରୁଣାବନ୍ଧ ଠାରୁ ପ୍ରୟାଗି ପର୍ଯ୍ୟନ୍ତ ଗତ କିଛି ଦିନ ହେଲା ବେଳାଭୂମି ଦ୍ରୁତ ଗତିରେ ଅବକ୍ଷୟ ଘଟୁଛି । ଅତ୍ୟଧିକ ମାତ୍ର ରେ ଗୋଖର କୁଦା ଠାରୁ ବଟେଶ୍ୱର ମନ୍ଦିର ବେଳା ଭୂମି ପର୍ଯ୍ୟନ୍ତ ଅବକ୍ଷୟ ହେଉଛି ।ଯାହାଫଳରେ ବେଳାଭୂମି ନଷ୍ଟ ହେବା ସହ ବଟେଶ୍ୱର ଠାରୁ ସମୁଦ୍ର କୂଳ କୁ ସଂଯୋଗ ରାସ୍ତା ବି ଜୁଆର ମାଡ଼ ରେ ଭାଙ୍ଗି ଗଲାଣି । ଏହି ସମସ୍ୟା ପାଇଁ ସ୍ଥାନୀୟ ଅଂଚଳ ରେ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଭୟ ର ବତା ବରଣ ମଧ୍ୟ ସୃଷ୍ଟି ହେଉଛି ।ଏଭଳି ସମସ୍ୟା ଯୋଗୁଁ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳ ପାଇଁ ବଡ଼ ବିପଦ ସମ୍ଭାବନା ର ଆଶଙ୍କା ଏଡାଇ ହେବନାହିଁ ବୋଲି ବିଶେଷଜ୍ଞ ମାନେ ମତ ଦେଇଛନ୍ତି । ସମୁଦ୍ର କୂଳ ଲଘିଂବା ସହ ବେଳାଭୂମି ସମ୍ପୂର୍ଣ ନଷ୍ଟ ହେଲାଣି ଯାହାକୁ ନେଇ ଚିନ୍ତା ପ୍ରକଟ କଲେନି ବୁଦ୍ଧିଜୀବୀ ଓ ପରିବେଶବିତ ମାନେ । ଝାଉଁ ଜଙ୍ଗଲ ମଧ୍ୟ ନଷ୍ଟ ହେଲାଣି । ଯାହାକି ସେହି ପୀଠ କୁ ଯାଉଥିବା ପର୍ଯ୍ୟଟକ ମାନେ ସମୁଦ୍ର କୂଳ କୁ ଗଲେ ସେଠି ଆଉ ବୁଲିବାକୁ ବେଳାଭୂମି ନାହିଁ । ଫଳରେ ଏହା କୁ ନେଇ ସେମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି । ଅନ୍ୟ ପଟେ ବର୍ତ୍ତମାନ ଯେଉଁ ଭଳି ଭାବେ ବେଳାଭୂମି ନଷ୍ଟ ହେଉଛି ତାହା ପାଇଁ ଯଦି କିଛି ସ୍ଥାୟୀ ପ୍ରତିକାର ସରକାର ଙ୍କ ପକ୍ଷରୁ ନହୁଏ ତାହେଲେ ସ୍ଥାନୀୟ ଅଞ୍ଚଳ ପ୍ରତୀ ଆସୁଥିବା ବିପଦ ରୋକି ହେବ ନାହିଁ ।ଏହି ସମସ୍ୟା ପ୍ରତି ସ୍ଥାୟୀ ପ୍ରତିକାର ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଗରୁତ୍ୱ ଦେବାର ଆବଶ୍ୟକ ତା ରହିଛି ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି । ଏହା ପାଇଁ ଯଦି କିଛି ବ୍ୟବସ୍ଥା ନହୁଏ ତାହାଲେ ସ୍ଥାନୀୟ ଅଞ୍ଚଳ ବାସୀ ଙ୍କ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ ମୁଣ୍ଡ ଟେକିପାରେ । ସୂଚନା ଯୋଗ୍ୟ ଜେ ଗତ ୨୦୦୬-୦୭ମସିହାରେ ଏହି ଭଳି ଉଚ୍ଚ ଲହଡି ଏବଂ ସମୁଦ୍ର କୂଳ ଲଙ୍ଘିବା ଫଳରେ ପୁରୁଣା ପୋଡମପେଟା ଗ୍ରାମର ଅନେକ ଘର ଭାଙ୍ଗିଲା ଏବଂ ଜାଲ, ଡଙ୍ଗା ମଧ୍ୟ ଭାସିଗଲା । ଏହି ଭଳି ବାରମ୍ବାର ହେବା ଯୋଗୁଁ ୨୦୧୨ ମସିହାରେ ସେଠାରୁ ପ୍ରାୟ ୧୪୨ ପରିବାର କୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରିତ କରାଜାଇଥିଲା । ବର୍ତ୍ତମାନ ସେମାନେ ରାମଗଡ଼ ପଂଚାୟତ ଅଧୀନରେ ରହିଛନ୍ତି । ସେହିପରି ପରବର୍ତୀ ସମୟରେ ବଳକା ପରିବାର ଙ୍କୁ ଫାଇଲିନ ପରେ ଓ ଡ଼ି ଆର ପି ଯୋଜନାରେ ରେ ମୟୁର ପଦା ନିକଟରେ ଥିବା କାଜୁ ଜଙ୍ଗଲ ରେ ଥାଇଥାନ କରାଗଲା। ଫଳରେ ସେମାନେ ଏହି ସମସ୍ୟା ରୁ ବଂଚିଗଲେ କ୍ଷ ଅନ୍ୟ ପଟେ ବେଳାଭୂମି ନଷ୍ଟ ହେବାଯୋଗୁଁ ଗତ ୨୦୨୧ମସିହାରେ ଋଷିକୁଲ୍ୟା ମୁହାଣ ଅଞ୍ଚଳ ବେଳାଭୂମି ରେ ବିରଳ ଅଲିଭ ରିଡେଲ ସାମୁଦ୍ରିକ କଇଁଛ ଙ୍କ ଗଣ ଅଣ୍ଡା ଦାନ ପ୍ରକ୍ରିୟା ହୋଇପାରିନଥିଲା । ଚଳିତ ବର୍ଷ ଏହି ଗଣ ଅଣ୍ଡା ଦାନ ପ୍ରକ୍ରିୟା ଠିକ ହୋଇଥିଲା । ବର୍ତ୍ତମାନ ଯେଉଁ ଭଳି ଭାବେ ବେଳାଭୂମି ଅବକ୍ଷୟ ହେଉଛି ତାହାଲେ ଗଣ ଅଣ୍ଡା ଦାନ ପ୍ରକ୍ରିୟା ବେଳେ ସମସ୍ୟା ଉପୁଜିପାରେ ଏବଂ ଏହି ସମସ୍ୟା ଲାଗି ରହିଲେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳ ସମୁଦ୍ର ଗର୍ଭ ରେ ଲୀନ ହେବାର ଆଶଙ୍କା ମଧ୍ୟ ରହିଥିବା ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## କେତନ ଅଗ୍ରୱାଲ ହତ୍ୟାକାଣ୍ଡ, ଫାଷ୍ଟ ଟ୍ରାକ କୋର୍ଟରେ ହେବ ଶୁଣାଣି ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କୁ ସାକ୍ଷାତ କଲେ କେତନଙ୍କ ବାପା



ପୁଣେ : ମହାରାଷ୍ଟ୍ର ପୁଣେ କେତନ ଅଗ୍ରୱାଲଙ୍କ ହତ୍ୟା ମାମଲାରେ କେତନଙ୍କ ବାପା ବିଶାଳ ଅଗ୍ରୱାଲ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ସହ ଦେଖା କରି ନ୍ୟାୟ ପାଇଁ ନିବେଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଦୋଷୀଙ୍କୁ କଠୋର ଦଣ୍ଡ ମିଳିବା ବୋଲି ଭରସା ଦେଇ ମାମଲାର ଶୁଣାଣି ଫାଷ୍ଟ ଟ୍ରାକ କୋର୍ଟରେ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ ସୋସିଆଲ ମିଡିଆ ପୋଷ୍ଟରେ କୁହାଯାଇଛି, ଲୋନାଭଲାର ଗ୍ରାମୀଣ ଅଞ୍ଚଳରେ କେତନ ଅଗ୍ରୱାଲଙ୍କ ଦୁଃଖଦ ହତ୍ୟା ମାମଲାରେ କେତନ ଅଗ୍ରଓ୍ବାଲଙ୍କ ବାପା ବିଶାଲ ଅଗ୍ରଓ୍ବାଲ ଆଜି ପୁଣେରେ ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କୁ ଦେଖା କରି ନିଜ ପୁଅ ପାଇଁ ନ୍ୟାୟ ଦାବି କରିଛନ୍ତି । ଆମେ ଏଥିପାଇଁ ପ୍ରତିବଦ୍ଧ । ଏହି ମାମଲାରେ ଦୋଷୀଙ୍କୁ ସବୁଠାରୁ କଡ଼ା ଦଣ୍ଡ ମିଳୁ । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ପରିବାରକୁ ନ୍ୟାୟ ଦେବାକୁ ମଧ୍ୟ ଭରସା ଦେଇଛନ୍ତି । ଏହି ମାମଲାକୁ ଫାଷ୍ଟ ଟ୍ରାକ କୋର୍ଟରେ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ନିଯୁକ୍ତ କରିବାକୁ ଦାବିକୁ ମଧ୍ୟ ମୁଖ୍ୟମନ୍ତ୍ରୀ ମାନିଛନ୍ତି । ଏହାକୁ ନେଇ ଆଇନ ବିଭାଗର ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବରିଷ୍ଠ ଓକିଲ ଉଜ୍ଜ୍ୱଳ ନିକମ ଏହି ମାମଲାରେ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଭାବେ କାମ କରିବାକୁ ସହମତି ଦେଇଛନ୍ତି । ସୂଚନାଯୋଗ୍ୟ, ମହାରାଷ୍ଟ୍ର ପୁଣେର ୨୬ ବର୍ଷୀୟ ବ୍ୟବସାୟୀ କେତନ ଅଗ୍ରୱାଲଙ୍କୁ ଜୁନ୍ ୧୮ ରେ ଲୋହାଗଡ ଦୁର୍ଗରୁ ଟ୍ରେକିଂ କରିବାକୁ ନେଇ ଠେଲିଦେଇଥିଲା ଭାବିପତ୍ନୀ ସିୟା । ପ୍ରଥମରୁ ଏହାକୁ ଅଘଟଣ ବୋଲି ସମସ୍ତେ ଭାବିଥିବା ବେଳେ, ପୋଲିସ ଯାଞ୍ଚରେ ଏହା ହତ୍ୟା ବୋଲି ଜଣାପଡିଥିଲା । ଭାବିପତ୍ନୀ ସିୟା କେତନଙ୍କୁ ପ୍ରେମିକ ଚେତନ ସହ ମିଶି ପାହାଡରୁ ଠେଲି ଦେଇଥିଲେ । ସିୟା ଏବଂ କେତନଙ୍କ ବିବାହ ନଭେମ୍ବର ୨୦୨୬ରେ ହୋଇଥାନ୍ତା । ଏଥିପାଇଁ ୧୭ କୋଟିର ପ୍ୟାଲେସ ବୁକ୍ ହୋଇଥିଲା । କିନ୍ତୁ ସିୟା ପ୍ରେମିକ ଚେତନ ସହ ମିଶି କେତନକୁ ପାହାଡରୁ ଠେଲି ଦେଇଥିଲା ।

## ଭୂକମ୍ପ ବିପର୍ଯ୍ୟୟ ସହାୟତା ପାଇଁ ପହଞ୍ଚିଲା ସେନା ମେଡିକାଲ୍ ଦଳ ଓ ୩୫ ଟନ୍ ସାମଗ୍ରୀ



ନୂଆଦିଲ୍ଲୀ: ପ୍ରଳୟଙ୍କରୀ ଭୂମିକମ୍ପରେ କ୍ଷତିଗ୍ରସ୍ତ ହୋଇଥିବା ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାକୁ ସହାୟତାର ହାତ ବଢ଼ାଇଛି ଭାରତ। ସେଠାରେ ଉଦ୍ଧାର ଓ ଜରୁରୀକାଳୀନ ଚିକିତ୍ସା କାର୍ଯ୍ୟ ପାଇଁ ଭାରତ ସରକାର 'ଅପରେସନ୍ ଅମିଷ୍ଟାଡ୍' ଆରମ୍ଭ କରିଛନ୍ତି। ଏହି ଅଭିଯାନ ଅଧୀନରେ ଭାରତୀୟ ବାୟୁସେନାର ଦୁଇଟି 'ସି-୧୭ ଗ୍ଲୋବମାଷ୍ଟର' ଭାରୀ ପରିବହନ ବିମାନ ଏକ ସେନା ମେଡିକାଲ୍ ଦଳ, ମେଡିକାଲ୍ ୟୁନିଟ୍ ଓ ୩୫ ଟନରୁ ଅଧିକ ସାହାଯ୍ୟ ସାମଗ୍ରୀ ନେଇ ଶୁକ୍ରବାର ଦିନ ଭେନେଜୁଏଲା ଅଭିମୁଖେ ଯାତ୍ରା କରିଛନ୍ତି। କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏହି ସୂଚନା ପ୍ରଦାନ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଶ୍ୱର ଯେକୌଣସି ସ୍ଥାନରେ ସହଯୋଗ କରି ପ୍ରଥମ ସହାୟତା ପ୍ରଦାନକାରୀ ଭାବେ ଭାରତ ନିଜର ସୁନାମ ବଜାୟ ରଖିଛି। ହିନ୍ଦନ ବାୟୁସେନା ଘାଟିରୁ ଯାତ୍ରା ଆରମ୍ଭ କରିଥିବା ଏହି ସାମରିକ ଦଳରେ ଭାରତୀୟ ସେନାର '୬୦ ପାରା ଫିଲ୍ଡ ହସ୍ପିଟାଲ୍'ର ୯ ଜଣ ମେଡିକାଲ ଅଫିସରଙ୍କ ସମେତ ମୋଟ ୪୧ ଜଣ ବିଶେଷଜ୍ଞ କର୍ମଚାରୀ ସାମିଲ ଅଛନ୍ତି। ଏହି ସ୍ୱତନ୍ତ୍ର ଦଳ ବିପର୍ଯ୍ୟୟ ଓ ଯୁଦ୍ଧ ସମୟରେ ଜରୁରୀକାଳୀନ ଚିକିତ୍ସା ଯୋଗାଇବାରେ ବିଶେଷ ପ୍ରଶିକ୍ଷଣ ପ୍ରାପ୍ତ। ଭେନେଜୁଏଲାରେ ପହଞ୍ଚିବା ପରେ ଏହି ଦଳ ଭୂମିକମ୍ପରେ ଭାଙ୍ଗିଯାଇଥିବା ସ୍ୱାସ୍ଥ୍ୟ ଭିତ୍ତିଭୂମି ମଧ୍ୟରେ ଅସ୍ଥାୟୀ ଚିକିତ୍ସାଳୟ ପ୍ରତିଷ୍ଠା କରିବେ ଏବଂ ଗୁରୁତର ଆହତମାନଙ୍କୁ ଆଶୁ ଚିକିତ୍ସା, ଜରୁରୀକାଳୀନ ଅସ୍ତ୍ରୋପଚାର ଓ ଜୀବନ ରକ୍ଷାକାରୀ ସେବା ଯୋଗାଇଦେବେ। ସେନା ଦଳ ନିଜ ସହ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଯୋଗାଇ ଦିଆଯାଇଥିବା ପ୍ରାୟ ୬ ଟନ୍ ଔଷଧ ଓ ଚିକିତ୍ସା ଉପକରଣ ମଧ୍ୟ ନେଇଛନ୍ତି। ଏହି ସହାୟତା ପ୍ୟାକେଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ 'ଭୀଷ୍ମ କ୍ୟୁବ୍'।

ଏହା ଭାରତର ଆରୋଗ୍ୟ ମୈତ୍ରୀ ପ୍ରକଳ୍ପ ଅଧୀନରେ ବିକଶିତ ଏକ ମଡ୍ୟୁଲାର୍ ମେଡିକାଲ ସେଣ୍ଟର, ଯାହାକୁ ଖୁବ୍ କମ୍ ସମୟ ମଧ୍ୟରେ ଯେକୌଣସି ସ୍ଥାନକୁ ନିଆଯାଇ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଫିଲ୍ଡ ହସ୍ପିଟାଲରେ ପରିଣତ କରାଯାଇପାରିବ। ଭାରତ ଏଭଳି ଦୁଇଟି 'ଭୀଷ୍ମ କ୍ୟୁବ୍' ପଠାଇଛି। ଏଥିରେ ପୋର୍ଟେବଲ୍ ଭେଣ୍ଟିଲେଟର, ରୋଗୀ ମନିଟର, ଅକ୍ସିଜେନ୍ ସପ୍ଲାଇ ଏବଂ ନିଜସ୍ୱ ସ୍ୱାଧୀନ ବିଦ୍ୟୁତ ଶକ୍ତି ବ୍ୟବସ୍ଥା ରହିଛି, ଯାହା ହସ୍ପିଟାଲ ନଥିବା ଅଞ୍ଚଳରେ ମଧ୍ୟ ଏକ ସଙ୍ଗେ ୨୦୦ ଗୁରୁତର ରୋଗୀଙ୍କୁ ଆଇସିୟୁ ଓ ଟ୍ରମା କେୟାର୍ ସେବା ଯୋଗାଇବାରେ ସକ୍ଷମ। ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଭେନେଜୁଏଲାର ଜନସାଧାରଣଙ୍କ ସହ ଭାରତ ସର୍ବଦା ରହିଛି ବୋଲି ଦୋହରାଇବା ସହ ଆଗାମୀ ଦିନରେ ମଧ୍ୟ ଏହି ମାନବୀୟ ସହାୟତା ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଅପରେସନ ସିନ୍ଦୂରରେ ସହିଦ ହୋଇଥିବା ୬ ଯବାନଙ୍କ ନାଁ ସାର୍ବଜନୀନ

ନୂଆଦିଲ୍ଲୀ : ଅପରେସନ ସିନ୍ଦୂରରେ ସହିଦ ହୋଇଥିବା ୬ ଯବାନଙ୍କ ନାଁ ପ୍ରଥମ ଥର ସାର୍ବଜନୀନ ଭାବେ ଜାରି ହୋଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ୬ଜଣ ସହିଦଙ୍କ ନାଁ ବିଧିବଦ୍ଧ ଭାବେ ସାର୍ବଜନୀନ କରାଯାଇଛି । ୬ ସହିଦ ବୀରଙ୍କ ନାଁ ନୂଆଦିଲ୍ଲୀର ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀର ରୋଲ୍ ଅଫ୍ ଅନରରେ ସ୍ଥାନ ପାଇଛି । ୬ ଜଣ ବୀର ସହିଦ ହେଉଛନ୍ତି ସୁବେଦାର ମେଜର ପବନ କୁମାର, ରାଇଫଲମ୍ୟାନ୍ ସୁନୀଲ କୁମାର, ଲାନ୍ସ ନାୟକ ଦିନେଶ କୁମାର, ଅଗ୍ନିବୀର ଏମ. ମୁରଲୀ ନାୟକ, ହାବିଲଦାର ସୁନୀଲ କୁମାର ସିଂ ଓ ସର୍ଜେଣ୍ଟ ସୁରେନ୍ଦ୍ର କୁମାର । ୨୦୨୫ ମେରେ ଭାରତୀୟ ସେନାର ଅପରେସନ ସିନ୍ଦୂରରେ ମୃତାହତଙ୍କ ସଂଖ୍ୟାକୁ ନେଇ ପୂର୍ବରୁ କେବଳ ଚର୍ଚ୍ଚା ଲାଗି ରହିଥିଲା । ଯୁଦ୍ଧ ସ୍ମାରକୀରେ ନାମ ଖୋଦିତ ହେବା ପରେ ସରକାର ପ୍ରଥମ ଥର ପାଇଁ ଏହାକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରିଛନ୍ତି । ଏହି ଅପରେସନରେ ଅସାଧାରଣ ବୀରତ୍ୱ ପାଇଁ ରାଇଫଲମ୍ୟାନ୍ ସୁନୀଲ କୁମାରଙ୍କୁ ମରଣୋତ୍ତର ଭାବେ ଭାରତର ତୃତୀୟ ସର୍ବୋଚ୍ଚ ସାମରିକ ସମ୍ମାନ 'ବୀର ଚକ୍ର' ଏବଂ ସର୍ଜେଣ୍ଟ ସୁରେନ୍ଦ୍ର କୁମାରଙ୍କୁ 'ବାୟୁ ସେନା ମେଡାଲ' ରେ ସମ୍ମାନିତ କରାଯାଇଛି । ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ପାକିସ୍ତାନ ସୀମା ଭିତରେ ଥିବା ଆତଙ୍କବାଦୀ କ୍ୟାମ୍ପ ଗୁଡ଼ିକୁ ଧ୍ୱଂସ କରିବା ପାଇଁ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ୪ ଦିନ ଧରି ଚାଲିଥିବା ସଂଘର୍ଷରେ ସେନାର ଯବାନଙ୍କ ହତାହତ ଖବରକୁ ନେଇ ଚର୍ଚ୍ଚା ଚାଲିଥିଲା । ଏବେ ସରକାର ଅଫିସିଆଲ ଭାବେ ଖୁଲାସା କରିଛନ୍ତି । ସୂଚନାଯୋଗ୍ୟ, ଅପରେସନ ସିନ୍ଦୂର ମଇ ୭ ତାରିଖ ୨୦୨୫ ସକାଳେ ଆରମ୍ଭ ହୋଇଥିଲା । ୨୨ ଏପ୍ରିଲରେ ପହଲଗାମ ଆତଙ୍କୀ ଆକ୍ରମଣର ଦୁଇସପ୍ତାହ ପରେ ଆରମ୍ଭ ହୋଇଥିଲା ଅପରେସନ ସିନ୍ଦୂର । ଏହି ଆକ୍ରମଣରେ ୨୬ ଜଣ ନୀରିହ ନାଗରିକ ପ୍ରାଣ ହରାଇଥିଲେ । ଏହାପରେ ପ୍ରତିଶୋଧ ନେବା ପାଇଁ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା ।

## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ପ୍ୟାରିସ୍‌ରେ ଗଲାଣି ୪୦ରୁ ଅଧିକ ଜୀବନ



ପ୍ୟାରିସ୍: ସମଗ୍ର ୟୁରୋପ ମହାଦେଶକୁ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କବଳିତ କରି ରଖିଥିବା ବେଳେ ଏଥିରେ ସବୁଠାରୁ ଅଧିକ ସଂକଟଜନକ ସ୍ଥିତି ଉପୁଜିଛି ଫ୍ରାନ୍ସରେ। ଦେଶରେ ଜାରି ରହିଥିବା ଏହି ଅଭୂତପୂର୍ବ ପାଣିପାଗ ବିପର୍ଯ୍ୟୟ ଯୋଗୁଁ ବର୍ତ୍ତମାନ ସୁଦ୍ଧା ୪୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇସାରିଛି। ଗରମରୁ ରକ୍ଷା ପାଇବା ପାଇଁ ଅଣ-ସୁରକ୍ଷିତ ନଦୀ, ହ୍ରଦ ଓ କେନାଲକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ପ୍ରାଣ ହରାଇଥିବା ନେଇ ମଧ୍ୟ ଡଜନରୁ ଅଧିକ ମାମଲା ସାମ୍ନାକୁ ଆସିଛି। ଏହି ପ୍ରାଣଘାତୀ ସ୍ଥିତିକୁ ଦୃଷ୍ଟିରେ ରଖି ଜାତୀୟ ପାଣିପାଗ ସଂସ୍ଥା ''ମେଟିଓ-ଫ୍ରାନ୍ସ'' ପକ୍ଷରୁ ଦେଶର ଅର୍ଦ୍ଧେକରୁ ଅଧିକ ଭାଗରେ ସର୍ବୋଚ୍ଚ ସ୍ତରର ''ରେଡ୍ ଆଲର୍ଟ'' ଜାରି କରାଯାଇଛି ଏବଂ ବିଶେଷ କରି ଶିଶୁ, ବୃଦ୍ଧ ଓ ଅସୁସ୍ଥ ଲୋକମାନଙ୍କୁ ସତର୍କ ରହିବାକୁ ଅନୁରୋଧ କରାଯାଇଛି।

ରାଜଧାନୀ ପ୍ୟାରିସ୍ ସମେତ ସମଗ୍ର ଫ୍ରାନ୍ସରେ ତାପମାତ୍ରା ସମସ୍ତ ପୂର୍ବ ରେକର୍ଡକୁ ଭାଙ୍ଗିଦେଇଛି। ଚଳିତ ସପ୍ତାହରେ ପ୍ୟାରିସରେ ଯେତିକି ଦିନ ପାରଦ ୪୦ ଡିଗ୍ରୀ ସେଲସିୟସରୁ ଉପରେ ରହିଛି, ତାହା ଗତ ୧୪୭ ବର୍ଷର ଇତିହାସରେ କେବେ ଦେଖାଯାଇନଥିଲା। ଦେଶର ଜାତୀୟ ହାରାହାରି ତାପମାତ୍ରା ୨୯.୮ ଡିଗ୍ରୀ ସେଲସିୟସରେ ପହଞ୍ଚି ନୂଆ ରେକର୍ଡ ସୃଷ୍ଟି କରିଥିବା ବେଳେ ଦକ୍ଷିଣ-ପଶ୍ଚିମାଞ୍ଚଳର ପିସୋସ୍ ଠାରେ ଚଳିତ ଋତୁର ସର୍ବାଧିକ ତାପମାତ୍ରା ୪୪.୩ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ପାରମ୍ପରିକ ଭାବେ ୟୁରୋପରେ ଶୀତଳ ପାଣିପାଗ ରହୁଥିବାରୁ ଏଠାକାର ଅଧିକାଂଶ ଘରଗୁଡ଼ିକରେ ଏୟାର କଣ୍ଡିସନର (ଏସି) ର ବ୍ୟବସ୍ଥା ନାହିଁ, ଯାହାଫଳରେ ଗ୍ରୀଷ୍ମର ପ୍ରକୋପ ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି। କେବଳ ଫ୍ରାନ୍ସ ନୁହେଁ, ବ୍ରିଟେନରେ ମଧ୍ୟ ଇତିହାସର ସବୁଠାରୁ ଗରମ ଜୁନ୍ ମାସ ଅନୁଭୂତ ହୋଇଥିବା ବେଳେ ସ୍ପେନ୍ ଓ ଇଟାଲୀରେ ମଧ୍ୟ ସରକାର ସତର୍କ ସୂଚନା ଜାରି କରିଛନ୍ତି। ଏହି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ୨୦୦୩ ମସିହାରେ ହୋଇଥିବା ସେହି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ସ୍ମୃତିକୁ ତାଜା କରିଦେଇଛି, ଯେଉଁଥିରେ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ। ଜୁନ୍ ମାସ ଅର୍ଥାତ୍ ଗ୍ରୀଷ୍ମ ଋତୁର ଆରମ୍ଭରୁ ହିଁ ଏଭଳି ଚରମ ପାଣିପାଗ ପରିସ୍ଥିତି ସୃଷ୍ଟି ହେବା ମାନବ-କୃତ ଜଳବାୟୁ ପରିବର୍ତ୍ତନର ସ୍ପଷ୍ଟ ସଙ୍କେତ ଏବଂ ଆଗାମୀ ଦିନରେ ଏହି ସମସ୍ୟା ଆହୁରି ଦୀର୍ଘସ୍ଥାୟୀ ଓ ଭୟଙ୍କର ରୂପ ଧାରଣ କରିବ ବୋଲି ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି।

## ରାମ ମନ୍ଦିର ଦାନଅର୍ଥ ଚୋରି ମାମଲା, ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଏବଂ ଅନିଲ ମିଶ୍ରା ଦେଲେ ଇସ୍ତଫା



ଅଯୋଧ୍ୟା : ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଇସ୍ତଫା ଦେଇଛନ୍ତି । ଅଯୋଧ୍ୟା ରାମ ମନ୍ଦିର ଦାନଅର୍ଥ ଚୋରି ମାମଲାକୁ ନେଇ ଇସ୍ତଫା ଦେବାକୁ ତାଙ୍କ ଉପରେ ଚାପ ପଡୁଥିଲା । କେବଳ ଚମ୍ପତ ରାୟ ନୁହେଁ ଟ୍ରଷ୍ଟର ସଦସ୍ୟ ଅନିଲ ମିଶ୍ରା ମଧ୍ୟ ଇସ୍ତଫା ଦେଇଛନ୍ତି । ରାମ ଜନ୍ମଭୂମି ଟ୍ରଷ୍ଟର ଦୁଇ ଜଣ ସଦସ୍ୟ ଚମ୍ପତ ରାୟ ଏବଂ ଅନିଲ ମିଶ୍ରା ଇସ୍ତଫା ଦେଇଛନ୍ତି । ଏସଆଇଟିର ତଦନ୍ତ ରିପୋର୍ଟ ପରେ ଉଭୟ ଇସ୍ତଫା ଦେଇଛନ୍ତି । ଏସଆଇଟିର ସୁପାରିଶ କ୍ରମେ ଘଟଣାରେ ପୂର୍ବରୁ ଏଫଆଇଆର ରୁଜୁ ହୋଇ ସାରିଛି । ଏସଆଇଟି ରିପୋର୍ଟ ଆଧାରରେ ଏଫଆଇଆର ଦାୟର ହୋଇ ମାମଲାର ଯାଞ୍ଚ ଲଗାତାର କରାଯାଉଛି । ରାମ ମନ୍ଦିରକୁ ଦାନ କରାଯାଇଥିବା ଅର୍ଥ ଏବଂ ଅନେକ ଅଳଙ୍କାର ଚୋରି ଅଭିଯୋଗରେ ପୂର୍ବରୁ ପୋଲିସ ଆକ୍ସନ ନେଇଛି । ଏହି ମାମଲାରେ ୮ଜଣଙ୍କୁ ଏବେ ସୁଦ୍ଧା ଗିରଫ କରାଯାଇଛି । ଚୋରି ମାମଲାରେ ଗିରଫ ହୋଇଥିବା ୮ ଜଣ ଅଭିଯୁକ୍ତଙ୍କ ମଧ୍ୟରେ ରମାକାନ୍ତ ଓରଫ ଟିନୁ ଯାଦବ, ସୁଭାଷ ଶ୍ରୀବାସ୍ତବ, ଅନୁକଳ୍ପ ମିଶ୍ର, ଲାଭକୁଶ ମିଶ୍ର, ଅଭିନାଶ ଶୁକ୍ଲା, କରୁଣେଶ ପାଣ୍ଡେ, ମନୀଷ ଯାଦବ ଏବଂ ରମାଶଙ୍କର ମିଶ୍ର ସାମିଲ ଅଛନ୍ତି । ଘଟଣାର ତଦନ୍ତ ବି ଚାଲିଛି । ଏହି ମାମଲାକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ କହିଥିଲେ, ଜନତାଙ୍କ ଆସ୍ଥା ସହିତ ଖେଳୁଥିବା ଲୋକଙ୍କୁ କୌଣସି ପରିସ୍ଥିତିରେ ବି ଛଡ଼ାଯିବନି । ଏଥିସହ ଅଯୋଧ୍ୟା ଉପରେ ଆକ୍ଷେପ ନକରିବାକୁ ସେ ବିରୋଧୀଙ୍କୁ ଚେତାବନୀ ଦେଇଛନ୍ତି । ଏସଆଇଟି ରିପୋର୍ଟ ଆସିବା ମାତ୍ରେ ହିଁ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଏବଂ ଯେଉଁମାନେ ଏହାକୁ ନେଇ ପ୍ରଶ୍ନ ଉଠାଉଛନ୍ତି ସେମାନଙ୍କ ମନସ୍କାମନା ଠିକ୍ ନୁହେଁ ବୋଲି ଯୋଗୀ କହିଛନ୍ତି । ପୂର୍ବରୁ ଉତ୍ତର ପ୍ରଦେଶ ସରକାର ଘଟଣାକୁ ଗୁରୁତର କହିବା ସହ ଦୋଷୀଙ୍କୁ ଛଡାଯିବ ନାହିଁ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ତଦନ୍ତ ସଙ୍କେତ ଦେଇଥିଲେ । ଅନିୟମିତତା ଧରା ପଡିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଥିଲେ ।

## କୋଲକାତା ଗୋଦାମଘର ଭୁଶୁଡ଼ିବା ମାମଲାରେ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି

କୋଲକାତା: କୋଲକାତା ଗୋଦାମ ଘର ଭୁଶୁଡ଼ିବା ମାମଲାରେ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଉଦ୍ଧାରକାରୀ ଦଳ ଶୁକ୍ରବାର ଭଗ୍ନାବଶେଷ ତଳୁ ଆଉ ୨ଟି ମର ଶରୀର ଉଦ୍ଧାର କରିଛନ୍ତି ଏବଂ ଅନ୍ୟ ୨ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲ୍‌ରେ ମୃତ୍ୟୁ ହୋଇଯାଇଛି । ସେନା, କୋଲକାତା ପୁଲିସ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଗୋଷ୍ଠୀର ସଦସ୍ୟମାନେ ଶୁକ୍ରବାର ସକା ?ଳେ ଭଗ୍ନାବଶେଷ ତଳେ ସର୍ଚ୍ଚ୍ ଅପରେସନ୍ କରିବା ପରେ ୨ ଜଣଙ୍କ ମୃତ ଦେହ ପାଇଥିଲେ। ଗୁରୁବାର ରାତିରେ ଅନ୍ୟ ୨ଟି ମୃତଦେହ ମିଳିଥିଲା। ତେବେ ସେମାନଙ୍କ ପରିଚୟ ଜଣାପଡ଼ିନି। ସେହିପରି ଶୁକ୍ରବାର ସକାଳେ ରାଜ୍ୟ ପରିଚାଳିତ ଏସଏସକେଏମ୍ ହସ୍ପିଟାଲରେ ମନ୍ନୁ କୁମାର ଏବଂ ସାହିଲ ସର୍ଦ୍ଦାରଙ୍କ ମୃତ୍ୟୁ ହେବା ପରେ ଏହି ଘଟଣାରେ ମୃତ୍ୟୁସଂଖ୍ୟା ୧୫ରେ ପହଞ୍ଚିଛି। ୧୯ ବର୍ଷୀୟ ମନ୍ନୁ କୁମାର ହେଉଛନ୍ତି ବିହାର ମୁଙ୍ଗେର ଜିଲ୍ଲାର ଜଣେ ବାସିନ୍ଦା। ତାଙ୍କୁ ଜୁନ୍ ୨୪ ତାରିଖରେ ଭଗ୍ନାବଶେଷ ତଳୁ ଉଦ୍ଧାର କରାଯାଇଥିଲା। ଗୁରୁବାର ରାତିରେ ତାଙ୍କର ଏକ ଅପରେସନ୍ କରାଯାଇଥିଲା । ଡାକ୍ତରୀ ଦଳଙ୍କର ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ମନ୍ନୁ କୁମାରଙ୍କର ମୃତ୍ୟୁ ହୋଇଯାଇଛି। କୁମାରଙ୍କ ଭାଇ ଘି କୁମାରଙ୍କର ଏହି ଦୁର୍ଘଟଣାରେ ମୃତ୍ୟୁ ହୋଇଛି ଏବଂ ବାପା ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଅଧିକାରୀଙ୍କ ଅନୁଯାୟୀ ୧୮ ଆହତ ଏସଏସକେଏମ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଆହୁରି ଅନେକ ଲୋକ ଏବେ ବି ଭଗ୍ନାବଶେଷ ତଳେ ଫସି ରହିଥିବା ସନ୍ଦେହ କରାଯାଉଛି ଏବଂ ଉଦ୍ଧାର କାର୍ଯ୍ୟ ଏବେ ବି ଜାରି ରହିଛି।

## ଟ୍ରକ୍-ଯାତ୍ରୀବାହୀ ଗାଡ଼ି ମଧ୍ୟରେ ଧକ୍କା, ୭ ମୃତ

ଝାଡ଼ଖଣ୍ଡ : ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ଏକ ଟ୍ରକ୍ ଏବଂ ଯାତ୍ରୀବାହୀ ଗାଡ଼ି ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ସୂଚନାନୁଯାୟୀ, ଗତକାଲି ରାତି ପ୍ରାୟ ୧୨ଟା ସମୟରେ ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲାରେ ରାଜରପ୍ପା ଥାନା ଅଞ୍ଚଳରେ ଲାରି ର ରାମଗଡ଼-ବୋକାରୋ ରାସ୍ତାରେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ସମୟରେ ଗାଡ଼ିରେ ତାଶା ପାର୍ଟିର ୮ ଜଣ ସଦସ୍ୟ ଯାତ୍ରା କରୁଥିଲେ । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ ରାମଗଡ଼ ସଦର ହସ୍ପିଟାଲକୁ ନିଆଯାଇଥିଲା ଏବଂ ସେଠାରେ ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି । ଏଥିସହ ମୃତକଙ୍କ ମୃତଦେହ ପୋଷ୍ଟମର୍ଟମ ପାଇଁ ସଂରକ୍ଷିତ ରଖାଯାଇଛି ।

## ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ ୱେରେ ଡବଲ ଡେକର ବସ୍ ଦୁର୍ଘଟଣା, ୨ ମୃତ, ୨୪ରୁ ଅଧିକ ଆହତ

ଫିରୋଜାବାଦ : ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ ୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ମୃତ ଏବଂ ଅନେକ ଆହତ ହୋଇଥିବା ସୂଚନା ମିଳିଛି । ଗୋରଖପୁରରୁ ଚଣ୍ଡୀଗଡ ଯାଉଥିବା ଡବଲ ଡେକର ସ୍ଲିପର ବସ୍ ଫିରୋଜାବାଦ ଜିଲ୍ଲାର ନଗଲା ଖଙ୍ଗର ଥାନା ଅର୍ନ୍ତଗତ ଅଞ୍ଚଳରେ ଆଗରେ ଯାଉଥିବା ଟ୍ରେଲରକୁ ଧକ୍କା ଦେଇଥିଲା । ପ୍ରାରମ୍ଭିକ ଯାଞ୍ଚରୁ ଦୁର୍ଘଟଣା ଗାଡ଼ି ଚାଳକଙ୍କୁ ନିଦ ଲାଗି ଯୋଗୁଁ ହୋଇଥିବା ଜଣାପଡିଛି । ଦୁର୍ଘଟଣା ପରେ ପୋଲିସ ଏବଂ ଆମ୍ବୁଲାନ୍ସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ଖବର ମୁତାବକ, ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଗୋରଖପୁରରୁ ଚଣ୍ଡୀଗଡ ଯାଉଥିବା ଡବଲ ଡେକର ବସ୍ ଆଗରେ ଯାଉଥିବା ଟ୍ରେଲର ସହିତ ଧକ୍କା ହୋଇଥିଲା । ଦୁର୍ଘଟଣା ପରେ ବସରେ ଥିବା ଯାତ୍ରୀ ଚିତ୍କାର କରିଥିଲେ । ବସର ଉପର ଭାଗ କ୍ଷତିଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ବିଷୟରେ ଖବର ପାଇଁ ପୋଲିସ, ଆମ୍ବୁଲାନ୍ସ ଏବଂ ଉଦ୍ଧାରକାରୀ ଟିମ୍ ପହଞ୍ଚି ଆହତଙ୍କୁ ହସପିଟାଲରେ ଭର୍ତ୍ତି କରିଥିଲା । ଘଟଣା ସ୍ଥଳରେ ୨ ଜଣଙ୍କ ଜୀବନ ଚାଲିଯାଇଥିଲା । ବସରେ ୬୦ରୁ ଅଧିକ ଯାତ୍ରୀ ରହିଥିଲେ । ଘଟଣାରେ ୨୪ରୁ ଅଧିକ ଆହତ ହୋଇଥିବା ଖବର ମିଳିଛି । ସମସ୍ତ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ଶିକୋହାବାଦ ହସପିଟାଲକୁ ପଠାଯାଇଛି । ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡିଛି କି, ବସ୍ ଅଧିକ ଦୂର ଯାତ୍ରା କରିବା ଯୋଗୁଁ ବସ୍ ଡ୍ରାଇଭରଙ୍କୁ ନିଜ ଲାଗିବା ଯୋଗୁଁ ଦୁର୍ଘଟଣା ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । ସେଥିପାଇଁ ବସ୍ ଅନିୟନ୍ତ୍ରିତ ହୋଇ ଟ୍ରେଲର ସହିତ ଧକ୍କା ହୋଇଥିବା ଜଣାପଡିଛି । ତେବେ ପୋଲିସ ଘଟଣାର ଯାଞ୍ଚ କରି ଦୁର୍ଘଟଣାର ବାସ୍ତବିକ କାରଣ ଖୋଜୁଛି ।

## ଡେନମାର୍କରେ ଆଜାନ ଉପରେ ଦେଶବ୍ୟାପୀ ପ୍ରତିବନ୍ଧ ପାଇଁ ପୁଣି ଚର୍ଚ୍ଚା



ଡେନମାର୍କ : ଡେନମାର୍କରେ ବଢୁଥିବା 'ଇସଲାମୀକରଣ' ଉପରେ ଚିନ୍ତା ପ୍ରକଟ କରି ସେଠାକାର ସରକାର ଦେଶବ୍ୟାପୀ ଇସଲାମିକ 'ଆଜାନ' (ନମାଜ ପାଇଁ ସାର୍ବଜନୀନ ଡାକ) ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ପୁନର୍ବାର ଯୋଜନା କରୁଛି ବୋଲି 'ଡେଲି ମେଲ୍ ?' ଏହାର ଏକ ରିପୋର୍ଟରେ ପ୍ରକାଶ କରିଛି। ଡେନମାର୍କରେ ମୁସଲିମ୍ ?ଙ୍କ ସଂଖ୍ୟା ଦେଶର ଜନସଂଖ୍ୟାର ୫ % ହୋଇଥିବାବେଳେ ଇସଲାମ ଡେନମାର୍କରେ ସବୁଠୁ ବଡ଼ ସଂଖ୍ୟାଲଘୁ ସମ୍ପ୍ରଦାୟ। ଡେନମାର୍କର କଠୋରପନ୍ଥୀ ଇମିଗ୍ରେସନ ମନ୍ତ୍ରୀ ମୋର୍ଟେନ ବୋଡସ୍କୋଭ ଘୋଷଣା କରିଛନ୍ତି ଯେ, ଡେନମାର୍କ ଇସଲାମାବାଦର ଏକ ଉପନଗର ପରି ଅନୁଭବ ହେଉଛି। ଡେନମାର୍କରେ ବଢୁଥିବା ଇସଲାମୀକରଣ ସାର୍ବଜନୀନ ଜୀବନରେ ଅତ୍ୟଧିକ ସ୍ଥାନ ନେଉଛି। ସେ କହିଥିଲେ ଯେ, ଡେନମାର୍କ ଛାତ ଉପରେ ପ୍ରାର୍ଥନା ପାଇଁ ଆଜାନ ଶୁଣାଯିବା ଉଚିତ୍ ନୁହେଁ। ସେ ଏହା ମଧ୍ୟ କହିଛନ୍ତି ଯେ ଦେଶର କିଛି ଅଂଶରେ ପରିବେଶ ଏପରି ହେବା ଉଚିତ୍ ନୁହେଁ ଯେ, ଲୋକମାନେ ଅନୁଭବ କରିବେ ଯେ ସେମାନେ ଇସଲାମାବାଦର କୌଣସି ସ୍ଥାନକୁ ଆସିଯାଇଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଡେନମାର୍କ ସାର୍ବଜନୀନ ସ୍ଥାନରେ ଇସଲାମିକ ପ୍ରଥା ଅନୁଯାୟୀ ପୂର୍ଣ୍ଣ ମୁହଁ ଘୋଡ଼ାଇ ରଖିବାକୁ ନିଷେଧ କରିବା ପାଇଁ ଏକ ଆଇନ ପ୍ରଣୟନ କରିଥିଲା। ସରକାର ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରାର୍ଥନା କୋଠରୀଗୁଡ଼ିକୁ ହଟାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

ମୋର୍ଟେନ ବୋଡସ୍କୋଭ କହିଥିଲେ ଯେ, ଡେନମାର୍କରେ ଆଜାନ ଭଳି ଅଭ୍ୟାସର କୌଣସି ସ୍ଥାନ ନାହିଁ। ଡେନମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକସନ୍ ?ଙ୍କ ନେତୃତ୍ୱରେ ୟୁରୋପର ସବୁଠୁ କଠୋର ପ୍ରବାସୀ ନୀତି ଅନୁସରଣ କରୁଛି। ତେବେ ସର୍ବସାଧାରଣରେ ଆଜାନ ବନ୍ଦ କରିବା ପ୍ରସ୍ତାବ ନୂଆ ନୁହେଁ। ଡେନମାର୍କରେ ଏହାପୂର୍ବରୁ ୨୦୨୦ ଓ ୨୦୨୫ ରେ ସାର୍ବଜନୀନ ସ୍ଥାନରେ ଆଜାନକୁ ନିଷେଧ କରିବା ପାଇଁ ଏକ ଆଇନ ପ୍ରଣୟନ କରିବାକୁ ଚେଷ୍ଟା କରିଥିଲା। ତଥାପି ପ୍ରସ୍ତାବଟି କେବେ ସଂସଦ ପର୍ଯ୍ୟାୟକୁ ଯାଇ ନଥିଲା। ଡେନମାର୍କର କିଛି ଅଞ୍ଚଳରେ ପୂର୍ବରୁ ସାର୍ବଜନୀନ ପ୍ରାର୍ଥନା ଉପରେ କଟକଣା ରହିଛି। ରାଜଧାନୀ କୋପେନହେଗେନରେ କଠୋର ଶବ୍ଦ ନିୟମ ଯୋଗୁଁ ମସଜିଦଗୁଡ଼ିକରେ ଡାକବାଜି ଯନ୍ତ୍ର ବ୍ୟବହାର କରି ପ୍ରାର୍ଥନା ପାଇଁ ଆଜାନ ପ୍ରସାରଣ କରିବାକୁ ଅନୁମତି ନାହିଁ। କୋପେନହେଗେନର ଗ୍ରାଣ୍ଡ ମସଜିଦ ମଧ୍ୟ ଲାଉଡସ୍ପିକର ବ୍ୟବହାର କରି ପ୍ରାର୍ଥନା ପାଇଁ ଆଜାନକୁ ନିଷେଧ କରିଛି। ତଥାପି ଏକ ଧାର୍ମିକ ଅଭ୍ୟାସ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯିବାକୁ ନେଇ ଆଇନଗତ ଚ୍ୟାଲେଞ୍ଜ ଆସିବାର ଆଶଙ୍କା ରହିଛି।

# ଫିଫା ବିଶ୍ୱକପରେ ବଡ଼ ବିପର୍ଯ୍ୟୟ: ୪ଥର ଚାମ୍ପିଅନ୍ ଜର୍ମାନୀକୁ ପରାସ୍ତ କଲା ଇକ୍ୱେଡର

ନ୍ୟୁୟର୍କ,୨୬।୬: ଫୁଟବଲ୍ ଇତିହାସର ସବୁଠାରୁ ବଡ଼ ବିପର୍ଯ୍ୟୟ ହାସଲ କରି ଇକ୍ୱେଡର ଫିଫା ବିଶ୍ୱକପ୍ ୨୦୨୬ର ନକଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ନ୍ୟୁୟର୍କରେ ଖେଳାଯାଇଥିବା ଏକ ରୋମାଞ୍ଚକର ଗ୍ରୁପ୍-ଇ ମ୍ୟାଚ୍‌ରେ ଇକ୍ୱେଡର ଚାରିଥର ଚାମ୍ପିଅନ୍ ଜର୍ମାନୀକୁ ୨-୧ ଗୋଲରେ ପରାସ୍ତ କରିଛନ୍ତି। ଏହି ଐତିହାସିକ ସଫଳତା ପରେ ସାରା ଦେଶରେ ଉତ୍ସବ ଆରମ୍ଭ ହୋଇଥିଲା। ଦେଶର ଐତିହାସିକ ସଫଳତାରେ ଗର୍ବ ପ୍ରକାଶ କରି ରାଷ୍ଟ୍ରପତି ଡାନିଏଲ୍ ନୋବୋଆ ଶୁକ୍ରବାର ଜାତୀୟ ଛୁଟି ଘୋଷଣା କରିଛନ୍ତି।

ଏହି ମ୍ୟାଚ୍ ପୂର୍ବରୁ ଇକ୍ୱେଡରର ପଥ ଅତ୍ୟନ୍ତ କଷ୍ଟକର ବୋଲି ବିବେଚନା କରାଯାଉଥିଲା। କାରଣ ସେ ଆଇଭରି କୋଷ୍ଟଠାରୁ ୧-୦ ପରାଜୟ ଏବଂ କୁରାକାଓ ବିପକ୍ଷରେ ଗୋଲଶୂନ୍ୟ ଡ୍ର'ର ଶିକାର ହୋଇଥିଲେ। ଏକ ଶକ୍ତିଶାଳୀ ଜର୍ମାନୀ ବିପକ୍ଷରେ ଦଳକୁ କମ୍ ଆକଳନ କରାଯାଇଥିଲା। କିନ୍ତୁ ମୁଖ୍ୟ ପ୍ରଶିକ୍ଷକ ସେବାଷ୍ଟିଆନ୍ ବେକାସେଙ୍କ ମାର୍ଗଦର୍ଶନରେ, ଖେଳାଳିମାନେ ସମାଲୋଚନା ଏବଂ ଖରାପ ଫର୍ମର ଚାପକୁ ଅତିକ୍ରମ କରି ପଡ଼ିଆରେ ଚମତ୍କାର ପ୍ରଦର୍ଶନ କରିଥିଲେ।

ମ୍ୟାଚ୍ ଜର୍ମାନୀ ସପକ୍ଷରେ ଆରମ୍ଭ ହୋଇଥିଲା। ଲେରୟ ସାନେ ଫ୍ଲୋରିଆନ ୱିର୍ଟଜଙ୍କ ପାସରୁ ଏକ ଚମତ୍କାର ଫିନିସ୍ ପ୍ରଦାନ କରି ଜର୍ମାନୀକୁ ପ୍ରାରମ୍ଭିକ ୧-୦ ଅଗ୍ରଣୀ ଦେଇଥିଲେ। ଗୋଲଟି କିଛି ବିବାଦର ସମ୍ମୁଖୀନ ହୋଇଥିଲା। କାରଣ ଇକ୍ୱେଡର ଖେଳାଳିମାନେ ଦାବି କରିଥିଲେ ଯେ ବିଲ୍ଡ-ଅପ୍ ସମୟରେ ଆଲେକଜାଣ୍ଡାର ପାଭଲୋଭିକ୍‌ଙ୍କ ପାଦ



ପେଡ୍ରୋ ଭିଟ୍ ଉପରେ ବହୁତ ଉପରକୁ ପଡ଼ିଥିଲା, ଯାହା ଏକ ଫାଉଲ୍ ଥିଲା। ଏହି ପ୍ରାରମ୍ଭିକ ବିପର୍ଯ୍ୟୟରୁ ଭୁଶୁଡ଼ି ପଡ଼ିବା ପରିବର୍ତ୍ତ, ଇକ୍ୱେଡର ଏହାର ଆକ୍ରମଣାତ୍ମକତା ବୃଦ୍ଧି କରିଥିଲା। ମାତ୍ର ନବମ ମିନିଟରେ ନିଲସନ ଆଙ୍ଗୁଲୋ ମଧ୍ୟକ୍ଷେତ୍ରରୁ ଏକ ପାସର ସୁଯୋଗ ନେଇ କିମ୍ବଦନ୍ତୀ ଗୋଲକିପର ମାନୁଏଲ୍ ନ୍ୟୁୟରଙ୍କ ନିକଟରୁ ଏକ ଶକ୍ତିଶାଳୀ ଦୂରଗାମୀ ସଟ୍ ମାରି ସ୍କୋରକୁ ୧-୧ ସମାନ କରିଥିଲେ।ମ୍ୟାଚ୍‌ର ନିର୍ଣ୍ଣାୟକ ମୁହୂର୍ତ୍ତ ୭୭ତମ ମିନିଟରେ ଆସିଥିଲା, ଯେତେବେଳେ କେଭିନ୍ ରୋଡ୍ରିଗେଜ୍ ଡାହାଣ ପାର୍ଶ୍ୱରୁ କର୍ଣ୍ଣର କିକ୍‌ରୁ ଏକ ଚମତ୍କାର ହେଡର୍ ସହିତ ଗୋଲପୋଷ୍ଟ ସାମ୍ନାରେ ବଲ୍‌କୁ ଫ୍ଲିକ୍ କରିଥିଲେ। ପ୍ରସ୍ତୁତ ଗୋଞ୍ଜାଲୋ ପ୍ଲାଟା ଶୀଘ୍ର ବଲ୍‌କୁ ନେଟ୍‌ରେ ପ୍ରବେଶ କରାଇ ସ୍କୋରକୁ ୨-୧ କରିଥିଲେ। ଜର୍ମାନୀ ଇଞ୍ଜୁରୀ ସମୟର ଶେଷ ସାତ ମିନିଟ୍‌ରେ ସମାନ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ଇକ୍ୱେଡର୍‌ର ପ୍ରତିରକ୍ଷା ଦୃଢ଼ ଭାବରେ ରହିଲା ଏବଂ ସେମାନଙ୍କର ଅଗ୍ରଣୀ ବଜାୟ ରଖିଲା। ଏହି ଐତିହାସିକ ବିଜୟ ଇକ୍ୱେଡର୍‌ର ଫୁଟବଲ୍ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଏହା କେବଳ ଦ୍ୱିତୀୟ ଥର ପାଇଁ ଇକ୍ୱେଡର୍ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିଛି, ପୂର୍ବରୁ ୨୦୦୬ରେ ଏହି ସଫଳତା ହାସଲ କରିଥିଲା।

## ସୁଟ୍‌ଆଉଟ୍‌ରେ ଇଂଲଣ୍ଡଠୁ ହାରିଲା ଭାରତ

ଲଣ୍ଡନ,୨୬।୬: ଚଳିତ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ର ଲଣ୍ଡନ ଲେଗ୍‌ରେ ପାକିସ୍ତାନକୁ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ଶୁକ୍ରବାର ଘରୋଇ ଦଳ ଇଂଲଣ୍ଡଠୁ ହାରି ଯାଇଛି। କଡା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ୨-୨ ଗୋଲ୍‌ରେ ଶେଷ ହୋଇଥିଲା। ଫଳରେ ମ୍ୟାଚ୍ ସୁଟ୍‌ଆଉଟ୍‌କୁ ଯାଇଥିଲା। ଏଥିରେ ଭାରତ ୧-୪ରେ ପଛରେ ପଡି ପରାଜୟ ବରଣ କରି ୧ ପଏଣ୍ଟ୍‌ରେ ସନ୍ତୁଷ୍ଟ ରହିଛି।

ମ୍ୟାଚ୍‌ର ଦଶମ ମିନିଟ୍‌ରେ ଦିଲ୍‌ପ୍ରୀତ ସିଂହଙ୍କ ଫିଲ୍ଡ ଗୋଲ୍‌ରେ ଭାରତ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଡେଭିଡ୍ ଗୁଡଫିଲ୍ଡ (୨୯ ମିନିଟ୍)ଙ୍କ ଗୋଲ୍‌ରେ ଇଂଲଣ୍ଡ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲା। ତୃତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ହେଲେ ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟର ଶେଷ ୪ ମିନିଟ୍ ମ୍ୟାଚ୍‌ରେ ରୋମାଞ୍ଚ ଭରିଥିଲା। ୫୬ତମ ମିନିଟ୍‌ରେ ଇଂଲଣ୍ଡକୁ ମିଳିଥିବା ପେନାଲ୍‌ଟି କର୍ଣ୍ଣରକୁ ନିକୋଲାସ ବନ୍‌ଦୁରାକ ଗୋଲ୍‌ରେ ପରିଣତ କରି ଘରୋଇ ଦଳକୁ ଆଗୁଆ କରିଥିଲେ। ହେଲେ ଏହାର ଦୁଇ ମିନିଟ୍ ପରେ ଦିଲପ୍ରୀତ ସିଂହ (୫୮ ମିନିଟ୍) ଫିଲ୍ଡ ଗୋଲ୍ ଦେଇ ବ୍ୟକ୍ତିଗତ ଯୁଗଳ ସଫଳତା ପାଇବା ସହ ମ୍ୟାଚ୍‌କୁ ସମାନସ୍ତରକୁ ଆଣିଥିଲେ। ସୁଟ୍‌ଆଉଟ୍‌ରେ ଭାରତର କେବଳ ଅଧିନାୟକ ହର୍ମନପ୍ରୀତ ସିଂହ ଗୋଲ୍ କରିବାରେ ସଫଳ ହୋଇଥିଲେ।

## ଭାରତକୁ ହରାଇଲା ଆର୍ୟଲାଣ୍ଡ

ବେଲଫାଷ୍ଟ୨୬।୬: : ଆର୍ୟଲାଣ୍ଡ ଘରୋଇ ମାଟିରେ ଦମଦାର ପ୍ରଦର୍ଶନ କରିଛି। ଦଳ ପ୍ରଥମେ ନିର୍ଦ୍ଧାରିତ ୨୦ ଓଭରରେ ୯ୱିକେଟ୍ ହରାଇ ୧୮୨ ରନ୍ କରିଛି। ପରେ ବୋଲିଂ କ୍ଷେତ୍ରରେ ଦମଦାର ପ୍ରଦର୍ଶନ କରି ଭାରତକୁ ୧୪୮ ରନ୍‌ରେ ଅଟକାଇଛି। ୧୮୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଭାରତ ୧୮.୫ ଓଭରରେ ସମସ୍ତ ୱିକେଟ୍ ହରାଇଛି। ଫଳରେ ଘରୋଇ ଦଳ ଏହି ମ୍ୟାଚ୍‌କୁ ୩୪ ରନ୍‌ରେ ବିଜୟ ହାସଲ କରିଛି। ଏଥି ସହିତ ଭାରତ ବିପକ୍ଷରେ ଆର୍ୟଲାଣ୍ଡ ଐତିହାସିକ ବିଜୟ ହାସଲ କରିଛି। ଦୁଇ ମ୍ୟାଚ୍ ବିଶିଷ୍ଟ ଟି୨୦ ଶୃଙ୍ଖଳାର ପ୍ରଥମ ମୁକାବିଲା ସ୍ଥାନୀୟ ସିଭିଲ ସର୍ଭିସ କ୍ରିକେଟ୍ କ୍ଲବରେ ଖେଳାଯାଇଛି। ଏହି ମ୍ୟାଚ୍‌ରେ ଭାରତୀୟ କ୍ରିକେଟ୍ ଟିମ୍ ଟସ୍ ଜଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ଆର୍ୟଲାଣ୍ଡ ପାଇଁ ଅଧିନାୟକ ଲୋର୍କନ ଟକର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୩୬ଟି ବଲ୍ ଖେଳି ଥିଲେ ଏବଂ ୫ଟି ଚୌକା ଓ ୨ଟି ଛକା ବଳରେ ୫୦ ରନ୍ କରିତିଲେ।

ଆର୍ୟଲାଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଦଳ ୫୧ ରନ୍ ବେଳକୁ ଆଗଧାଡିର ୪ଜଣ ଖେଳାଳିଙ୍କୁ ହରାଇ ସାରିଥିଲା। ସ୍କୋର ୨୦ ରନ୍‌ରେ ପ୍ରାରମ୍ଭିକ ବ୍ୟାଟର ଟିମ୍ ଟେକଟର ଏବଂ ରସ ଆଦାଇର ଆଉଟ୍ ହୋଇଥିଲେ। ଉଭୟ ବ୍ୟାଟର



ଯଥାକ୍ରମେ ୧୭ ଏବଂ ୧୨ ରନ୍ କରିଥିଲେ। ଭାରତର ତୃତୀୟ ଶିକାର ହୋଇଥିଲେ ଟିମ କେଟକଟର, ଯିଏ କି ଖାତା ଖୋଲିପାରି ନଥିଲେ। ଆର୍ୟଲାଣ୍ଡ ନିଜର ଚତୁର୍ଥ ୱିକେଟ ଭାବେ ବେଞ୍ଜାମିନ୍ କଲିଟ୍ଟ (୧୫ରନ୍)ଙ୍କୁ ହରାଇଥିଲା।

ସେହିପରି ଲୋର୍କାନ ଟକର ଅର୍ଦ୍ଧଶତକ ଏବଂ ଜର୍ଜ ଡକରେଲ୍ ବ୍ୟକ୍ତିଗତ ଭାବେ ୧୯ ରନ୍ କରି ପାଭିଲିନ ଫେରି ଆସିଥିଲେ। ଆର୍ୟଲାଣ୍ଡ ପଞ୍ଚମ ଏବଂ ଷଷ୍ଠ ୱିକେଟ୍‌ରେ ଯଥାକ୍ରମେ ୬୪ ଏବଂ ୪୯ ରନ୍ ସଂଗ୍ରହ କରିଥିଲା। ଭାରତର ସପ୍ତମ ଶିକାର ହୋଇଥିଲେ ଗରେଥ ଡେଲାନି, ଯିଏକି ବ୍ୟକ୍ତିଗତ ଭାବେ ଦଳ ପାଇଁ ୪୯ ରନ୍ ଯୋଗଦାନ ଦେଇଥିଲେ। ସେ ୩୨ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଲିଆମ ମ୍ୟାକକାର୍ଥି ୭ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଭାରତୀୟ ଯୁବ ବୋଲର ହର୍ଷିତ ରାଣା ଭାରତ ପକ୍ଷରୁ ୩ଟି ୱିକେଟ୍ ନେଇଛନ୍ତି। ଦ୍ରୁତ ବୋଲର ଅର୍ଶଦୀପ ସିଂହ ଏବଂ ସ୍ପିନର ଅକ୍ଷର ପଟେଲ ୨-୨ ୱିକେଟ୍ ଅକ୍ତିଆର କରିଥିଲେ। ଶିଭମ ଦୁବେଙ୍କୁ ଗୋଟିଏ ୱିକେଟ ମିଳିଥିଲା।ଭାରତ ପାଇଁ ଅଭିଷେକ ଶର୍ମା ସର୍ବାଧିକ ୫୦ ରନ୍ କରିଥିବାବେଳେ ଦୁବେ ୨୫, ତିଲକ ୧୯ ରନ୍ କରିଥିଲେ। ସଂଜୁ ସାମସନ (୫), କିଷାନ (୧), ଆୟାର (୩), ସୁନ୍ଦର ୯ ବିଫଳ ହୋଇଥିଲେ।

# ରାଉଣ୍ଡ ୩୨କୁ ନେଦରଲାଣ୍ଡ୍‌ସ, ଜାପାନ, ସ୍ୱିଡେନ୍‌ର ଯୋଗ୍ୟତା

ଡାଲାସ୍,୨୬।୬: ଶୁକ୍ରବାର ଚଳିତ ବିଶ୍ୱକପ୍‌ର ଗ୍ରୁପ୍-ଏଫ୍‌ରୁ ନକ୍‌ଆଉଟ୍ ସ୍ଥାନ ପକ୍କା ହୋଇଛି। ନେଦରଲାଣ୍ଡସ (୭ ପଏଣ୍ଟ) ଗ୍ରୁପ୍ ଟପର୍ ଏବଂ ଜାପାନ (୫ ପଏଣ୍ଟ) ଦ୍ୱିତୀୟ ଏବଂ ସ୍ୱିଡେନ୍ (୪ ପଏଣ୍ଟ) ତୃତୀୟ ଦଳ ଭାବେ ରାଉଣ୍ଡ-୩୨କୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଶୁକ୍ରବାର ଭୋର୍‌ରେ ସମାନ୍ତରାଳ ଭାବେ ଏହି ଗ୍ରୁପ୍‌ର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରୁ ଗୋଟିଏ ଫଳାଫଳ ବାହାରିଥିଲା ବେଳେ ଅନ୍ୟଟି ଅମୀମାଂସିତ ରହିଥିଲା। କନ୍‌ସାସ୍ ଷ୍ଟାଡିୟମ୍‌ରେ ନେଦରଲାଣ୍ଡ୍‌ସ ୩-୧ ଗୋଲ୍‌ରେ ଟ୍ୟୁନିସିଆକୁ ପରାସ୍ତ କରିଥିଲା ବେଳେ ଡାଲାସ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ସ୍ୱିଡେନ୍ ଓ ଜାପାନ ମ୍ୟାଚ୍ ୧-୧ ଗୋଲ୍‌ରେ ଅମୀମାଂସିତ ରହିଥିଲା।

କନାସ୍ ଷ୍ଟାଡିୟମ୍‌ରେ ଟ୍ୟୁନିସିଆର ଭୁଲ୍ ପାଇଁ ତୃତୀୟ ମିନିଟ୍‌ରେ ନେଦରଲାଣ୍ଡ୍‌ସ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଟ୍ୟୁନିସିଆର ଏଲିୟସ୍ ସ୍କିର (୩ ମିନିଟ୍)ଙ୍କ ଆତ୍ମଘାତୀ ଦଳକୁ ପଛରେ ପକାଇଥିଲା। ଏହାର ୪ ମିନିଟ୍ ପରେ ଭିର୍ଗିଲ ଭାନ୍ ଡିକ୍‌ଙ୍କ ଏକ ସୁନ୍ଦର ପାସ୍‌କୁ ବ୍ରାଏନ୍ ବ୍ରବି (୭ ମିନିଟ୍) ଗୋଲ୍ ଦେଇ ନେଦରଲାଣ୍ଡ୍‌ସକୁ ୨-୦ରେ



ଆଗୁଆ କରିଥିଲେ। ଏହାପରେ ଆଉ ଗୋଲ୍ ନ ହେବାରୁ ପ୍ରଥମାର୍ଦ୍ଧ ୨-୦ରେ ନେଦରଲାଣ୍ଡ୍‌ସ ପକ୍ଷରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ନବମ ମିନିଟ୍‌ରେ ଟ୍ୟୁନିସିଆ ଗୋଟିଏ ଗୋଲ୍ ଶୁଝି ଦେଇଥିଲା। ହାନିବାଲ ମେଜବ୍ରିଙ୍କ ପାସ୍‌ରେ ହାଜାମ ମସେରି ଏହି ଗୋଲ୍ ଦେଇଥିଲେ। ୬୪ତମ ମିନିଟ୍‌ରେ ନେଦରଲାଣ୍ଡ୍‌ସର ଜାନ୍ ପେଲ ଭାନ୍ ହେକେ ଦଳ ପାଇଁ ତୃତୀୟ ଗୋଲ୍ ସ୍କୋର କରିଥିଲେ। ଏହି ଗୋଲ୍‌ରେ ଡିଜାନି ରାଇଜେଣ୍ଡର୍ସ ସହାୟତା କରିଥିଲେ। ଶେଷ ପର୍ଯ୍ୟନ୍ତ ଆଉ ଗୋଲ୍ ନ ହେବାରୁ ନେଦରଲାଣ୍ଡ୍‌ସ ୩-୧ରେ ବିଜୟ ବାନା ଉଡାଇଥିଲ। ଅନ୍ୟପକ୍ଷରେ ଟ୍ୟୁନିସିଆ ହ୍ୟାଟ୍ରିକ୍ ପରାଜୟ ସହ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା।

ନିଜ ନିଜର ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଜାପାନ ଓ ସ୍ୱିଡେନ୍ ପଏଣ୍ଟ ବାଣ୍ଟିଛନ୍ତି। କଡା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ରିତ୍‌ସୁ ଡୁଆନଙ୍କ ପାସ୍‌ରେ ଡାଇଜେନ୍ ମାଏଦା (୫୬ ମିନିଟ୍) ଗୋଲ୍ ଦେଇ ଜାପାନକୁ ଆଗୁଆ କରିଥିଲେ। ଜାପାନର ଏହି ଖୁସି ବେଶି ସମୟ ରହି ନଥିଲା। ଏହାର ୬ ମିନିଟ୍ ପରେ ସ୍ୱିଡେନ୍ ଗୋଲ୍‌ଟି ଶୁଝି ସ୍ଥିତି ବରାବର କରି ଦେଇଥିଲା। ଭିକ୍ଟୋର ୟୋକେରେସ୍‌ଙ୍କ ସହାୟତାରେ ଆନ୍ଥୋନି ଏଲାଙ୍ଗା (୬୨ ମିନିଟ୍) ଏହି ଗୋଲ୍‌ଟି ଦେଇଥିଲେ। ଶେଷ ପର୍ଯ୍ୟନ୍ତ କେହି କାହାକୁ ଗୋଲ୍ ଦେବାକୁ ସକ୍ଷମ ନ ହେବାରୁ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା। ଏହି ଅମୀମାଂସିତ ସହ ଜାପାନ ଲଗାତାର ତୃତୀୟ ଥର ଲାଗି ବିଶ୍ୱକପ୍‌ର ନକ୍‌ଆଉଟ୍ ସ୍ଥାନ ପକ୍କା କରିଥିଲା। ସେହିପରି ୨୦୧୮ ପରେ ସ୍ୱିଡେନ୍ ନକ୍‌ଆଉଟ୍‌ରେ ପହଞ୍ଚିଥିଲା। ୨୦୧୮ରେ କ୍ୱାର୍ଟରଫାଇନାଲ୍ ଖେଳିଥିବା ସ୍ୱିଡେନ୍ ୨୦୨୨ରେ ନକ୍‌ଆଉଟ୍ ପୂର୍ବରୁ ବିଦାୟ ନେଇଥିଲା।

## ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍: ବିଶ୍ୱର ୬ନଂଙ୍କୁ ହରାଇଲେ ରେନକ

ନୂଆଦିଲ୍ଲୀ,୨୬।୬: ଭାରତର ରେନକ ଚେହାନ ଚଳିତ ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଶୁକ୍ରବର ପୁରୁଷ ଏକକ ପ୍ରିକ୍ୱାର୍ଟରଫାଇନାଲ୍‌ରେ ବିଶ୍ୱ କନିଷ୍ଠ ପ୍ରତିଯୋଗିତା କାଂସ୍ୟ ବିଜେତା ତଥା ବିଶ୍ୱର ୮୦ ନମ୍ବର ଖେଳାଳି ରେନକ ୨୧-୧୭, ୨୬-୨୪ରେ ବିଶ୍ୱର ୬ ନମ୍ବର ତଥା ଶୀର୍ଷ ମାନ୍ୟତାପ୍ରାପ୍ତ ଚାଇନିଜ୍ ତାଇପେଇର ଚୋଉ ତିଏନ୍ ଚେନ୍‌ଙ୍କୁ ହରାଇ ବିଦାୟ ରାସ୍ତା ଦେଖାଇଛନ୍ତି। ୧୮ ବର୍ଷୀୟ ରେନକ କ୍ୱାର୍ଟରଫାଇନାଲ୍‌ରେ ଇସ୍ରାଏଲ୍‌ର ମିଶା ଜିବେରମାନ୍‌ଙ୍କୁ ଭେଟିବେ। ଅନ୍ୟଏକ ପୁରୁଷ ଏକକ ମୁକାବିଲାରେ କିଦାମ୍ବି ଶ୍ରୀକାନ୍ତ ୨୧-୧୪, ୨୧-୧୩ରେ ମାଲେସିଆର ଲି ଜ ଜିଆଙ୍କୁ ମାତ୍ ଦେଇ କ୍ୱାର୍ଟରରେ ପହଞ୍ଚିଛନ୍ତି। ସେହିଭଳି ମହିଳା ଏକକ କ୍ୱାର୍ଟରଫାଇନାଲ୍‌ରେ କନିଷ୍ଠ ବିଶ୍ୱ ରୌପ୍ୟ ବିଜୟିନୀ ତନ୍ୱୀ ଶର୍ମା, ରକ୍ଷିତା ଶ୍ରୀ, ଦେବିକା ସିହାଗ ପ୍ରବେଶ କରିଛନ୍ତି। ପଞ୍ଚମ ମାନ୍ୟତାପ୍ରାପ୍ତ ତନ୍ୱୀ ଓ ରକ୍ଷିତା ଯଥାକ୍ରମେ ଚାଇନିଜ୍ ତାଇପେଇର ଟୁଙ୍ଗ ଚିଉ ଟୋଙ୍ଗଙ୍କୁ ୨୧-୧୨, ୨୧-୧୯ରେ ଏବଂ ଚେନ୍ ସୁ ୟୁଙ୍କୁ ୨୧-୪, ୨୧-୧୯ରେ ହରାଇଛନ୍ତି। ଷଷ୍ଠ ମାନ୍ୟତାପ୍ରାପ୍ତ ଦେବୀକା ୨୧-୧୭, ୨୧-୧୯ରେ ଥାଇଲାଣ୍ଡର ତୋନରୁଗ ସାଏହେଙ୍ଗଙ୍କୁ ପରାସ୍ତ କରିଛନ୍ତି।

## ସୁନା ଦର ବୃଦ୍ଧିରୁ 'ଫିଫା ଟ୍ରଫି' ମୂଲ୍ୟ ୨ ଗୁଣରୁ ଅଧିକ

ନୂଆଦିଲ୍ଲୀ,୨୬।୬: ବିଶ୍ୱ ବଜାରରେ ସୁନା ଦରର ପ୍ରବଳ ବୃଦ୍ଧି ଯୋଗୁ ଫିଫା ବିଶ୍ୱକପ୍ ଟ୍ରଫିର ଧାତବ ବଜାର ମୂଲ୍ୟରେ ବଡ଼ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି । ଆର୍ଥିକ ବଜାର ତଥ୍ୟ ପ୍ରଦାନକାରୀ ସଂସ୍ଥା 'ଏଲ୍‌ଏସ୍‌ଇଜି'ର ରିପୋର୍ଟ ଅନୁଯାୟୀ, ୨୦୨୨ କାତାର ବିଶ୍ୱକପ୍ ସମୟ ତୁଳନାରେ ଚଳିତବର୍ଷ ଟ୍ରଫିରେ ଥିବା ସୁନାର ମୂଲ୍ୟ ଦୁଇ ଗୁଣରୁ ଅଧିକ ବୃଦ୍ଧି ପାଇଛି। ବର୍ତ୍ତମାନ ଏଥିରେ ଥିବା ସୁନାର ଆନୁମାନିକ ମୂଲ୍ୟ ପ୍ରାୟ ୭ ଲକ୍ଷ ୧୩ ହଜାର ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୬ କୋଟି ଟଙ୍କା)ରେ ପହଞ୍ଚିଛି। ଫିଫା ବିଶ୍ୱକପ୍‌ର ମୂଳ ଟ୍ରଫିଟି ସମ୍ପୂର୍ଣ୍ଣ ସୁନାରେ ତିଆରି। ଏହାର ମୋଟ ଓଜନ ୬.୧୭୫ କିଲୋଗ୍ରାମ ହୋଇଥିବାବେଳେ ଏହା ୧୮ କ୍ୟାରେଟ୍ ସୁନାରେ ପ୍ରସ୍ତୁତ। ସେଥିମଧ୍ୟରୁ ପ୍ରାୟ ୪.୯୩ କିଲୋଗ୍ରାମ ସମ୍ପୂର୍ଣ୍ଣ ଶୁଦ୍ଧ ସୁନା ରହିଛି। 'ଏଲ୍‌ଏସ୍‌ଇଜି'ର ମେଟାଲ୍ସ ରିସର୍ଚ୍ଚ ବିଭାଗର ମୁଖ୍ୟ ବିଶ୍ଲେଷକ ଦେବଜିତ ସାହା ଏକ ବିବୃତିରେ କହିଛନ୍ତି ଯେ, ବିଶ୍ୱକପ ଟ୍ରଫିକୁ ହାତେଇବା ଯେକୌଣସି ଦଳ ପାଇଁ ଅମୂଲ୍ୟ ହୋଇଥାଏ, ମାତ୍ର ଏହାର ସୁନା ପରିମାଣକୁ ଆକଳନ କଲେ ଜଣାପଡ଼ ଯେ ବିଗତ ବର୍ଷଗୁଡ଼ିକରେ ଏହି ମୂଲ୍ୟବାନ ଧାତୁର ଆଦର ଓ ଦର କେତେ ଦ୍ରୁତଗତିରେ ବଢ଼ିଛି।




କାତାର ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ବିଜେତା ହୋଇଥିଲା, ସେତେବେଳେ ଏହି ଟ୍ରଫିର ସୁନା ମୂଲ୍ୟ ପ୍ରାୟ ୨ ଲକ୍ଷ ୭୭ ହଜାର ଡଲାର ଥିଲା। ୧୯୭୪ ମସିହାରେ ଯେତେବେଳେ ଚଳିତ ଡିଜାଇନ୍‌ର ଟ୍ରଫି ପ୍ରଥମେ ପ୍ରଚଳନ କରାଯାଇଥିଲା, ସେତେବେଳେ ଏହାର ମୂଲ୍ୟ ମାତ୍ର ୨୫ ହଜାର ଡଲାର ରହିଥିଲା।

ବିଶ୍ୱର ଅନ୍ୟ କୌଣସି ପ୍ରମୁଖ ଖେଳର ମୁଖ୍ୟ ଟ୍ରଫି ସମ୍ପୂର୍ଣ୍ଣ ସୁନାରେ ତିଆରି ହୋଇ ନ ଥାଏ। ୟୁଫା ଚାମ୍ପିୟନ୍ସ ଲିଗ୍ ଏବଂ ୟୁରୋପା ଲିଗ୍ ଫୁଟ୍‌ବଲ ଟ୍ରଫିଗୁଡ଼ିକ ରୁପା (ଷ୍ଟର୍ଲିଂ ସିଲଭର)ରେ ତିଆରି, ଯାହାର ମୂଲ୍ୟ ଯଥାକ୍ରମେ ୧୬,୯୫୦ ଡଲାର ଏବଂ ୨୨,୬୦୦ ଡଲାର। ଆମେରିକୀୟ କ୍ରୀଡ଼ା ଜଗତର ମୋଟର ରେସିଂ କ୍ଷେତ୍ରରେ ଦିଆଯାଉଥିବା 'ବର୍ଗ-ୱାର୍ନର' ଟ୍ରଫି ସବୁଠାରୁ ଭାରି (୬୯ କିଲୋଗ୍ରାମ ରୁପା), ଯାହାର ମୂଲ୍ୟ ପ୍ରାୟ ୧ ଲକ୍ଷ ୫୬ ହଜାର ଡଲାର ଏବଂ ଫୁଟ୍‌ବଲ 'ସୁପର ବୋଲ୍' ପ୍ରତିଯୋଗିତାର ଚାମ୍ପିୟନ୍‌କୁ ଦିଆଯାଉଥିବା 'ଭିନ୍ସ ଲୋମ୍ବାର୍ଡି' ଟ୍ରଫିର ରୁପା ମୂଲ୍ୟ ପ୍ରାୟ ୭,୨୩୦ ଡଲାର। ସେହିପରି ଆମେରିକାର ଲୋକପ୍ରିୟ କ୍ରୀଡ଼ା ତଥା ବିଶ୍ୱର ସବୁଠାରୁ ଦ୍ରୁତଗାମୀ ଓ କ୍ଲାସିକ ଘୋଡ଼ା ଦୌଡ଼ ପ୍ରତିଯୋଗିତା ମଧ୍ୟରୁ ଅନ୍ୟତମ 'ପ୍ରେକ୍‌ନେସ ଷ୍ଟେକ୍ସ'ର ବିଜେତାଙ୍କୁ ପ୍ରଦାନ କରାଯାଉଥିବା 'ଉଡ୍‌ଲନ ଭେସ୍' ପୁରସ୍କାରର ମୂଲ୍ୟ ପ୍ରାୟ ୨୪,୮୬୦ ଡଲାର। ଏହି ସମସ୍ତ ପୁରସ୍କାର ତୁଳନାରେ ଫିଫା ବିଶ୍ୱକପ୍ ଟ୍ରଫିର ସୁନା ମୂଲ୍ୟ ବହୁ ଗୁଣ ଅଧିକ। ସୂଚନାଯୋଗ୍ୟ, ଜୁନ ୧୧ ତାରିଖରୁ ଆମେରିକା, ମେକ୍ସିକୋ ଓ କାନାଡ଼ାରେ ୨୦୨୬ ଫିଫା ବିଶ୍ୱକପ୍ ଆରମ୍ଭ ହୋଇସାରିଛି ଏବଂ ଏଥିରେ ୩୨ ବଦଳରେ ପ୍ରଥମ ଥର ପାଇଁ ୪୮ଟି ଦେଶ ଭାଗ ନେଉଛନ୍ତି।

# ଅନିମେଷଙ୍କୁ ଏସୀୟ କ୍ରୀଡା ଯୋଗ୍ୟତା

## ଜୟରାମଙ୍କୁ ରୌପ୍ୟ, ସଫଳ ହେଲେନି ଶ୍ରାବଣୀ

ଭୁବନେଶ୍ୱରଲ,୨୬।୬: ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୬୫ତମ ଅନ୍ତଃରାଜ୍ୟ ଆଥଲେଟିକ୍ସ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଓଡିଶାକୁ ମିଳିଛି ବଡ ଖୁସି ଖବର। ପୁରୁଷ ୨୦୦ ମିଟରରେ ଓଡିଶାର ଅନିମେଷ କୁଜୁର ସ୍ୱର୍ଣ୍ଣ ପଦକ ଜିତିବା ସହ ଜାପାନର ଆଇଚି-ନାଗୋୟାଠାରେ ଖେଳାଯିବାକୁ ଥିବା ଏସୀୟ କ୍ରୀଡା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

ଅନିମେଷ ୨୦.୭୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିଥିଲା ବେଳେ ଅନ୍ୟତମ ଓଡିଶା ତାରକା ମୃତ୍ୟୁମ ଜୟରାମ ଦଣ୍ଡପତି (୨୦.୯୭) ଦ୍ୱିତୀୟ ସ୍ଥାନରେ ରହି ଘରୋଇ ଦଳକୁ ୱାନ୍-ଟୁ ଫିନିସ୍‌ର ଖୁସି ଉପହାର ଦେଇଥିଲେ। ମହେନ୍ଦ୍ର ସାନ୍ତା ଫାଇନାଲ୍‌କୁ ଯାଇ ପାରି ନଥିଲେ। ପୁରୁଷ ଡେକାଥଲନାରେ ଓଡିଆ ତାରକା ଯଶବୀର ନାୟକ ୭୧୩୧ ପଏଣ୍ଟ୍ ସହ ତୃତୀୟ ସ୍ଥାନରେ ରହିଛନ୍ତି।

ପ୍ରତିଯୋଗିତାର ପ୍ରଥମ ଦିନରେ ମହିଳା ୧୦୦ ମିଟର ହର୍ଡଲ୍‌ସରେ ପ୍ରଜ୍ଞା




ପ୍ରଶାନ୍ତି ସାହୁ କାଂସ୍ୟ ପଦକ ଜିତିଥିଲେ। ଯାହା ରାଜ୍ୟ ପାଇଁ ଥିଲା ପ୍ରଥମ ପଦକ। ପ୍ରଥମ ଦିନରେ ମହିଳା ହର୍ଡଲ୍‌ସରେ ଏସୀୟ କ୍ରୀଡା ଯୋଗ୍ୟତା ହାସଲ କରିଥିବା ଆନ୍ଧ୍ରପ୍ରଦେଶର ଜ୍ୟୋତି ୟାରାଜୀ ୨୦୦ ମିଟରରେ ଏସୀୟ କ୍ରୀଡା ଯୋଗ୍ୟତାରୁ ବଞ୍ଚିତ ହୋଇଛନ୍ତି। ଏହି ଇଭେଣ୍ଟରେ ଖେଳିଥିବା ଦୁଇ ଓଡିଆ ତାରକା ଶ୍ରାବଣୀ ନନ୍ଦ ଓ ମେସୁମୀ ରାଓ ଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ନଥିଲେ।

ସେହିଭଳି ପୁରୁଷ ୮୦୦ ମିଟରରେ କେରଳର ମହମ୍ମଦ ଅଫଜଲ ପି , ମହିଳା ସଟ୍‌ପୁଟର୍ କୃଷ୍ଣା ଜୟଶଙ୍କର, ମନପ୍ରୀତ୍ କୌର ମଧ୍ୟ ଏସୀୟ କ୍ରୀଡା ଯୋଗ୍ୟତା ମାନଦଣ୍ଡ ଛୁଇଁଛନ୍ତି। ଜି ସିନ୍ଧୁଶ୍ରୀଙ୍କ ସହ ବରାନିକା ଏଲନଗୋଭନ ମହିଳା ପୋଲ୍‌ଭଲ୍ଟରେ ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଯୋଗ୍ୟତା ହାସଲ କରିଛନ୍ତି। ସିନ୍ଧୁଶ୍ରୀ ଏହି ଇଭେଣ୍ଟ୍‌ରେ ଜାତୀୟ କୀର୍ତ୍ତିମାନ ହାସଲ କରିବା ବ୍ୟକ୍ତିଗତ ଭାବେ ତାଙ୍କ ପାଇଁ ଯୁଗଳ ମାଇଲ୍‌ଖୁଣ୍ଟ ହୋଇଛି।

## ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ବିଜୟର

ନୂଆଦିଲ୍ଲୀ,୨୬।୬: ବିଶ୍ୱ କନିଷ୍ଠ ଚାମ୍ପିଅନ୍‌ସିପ୍ ରୌପ୍ୟ ବିଜୟିନୀ ତନବୀ ଶର୍ମା ଓ ଥାଇଲାଣ୍ଡ ମାଷ୍ଟର ବିଜେତା ଦେବୀକା ସିହାଗ ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ଏକକ ପ୍ରଥମ ରାଉଣ୍ଡ ମୁକାବିଲାରେ ତନ୍ୱୀ ୨୩-୨୧, ୨୧-୧୬ରେ ଜର୍ମାନୀର ୟିଭୋନେ ଲିଙ୍କୁ ଏବଂ ଦେବୀକା ୨୧-୧୪, ୨୧-୧୪ରେ ପେରୁର ଏଲ୍‌ନେସ୍ ଲୁସିଆ କାଷ୍ଟିଲୋଙ୍କୁ ପରାସ୍ତ କରିଲେ। ସେହଭିଳି ରକ୍ଷିତା ଶ୍ରୀ ୨୧-୧୫ ଓ ୨୧-୮ରେ ଚେକ୍ ଗଣରାଜ୍ୟର ତେରେଜା ସ୍ୱବିକୋଭାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ପୁରୁଷ ଏକକରେ ଦୁଇ ମ୍ୟାଚ୍‌ରେ ଭାରତୀୟଙ୍କ ମଧ୍ୟରେ ଲଢ଼େଇ ହୋଇଥଲୋ। ପଞ୍ଚମ ମାନ୍ୟତାପ୍ରାପ୍ତ କିଦାମ୍ବି ଶ୍ରୀକାନ୍ତ ୨୧-୧୪, ୨୧-୧୨ରେ ଡି ସନୀତଙ୍କୁ ଏବଂ ରୌନକ ଚୌହାନ ୨୩-୨୧, ୨୧-୧୬ରେ ପୂର୍ବତନ ବିଶ୍ୱ କନିଷ୍ଠ ରୌପ୍ୟ ବିଜେତା ଏସ୍ ଶଙ୍କର ମୁଥୁସ୍ୱାମୀଙ୍କୁ ପରାସ୍ତ କରି ଆଗକୁ ବଢ଼ିଛନ୍ତି। ମିଶ୍ରିତ ଯୁଗଳରେ ଭାରତୀୟ ଯୋଡି ଧ୍ରୁବ ରାୱତ ଓ କେ ମନୀଷା ୨୧-୧୫, ୨୧-୧୬ରେ ଇଣ୍ଡୋନେସିଆର ୱିରାୱନ ଇସାନ ଆଦମ ଓ ସେରେନା କାନିଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ସ୍ଥାନ ନିଶ୍ଚିତ କରିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _
Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982